

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୬ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 06 August 2025

Vol.No. 36 ■ No.206 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଭାରତକୁ ପୁଣିଥରେ ଧମକ ଦେଲେ ଟ୍ରମ୍ପ

## ଭାରତ ଭଲ ପାର୍ଟନର୍ ନୁହେଁ, ୨୪ ଘଣ୍ଟା ଭିତରେ ବଡ଼ ଆହ୍ୱାନ



ନୂଆଦିଲ୍ଲୀ,୫/୮ : ଆମେରିକାର ଟାର୍ଗେଟ୍ ବିରୁଦ୍ଧରେ ଋଷ ଭାରତକୁ ସମର୍ଥନ କରିବା ପରେ ପୁଣି ଧମକ ଦେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେ କହିଛନ୍ତି ଯେ ଭାରତ ଆଉ ଭଲ ବାଣିଜ୍ୟ ସହଯୋଗୀ ହୋଇ ରହି ନାହିଁ। ୨୪ ଘଣ୍ଟା ଭିତରେ ଆମେ ମୋଟା ଅଙ୍କର ଟାରିଫ ଲଗାଇବୁ ଯାଉଛୁ। ଋଷରୁ ତେଲ କିଣିବା ନେଇ ଭାରତ ଉପରେ ଚାପ ସୃଷ୍ଟି କରିବାକୁ ଟ୍ରମ୍ପ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଭାରତ ଉପରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅତିରିକ୍ତ ଶୁଳ୍କ ଲଗାଯିବ ବୋଲି ସେ ଚେତାବନୀ ଜାରି କରିଛନ୍ତି। ବୁଧବାର ଟ୍ରମ୍ପ ଆମେରିକା ଗଣମାଧ୍ୟମ ସିଏନ୍‌ବିସିକୁ ପ୍ରତିକ୍ରିୟା ଦେଇ କହିଛନ୍ତି "ଭାରତ ଏକ ଭଲ ବାଣିଜ୍ୟିକ ସହଯୋଗୀ ହୋଇ ନାହିଁ, କାରଣ ସେମାନେ ଆମ ସହିତ ବହୁତ ବ୍ୟବସାୟ କରୁଛନ୍ତି, କିନ୍ତୁ ଆମେ ସେମାନଙ୍କ ସହିତ ବ୍ୟବସାୟ କରୁ କରିପାରୁ ନାହୁଁ। ତେଣୁ ଆମେ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ସ୍ଥିର କରିଥିଲୁ, କିନ୍ତୁ ଭାବୁଛି ମୁଁ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହାକୁ ବଡ଼ ଧରଣରେ ବୃଦ୍ଧି କରିବି। କାରଣ ସେମାନେ ରୁଷୀୟ ତେଲ କିଣୁଛନ୍ତି। ସେମାନେ ଯୁଦ୍ଧ ମେସିନକୁ ଇନ୍ଧନ ଯୋଗାଇବା ଭଳି କାମ କରୁଛନ୍ତି।" ୩୦ ଜୁଲାଇରେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବା ପରେ ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାତର ଭାରତକୁ ଟାର୍ଗେଟ୍ କରି ଚାଲିଛନ୍ତି। ଋଷ ଠାରୁ ତେଲ ଓ ଅସ୍ତ୍ରଶସ୍ତ୍ର କିଣୁଥିବାରୁ ଟ୍ରମ୍ପଙ୍କ ଟାର୍ଗେଟ୍‌ରେ ରହିଛି ଭାରତ। ଋଷ ବ୍ୟବସାୟ ପାଇଁ ଭାରତ ଉପରେ ଫାଇନ ଲଗାଇବେ ବୋଲି ଟ୍ରମ୍ପ ପୂର୍ବରୁ ଘୋଷଣା କରିଥିଲେ। ଏବେ ମିଡିଆକୁ ପ୍ରତିକ୍ରିୟା ଦେଇ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଭାରତ ବିରୁଦ୍ଧରେ ବଡ଼ ଶୁଳ୍କ ବୃଦ୍ଧି କରାଯିବ ବୋଲି ସେ ଧମକ ଦେଇଛନ୍ତି। ଏହା ପୂର୍ବରୁ ସୋମବାର ଟ୍ରମ୍ପ ଭାରତ ବିରୋଧରେ ବିଷୋଦ୍‌ଗାର କରିଥିଲେ। ସେ କହିଥିଲେ ଯେ ଭାରତ ଋଷ ଠାରୁ ତେଲ କିଣି ଓପନ ମାର୍କେଟ୍‌ରେ ଏହାକୁ ବିକ୍ରି କରି ଭଲ ଲାଭ କମାଉଛି। ଋଷର ଯୁଦ୍ଧ ମେସିନ ଦ୍ୱାରା ୟୁକ୍ରେନରେ କେତେ ଲୋକ ମରୁଛନ୍ତି ତାହା ସେମାନଙ୍କୁ ଚିନ୍ତା ନାହିଁ। ଏଥିପାଇଁ ମୁଁ ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ଯଥେଷ୍ଟ ବୃଦ୍ଧି କରିବି ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପଙ୍କ ବାରମ୍ବାର ଆକ୍ରମଣ ପରେ ଭାରତ ସମର୍ଥନରେ ବାହାରିଛି ଋଷ। ସମସ୍ତଙ୍କର ସ୍ୱାଧୀନ ଭାବେ ବ୍ୟବସାୟ କରିବାର ଅଧିକାର ରହିଛି ବୋଲି ଋଷ କହିଛି। ଧମକ ଚମକ ଦେଇ ଆମେରିକା ଋଷର ବାଣିଜ୍ୟ ସହଯୋଗୀଙ୍କ ଠାରୁ ସମ୍ପର୍କ ଛିନ୍ନ କରିବାକୁ ଚାହୁଁଛି। ଆମେରିକା ବେଆଇନ ଭାବେ ଏଭଳି ଟାର୍ଗେଟ୍ କରୁଛି ବୋଲି ଋଷ ପ୍ରବକ୍ତା ଦିମିତ୍ରି ପେସ୍‌କୋଭ କହିଛନ୍ତି।

# ଜମ୍ମୁ-କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ପରଲୋକ



ନୂଆଦିଲ୍ଲୀ,୫/୮ : ଜମ୍ମୁ-କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ପରଲୋକ। ଦୀର୍ଘଦିନ ଧରି ଅସୁସ୍ଥ ଥିବା ସତ୍ୟପାଲଙ୍କୁ ୭୯ ବର୍ଷ ବୟସ ହୋଇଥିଲା । ଜମ୍ମୁ- କାଶ୍ମୀର ସମେତ ବିହାର, ଗୋଆ, ମେଘାଳୟ, ଓଡ଼ିଶାର ରାଜ୍ୟପାଳ, ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଥିବା ସତ୍ୟପାଲ ଏକଦା ସରକାରଙ୍କ ଘନିଷ୍ଠ ଥିଲେ। ପରେ ପାଲଟି ଯାଇଥିଲେ ସମାଲୋଚକ । ଏଥିପାଇଁ ଚର୍ଚ୍ଚାରେ ଥିଲେ । ୨୦୧୮ ଅଗଷ୍ଟରୁ ୨୦୧୯ ପର୍ଯ୍ୟନ୍ତ ସତ୍ୟପାଲ ମଲିକ ଜମ୍ମୁ- କାଶ୍ମୀର ରାଜ୍ୟପାଳ ଥିଲେ । ତାଙ୍କରି ସମୟରେ ୨୦୧୯ ଅଗଷ୍ଟ ୫ ତାରିଖରେ ଜମ୍ମୁ- କାଶ୍ମୀରରୁ କେନ୍ଦ୍ର ସରକାର ଧାରା ୩୭୦ ଉଚ୍ଛେଦ କରି ରାଜ୍ୟକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ କରିଦେଇଥିଲେ । ଆଜି ଏହି ଦିନକୁ ୬ ବର୍ଷ ପୂରୁଥିବା ବେଳେ ସତ୍ୟପାଲ ମଲ୍ଲିକଙ୍କ ଦେହାନ୍ତ ହୋଇଛି । ୨୦୧୯ରେ ପୁଲୱାମା ଆକ୍ରମଣ ହୋଇଥିଲା। ଏଥିରେ ସୁରକ୍ଷା ତ୍ରୁଟି ଅଭିଯୋଗ ଓ କେରୁ ହାଇଡ୍ରୋ ପାୱାର ଯୋଜନାରେ ଦୁର୍ନୀତି ନେଇ ବିବାଦକୁ ଆସିଯାଇଥିଲେ ଓ ବିଜେପିର ସମାଲୋଚକ ପାଲଟି ଯାଇଥିଲେ। କେରୁ ହାଇଡ୍ରୋପାୱାର ମାମଲାରେ ସିବିଆଇ ତଦନ୍ତର ସମ୍ମୁଖୀନ ହୋଇଥିଲେ । ତାଙ୍କ ବିରୋଧରେ ସିବିଆଇ ଚାର୍ଜସିଟ୍ ଦାଖଲ କରିଥିଲା । ଉତ୍ତର ପ୍ରଦେଶର ୧୯୪୬ରେ ଜନ୍ମଗ୍ରହଣ କରିଥିବା ସତ୍ୟପାଲ ରାମ ମନୋହର ଲୋହିଆଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ ସତ୍ୟପାଲ । ଛାତ୍ର ଜୀବନରୁ ରାଜନୀତି ସହ ଜଡ଼ିତ ଥିଲେ ଓ ୧୯୭୪ରେ ଚରଣ ସିଂହଙ୍କ ଭାରତୀୟ କ୍ରାନ୍ତି ଦଳ ଟିକେଟରେ ଉତ୍ତର ପ୍ରଦେଶ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପରେ ସାଂସଦ ଓ କେନ୍ଦ୍ରମନ୍ତ୍ରୀରୁ ରାଜ୍ୟପାଳ ହେବା ପର୍ଯ୍ୟନ୍ତ ନୀତି ଆଦର୍ଶ ପାଇଁ ବହୁ ଦଳ ବଦଳ କରିଥିଲେ ▶▶ପୃଷ୍ଠା ୭

# ସରକାରୀ କଳରୁ ବିଦା ହେବେ ଅପାରଗ ବାବୁ

ଭୁବନେଶ୍ୱର, ୦୫/୮ (ନି.ପ୍ର): ସରକାରୀ ଅଫିସରୁ ବିଦା ହେବେ ଅପରାଗ ବାବୁ। ନିୟମ ଅନୁଯାୟୀ କାମ କରୁନଥିଲେ ଦିଆଯିବ ବାଧ୍ୟତାମୂଳକ ଅବସର। ବିଭିନ୍ନ ସରକାରୀ ଅଫିସରେ ଥିବା ଏଭଳି କାମ ଚୋର୍ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟର ତଥ୍ୟ ମାଗିଲେ ମୁଖ୍ୟ ଶାସନ ସଚିବ। ୭ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ସବୁ ବିଭାଗକୁ ହୋଇଛି କଡ଼ା ନିର୍ଦ୍ଦେଶ। ଯାହାକି ନିର୍ଦ୍ଦିଷ୍ଟ ଫର୍ମାଟରେ ମଗାଯାଇଛି। ସୂଚନା ଅନୁସାରେ- କେଉଁ ବିଭାଗରେ କେତେ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରଧୀନ ରହିଛି ? ମାସକରେ କେଉଁ କର୍ମଚାରୀ କେତେ ଦିନ କାମ କରୁଛନ୍ତି ? କେତେ ଅଧିକାରୀ କେତେ ଥର ଫିଲ୍ଡ ଭିଜିଟ୍ କରିଛନ୍ତି ? କାମ କରୁନଥିବା କେତେ ଅଧିକାରୀଙ୍କୁ ବାଧ୍ୟତାମୂଳକ ▶▶ପୃଷ୍ଠା ୭

# ବାଜିନି ବିଗୁଲ: ତେଜିଲାଣି ଛାତ୍ର ରାଜନୀତି



ଭୁବନେଶ୍ୱର, ୦୫/୮ (ନି.ପ୍ର): ସଙ୍କେତ ଦେଖି ସରଗରମ କ୍ୟାମ୍ପସ ପଲିଟିକ୍ସ। ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା ନହେଉଣୁ କ୍ଷେତ୍ର ପ୍ରସ୍ତୁତିରେ ମାତିଲେଣି ଛାତ୍ର ସଂଗଠନ। ଉଚ୍ଚ ଶିକ୍ଷାନୁଷ୍ଠାନକୁ ନୂଆ ବ୍ୟାଚ୍ ଆସୁଆସୁ ଏବିଭିପି ଓ ବିଜୁ ଛାତ୍ର ଜନତା ଦଳ ଖୋଲି ଦେଲେଣି ନିଜ ନିଜର ହେଲ୍ପ ଡେସ୍କ। ନବାଗତ ଭୋଟରଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଚାଲିଲାଣି ଛକାପଞ୍ଝା। ଯେହେତୁ ଆଡମିଶନ ପ୍ରକ୍ରିୟା ଏକପ୍ରକାର ଶେଷ ପର୍ଯ୍ୟାୟରେ, ତେଣୁ କିଭଳି ଜୋରଦାର ତୟାରିରେ ବିଭିନ୍ନ ଷ୍ଟୁଡେଣ୍ଟ ୟୁନିୟନ, ବ୍ୟାନର ଓ ପୋଷ୍ଟରରୁ ସେ ଚିତ୍ର ବି ସାମ୍ନାକୁ ଆସିଲାଣି। ବିଶ୍ୱବିଦ୍ୟାଳୟରୁ କଲେଜ ଯାଏଁ, ସବୁଠି ଅନୁଭୂତ ହେଲାଣି ଛାତ୍ର ରାଜନୀତିର ତାତି। ୨୦୧୭ ମସିହାରେ ଶେଷ ଥର ପାଇଁ ହୋଇଥିଲା ରାଜ୍ୟରେ କଲେଜ ଭୋଟ୍। ୨୦୧୮ରେ ତତ୍କାଳୀନ ବିଜେଡି ସରକାର ସମୟରୁ ଏହା ବନ୍ଦ ରହିଛି, ହେଲେ ମୋହନ ସରକାର କ୍ଷମତାକୁ ଆସିବା ପରେ ପୁଣି ଛାତ୍ର ସଂସଦ ନିର୍ବାଚନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ▶▶ପୃଷ୍ଠା ୭

# ଲାଞ୍ଚ ନେଉଥିବା ବେଳେ ଏଏସ୍‌ଆଇଙ୍କୁ ଧରିଲା ଭିଜିଲାନ୍ସ

ରାଇରଙ୍ଗପୁର, ୦୫/୮ (ନି.ପ୍ର): ଦିନ ଦ୍ୱିପହରେ ଖୁଲମଖୁଲା ଲାଞ୍ଚ ନେଉଥିବା ପୁଲିସ ଏଏସ୍‌ଆଇଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଥାନାରୁ ଏକ ବାଇକ୍ ରିଲିଜ୍ କରିବାକୁ ଏଏସ୍‌ଆଇଙ୍କ ଟଙ୍କା ନେଉଥିବା ଭିଡିଓ ଭାଇରାଲ ଘଟଣା ପୁଲିସ ବିଭାଗ ଉପରେ କଳଙ୍କ ବୋଳି ଦେଇଛି । ପୁଲିସ ବାବୁ ଜଣକ ମୋଟା ଅଙ୍କର ବେତନ ପାଉଥିବା ବେଳେ ପୁଣି ଲାଞ୍ଚ ନେଉଥିବା ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । ଏ ପୁଲିସ ବାବୁ ଜଣକ ହେଉଛନ୍ତି ମୟୂରଭଞ୍ଜଜିଲ୍ଲା ରରୁଆଁ ଥାନାର ଏଏସଆଇ ମୀନକେତନ ପ୍ରଧାନ। ଜଣେ ଲୋକଙ୍କ ବାଇକ୍ ଥାନାରୁ ଛାଡ଼ିବା ପାଇଁ ପୁଲିସ ବାବୁ ଜଣକ ଟଙ୍କା ଲାଞ୍ଚ ନେଉଥିବା ବେଳେ ଅନ୍ୟ ଜଣେ ଯୁବକ ଏହାକୁ ମୋବାଇଲ କ୍ୟାମେରାରେ କଏଦ କରିଥିଲେ । ଭିଡ଼ିଓରେ ପୁଲିସ ବାବୁ ଜଣକ ପଚାରୁଛନ୍ତି ଏହା ଚୋରି ଗାଡ଼ି ନୁହଁ ତ ? ▶▶ପୃଷ୍ଠା ୭

# ବଲଙ୍ଗା ନାବାଳିକା ପୋଡ଼ି ଘଟଣା: ୩ ଦୁର୍ବୃତ୍ତଙ୍କ ଗିରଫ ଦାବି କଲା କଂଗ୍ରେସ

ଭୁବନେଶ୍ୱର, ୦୫/୮ (ନି.ପ୍ର): ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା ବିରୁଦ୍ଧରେ ସପ୍ତାହବ୍ୟାପି ଚୂଡାନ୍ତ କାର୍ଯ୍ୟକ୍ରମ ଘୋଷିତ ହୋଇଛି। ଆସନ୍ତା ୮ ତାରିଖ ଶୁକ୍ରବାର ବଲଙ୍ଗା ନାବାଳିକା ପୋଡ଼ି ଘଟଣାର ୩ ଦୁର୍ବୃତ୍ତଙ୍କ ଗିରଫ ଦାବିରେ କଟକସ୍ଥିତ ପୁଲିସ୍ ଡିଜି କାର୍ଯ୍ୟାଳୟକୁ ସହସ୍ର ସଂଖ୍ୟାରେ କଂଗ୍ରେସ କର୍ମୀ ଘେରାଉ କରିବେ। ସେଦିନ ସକାଳ ୧୦ ଟାରେ ଘେରାଉ କାର୍ଯ୍ୟକ୍ରମ ଆରମ୍ଭ ହେବ। ମହିଳାଙ୍କ ସୁରକ୍ଷା ଦିଗରେ ସଚେତନ ମହିଳା ଓ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ଓ ସଂଗଠନ ବହୁ ସଂଖ୍ୟାରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ▶▶ପୃଷ୍ଠା ୭

# ଶ୍ରୀମନ୍ଦିର ସୁରକ୍ଷାକୁ ନୂଆ ବିପଦ ଚଷମା କ୍ୟାମେରା



ଭୁବନେଶ୍ୱର, ୦୫/୮ (ନି.ପ୍ର): ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନ। ପୁଣି ଧରାପଡ଼ିଲା କ୍ୟାମେରା ସଂଯୁକ୍ତ ଚଷମା। ଗଲା ୮ ଦିନ ଭିତରେ ଶ୍ରୀମନ୍ଦିର ଭିତରେ ଓ ବାହାରେ ହିଡେନ୍ କ୍ୟାମେରା ଯୁକ୍ତ ଚଷମା ପିନ୍ଧି ଧରାପଡ଼ିଲେଣି ୩ ଯୁବକ। ଜୁଲାଇ ୨୯ରେ ଗୁପ୍ତ କ୍ୟାମେରା ଥିବା ଚଷମା ପିନ୍ଧି ବେହରଣ ଦ୍ୱାର ଯାଏଁ ପ୍ରବେଶ କରିଥିଲେ ପୁରୀର ଅଭିଜିତ କର। ଅଗଷ୍ଟ ୪ରେ ଗୁଜରାଟର ବିପୁଲ ପାଲ ନାମକ ଯୁବକ ଶ୍ରୀମନ୍ଦିର କୀର୍ତ୍ତନ ଚକଡ଼ାରେ ବୁଲୁଥିବା ବେଳେ ତାଙ୍କଠୁ ଜବତ ହୋଇଥିଲା ସ୍ମାର୍ଟ କ୍ୟାମେରା ଯୁକ୍ତ ଚଷମା ଓ ମୋବାଇଲ୍। ▶▶ପୃଷ୍ଠା ୭

# କ୍ଷମତାରୁ ହଟିବେ ୟୁନୁସ: ବାଂଲାଦେଶରେ ଫେବ୍ରୁଆରି ୨୦୨୬ରେ ହେବ ନିର୍ବାଚନ

ନୂଆଦିଲ୍ଲୀ,୫/୮ : ଢାକା ବାଂଲାଦେଶରେ ଶେଖ ହାସିନାଙ୍କ ଶାସନର ପତନର ଗୋଟିଏ ବର୍ଷ ପୂରଣ ଅଗଷ୍ଟ ୮ରେ ହେବାକୁ ଯାଉଛି। ଏହି ଅବସରରେ, ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ଦେଶକୁ ସମ୍ବୋଧିତ କରିଛନ୍ତି। ନିଜ ଅଭିଭାଷଣରେ, ସେ ଘୋଷଣା କରିଛନ୍ତି ଯେ, ଦେଶର ତ୍ରୟୋଦଶ ସଂସଦୀୟ ନିର୍ବାଚନ ଫେବ୍ରୁଆରି ୨୦୨୬ ରେ ଅନୁଷ୍ଠିତ ହେବ, ଯାହା ବାଂଲାଦେଶର ଗଣତାନ୍ତ୍ରିକ ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ। ▶▶ପୃଷ୍ଠା ୭

# ଓଟିଇଟି ପ୍ରଶ୍ନପତ୍ର କେଳେଙ୍କାରୀ: ନିହାର - ଶ୍ରୀକାନ୍ତ ଯୋଡ଼ି




ଭୁବନେଶ୍ୱର, ୦୫/୮ (ନି.ପ୍ର): ଓଟିଇଟି ପ୍ରଶ୍ନପତ୍ର ଲିକର ଗୁମର ଖୋଲୁ ଖୋଲୁ ଆଗକୁ ଫିଟିବ କି ବୋର୍ଡର ଗୋଲକ ଧନ୍ଧା ? ଦୀର୍ଘ ବର୍ଷ ଧରି ଗାଦିମଡ଼ା ଉପ ସଭାପତି ନିହାର ରଂଜନ ମହାନ୍ତି ଏବଂ ସଭାପତି ଶ୍ରୀକାନ୍ତ ତରାଇଙ୍କ ସିଣ୍ଡିକେଟର ଆସିବ କି ସତ ? ବୋର୍ଡରେ ସମ୍ପାଦକ ଏବଂ ପରୀକ୍ଷା ନିୟନ୍ତ୍ରକ ଥାଉ ଥାଉ ୨୦୨୪ରେ ଉପସଭାପତି ନିହାର ମହାନ୍ତିଙ୍କୁ ଦିଆଯାଇଥିଲା ପରୀକ୍ଷା ପରିଚାଳନା ଦାୟିତ୍ୱ। ▶▶ପୃଷ୍ଠା ୭

# ବାଦଲ ଫଟା ବର୍ଷା ପରେ ଧସିଲା ପାହାଡ଼: ଭାସିଗଲେ ଲୋକେ, ମାଟିରେ ମିଶିଲା ଘର ଓ ହୋଟେଲ୍



ନୂଆଦିଲ୍ଲୀ,୫/୮ : ପ୍ରକୃତିର ତାଣ୍ଡବ। ଛାରଖାର ହୋଇଛି ଉତ୍ତରକାଶୀ। ଧରାଶାୟୀ ହୋଇଛି ଧରାଲି ଗାଁ। ଭୁଶୁଡ଼ି ଯାଇଛି ହୋଟେଲେ ଓ ପୋତି ହୋଇଯାଇଛି ମାର୍କେଟ। ବାଦଲ ଫଟା ବର୍ଷା ସାଙ୍ଗକୁ ଭୂସ୍ଖଳନ ସୃଷ୍ଟି କରିଛି ସାଂଘାତିକ ସ୍ଥିତି। ପାହାଡ଼ ଧସିବାରୁ ଜନବସତିକୁ ମାଡ଼ି ଯାଇଛି ମାଟି ମିଶା ପାଣି। ଅଚାନକ ବନ୍ୟାରେ ଭୁଶୁଡ଼ି ପଡ଼ିଛି ଶହଶହ ଘର। ଭାସି ଯାଇଛନ୍ତି ଶତାଧିକ ଲୋକ। ପ୍ରକୃତି ରଚିଛି ଧ୍ୱଂସଲୀଳା। ଏଥିରେ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଲୋକ ନିଖୋଜ ହୋଇଯାଇଛନ୍ତି। ମାଟି ତଳୁ ଖୋଜା ଚାଲିଛି ଜୀବନ। ଉତ୍ତରାଖଣ୍ଡର ହର୍ସିଲ ଠାରୁ ୪ କିମି ଦୂର ଧରାଲି ଗାଁରେ ପ୍ରକୃତିର ଭୟଙ୍କର ତାଣ୍ଡବ ପୂରା ଦେଶକୁ ସ୍ତବ୍ଧ କରି ଦେଇଛି। ସେଠାରୁ ଆସୁଥିବା ଗୋଟିଏ ପରେ ଗୋଟିଏ ଭିଡିଓକୁ ସମସ୍ତଙ୍କୁ ବିଚଳିତ କରିଛି। ଆଜି ଅପରାହ୍ନ ୧.୪୫ରେ ଭୂସ୍ଖଳ ହେବା ପରେ ମାଟି ମିଶା ପାଣି ଜନବସତି ଆଡ଼କୁ ଘୁଘୁ କରି ମାଡ଼ି ଆସିଥିଲା। ଭୂସ୍ଖଳନ ଯୋଗୁ ପବିତ୍ର ଗଙ୍ଗୋତ୍ରୀ ଧାମ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହି ବିପର୍ଯ୍ୟୟରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଏନଡିଆରଏଫ ଠାରୁ ସେନା ଯବାନମାନେ ▶▶ପୃଷ୍ଠା ୭

# ଗୋଟିଏ ଦିନରେ ଦୁଇଟି ବଡ଼ ନିଯୁକ୍ତି

## ସୋଭନା ମହାନ୍ତି ମହିଳା କମିଶନ ଅଧକ୍ଷା, ବବିତା ପାତ୍ର ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା



ଭୁବନେଶ୍ୱର, ୦୫/୮ (ନି.ପ୍ର): ନାରୀ ନିର୍ଯାତନାକୁ ନେଇ ଓଡ଼ିଶା ଉଠୁଥିବା ପଡ୍ଡୁଥିବା ବେଳେ ଓଡ଼ିଶାକୁ ମିଳିଛି ନୂଆ ରାଜ୍ୟ ମହିଳା କମିସନ ଅଧକ୍ଷା । ଗୋଟିଏ ଦିନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଦେଇଛନ୍ତି ସରକାର । ମହିଳା କମିସନ ଅଧକ୍ଷ ଓ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର କମିସନ ଅଧକ୍ଷ ପଦରେ ନୂଆ ନିଯୁକ୍ତି ଦିଆଯାଇଛି । ଦୀର୍ଘ ୮ ମାସ ହେଲା ଖାଲି ପଡ଼ିଥିବା ମହିଳା କମିସନ ପଦବୀରେ ନୂଆ ନିଯୁକ୍ତି ଦେଇଛନ୍ତି ସରକାର । ବାଲେଶ୍ୱରର ବିଜେପି ନେତ୍ରୀ ସୋଭନା ମହାନ୍ତିଙ୍କୁ ମହିଳା କମିସନ ଅଧକ୍ଷା ଭାବେ ତିନି ବର୍ଷ ପାଇଁ ନିଯୁକ୍ତି ଦେଇଛନ୍ତି ମୋହନ ସରକାର । ପୂର୍ବତନ ମହିଳା କମିସନ ମୀନତି ବେହେରାଙ୍କ କାର୍ଯ୍ୟକଳାପରେ ମୋହନ ସରକାର ଅସନ୍ତୁଷ୍ଟ ଥିଲେ । ଗତ ନଭେମ୍ବରରେ କାରଣ ଦର୍ଶାଅ ନୋଟିସ ଦେଇ ତାଙ୍କୁ ବାହାର କରିବା ପରଠୁ ଖାଲି ପଡ଼ିଥିଲା ପଦବୀ । ▶▶ପୃଷ୍ଠା ୭

# ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଓ ନିମ୍ନମାନ ମଧ୍ୟାହ୍ନ ଭୋଜନକୁ ନେଇ ଅବିଭାବକ ମହଲରେ ଅସନ୍ତୋଷ

ବ୍ରହ୍ମବରଦା, ୫/୦୮ (ନି.ପ୍ର): ବିଦ୍ୟାଳୟମାନରେ ଗଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ସରକାର ବିଭିନ୍ନ ଯୋଜନ କରି ଲକ୍ଷଲକ୍ଷ ଟଙ୍କା ବ୍ୟୟବରାଦ କରୁଛିନ୍ତି । ଅନ୍ୟପକ୍ଷରେ ମଧ୍ୟାହ୍ନ ଭୋଜନରେ ଉନ୍ନତମାନର ଖାଦ୍ୟ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଚନ୍ତି । କିଛି ଶିକ୍ଷା କର୍ମଚାରୀଙ୍କ ଦାୟିତ୍ୱ ହୀନତା ଯୋଗୁଁ ନିମ୍ନମାନର ମଧ୍ୟାହ୍ନ ଭୋଜନକୁ ନେଇ ଛାତ୍ରଛାତ୍ରୀ ଓ ଅବିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତ ନୋଡାଲ ବିଦ୍ୟାଳୟରେ । ବିଦ୍ୟାଳୟରେ ମଧ୍ୟାହ୍ନରେ ଅତି ନିମ୍ନମାନର ଖାଦ୍ୟ କୋମଳମତି ଶିଶୁମାନଙ୍କୁ ଦିଆ ଯାଉଥିବା ନେଇ ଛାତ୍ରଛାତ୍ରୀ ଓ ଅବିଭାବକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଯାହାକୁ ନେଇ ନିକଟରେ ପ୍ରଶାସନିକ ସ୍ତରରେ ଅଭିଯୋଗ କରାଯିବ ବୋଲି ଅବିଭାବକମାନେ ପ୍ରକାଶ କରିଛନ୍ତି । ଏହି ବିଦ୍ୟାଳୟରେ ଶିଶୁବାଟିକାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୮୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଶିଶୁ ବାଟିକାରେ ୨୧ଜଣ,୧ମ ଶ୍ରେଣୀରେ ୧୨,୨ୟ ଶ୍ରେଣୀରେ ୩୪ଜଣ,୩ୟ ଶ୍ରେଣୀରେ ୫୫,୪ର୍ଥ ଶ୍ରେଣୀରେ ୪୫ ଜଣ,୫ମ ଶ୍ରେଣୀରେ ୫୪ଜଣ,୬ଷ୍ଠ ଶ୍ରେଣରେ ୫୯ଜଣ,୭ମ ଶ୍ରେଣୀରେ ୬୨ ଜଣ ଓ ୮ମ ଶ୍ରେଣୀରେ ୪୬ଜଣ ଛାତ୍ରଛାତ୍ରୀ ପାଠପଢୁଛନ୍ତି । ଏହି ବିଦ୍ୟାଳୟଟି ୧୯୬୨ ମସିହାରୁ ସ୍ଥାପିତ ହୋଇଥିବା ବେଳେ ରସୁଲପୁର ଶିକ୍ଷା ମଣ୍ଡଳର ସର୍ବାଧିକ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଜଣାପଡିଛି । ଏତେ ସଂଖ୍ୟକ ପିଲା ଏହି ବିଦ୍ୟାଳୟରେ ଥିବା ସତ୍ୱେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଅଣଦେଖା କରାଯିବା ଅଭିଯୋଗ ହୋଇଛି । ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅନୁପାତରେ ଶିକ୍ଷକ ନ ଥିବା ବେଳେ ଶ୍ରେଣୀ ଗୃହର ଅଭାବ ଓ ବିନା ସୁରକ୍ଷାବଳୟରେ ରହିଛି । ୯୯ ପ୍ରତିଶତ ଛାତ୍ରଛାତ୍ରୀ ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିଲେ ମଧ୍ୟ ବିଦ୍ୟାଳୟରେ ଉର୍ଦ୍ଧୁ ଶିକ୍ଷକ ଓ ଉର୍ଦ୍ଧୁ ମାତୃଭାଷା ବହି ୧୦ ବର୍ଷ ହେବ ଯୋଗାଇ ଦିଆ ଯାଉନାହିଁ । ଯାହାକୁ ନେଇ ପାଠ ପଢାରେ ଘୋର ସମସ୍ୟା ଦେଖା ଦେଇଛି । ସମସ୍ୟା ଦେଇ ବିଦ୍ୟାଳୟଟି ଗତି କରୁଥିବା ବେଳେ ଅନ୍ୟପକ୍ଷେ ବିଦ୍ୟାଳୟ ପକ୍ଷରୁ ମଧ୍ୟାହ୍ନ ଭୋଜନରେ ବ୍ୟାପକ ଅନିୟମିତତା କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଛି । ଅସିଝା ଓ ପାଣିଆ ଡାଲି , ଡାଲମା,ସୋୟା ତରକାରୀ ପରିବେଷଣ କରା ଯାଉଥିବା ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି । ଏନେଇ ସେମାନେ ପରିବାର ଲୋକଙ୍କୁ ଜଣାଇବା ପରେ ଅବିଭାବକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି ।

ମୋ ଦେହ ଅସୁସ୍ଥ ରହିଛି । ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେଇଥିବା ଶିକ୍ଷକ ସବୁ କଥା ବୁଝୁଛନ୍ତି । ସବୁ ଦିନ ଭଲ ଖାଦ୍ୟ ଦିଆ ଯାଉଥିବା ବେଳେ ଆଜି ଟିକେ ତରକାରୀ ପାଣିଆ ହୋଇ ଯାଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସାହାବୁଦ୍ଦିନ୍ ଖାଁନ କହିଛନ୍ତି ।

ମୁଁ ଏବେ ନୂଆ ଦାୟିତ୍ୱରେ ଅଛି,ଉକ୍ତ ବିଦ୍ୟାଳୟକୁ କେବେ ପରିଦର୍ଶନରେ ଯାଇ ନାହିଁ,ମଧ୍ୟାହ୍ନ ଭୋଜନରେ ଯଦି ଅନିମୟମିତା ହୋଇଥାଏ ତେବେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବାକିଅନ୍ୟ ସମସ୍ୟାକୁ ପର୍ଯ୍ୟାୟ କ୍ରମେ ସମାଧାନ କରାଯିବ ବୋଲି ରସୁଲପୁର ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି ।

## ଆଗରପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଭଦ୍ରକ, ୫/୦୮ (ନି.ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆଜି ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ବିଜ୍ଞାନ ପ୍ରକଳ୍ପରେ ୧୭୦ ଜଣ କୁନି ବୈଜ୍ଞାନିକ ମାନେ ଭାଗ ନେଇଥିଲେ । ଏନେଇ ଆୟୋଜିତ ସଭାକୁ ବିଦ୍ୟାମନ୍ଦିରର ଉପ-ସଭାପତି ଚିତରଞ୍ଜନ ଉଦ୍‌ଗାତା ଅଧକ୍ଷତା କରିଥିଲେ । ଏଥିରେ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ଶଶିକାନ୍ତ ନାୟକ, ସଞ୍ଜୟ କୃଷ୍ଣ ମହାପାତ୍ର, ଶିଶୁ ମନ୍ଦିର ସମ୍ପାଦକ ଅଶୋକ କୁମାର ପରିଡା, ଯୁଗ୍ମସମ୍ପାଦକ ସୁବାଷ ଚନ୍ଦ୍ର ସାହୁ,କୋଷାଧକ୍ଷ ସନ୍ତୋଷ କୁମାର ପୁହାଣ ପ୍ରମୁଖ ଯୋଗ ଦେଇ ଜ୍ଞାନ ବିଜ୍ଞାନ ମେଳା ଶିଶୁ ମାନଙ୍କର ଅର୍ନ୍ତନିହିତ ଗୁଣର ପରିପ୍ରକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ ।

# ଫାଇଲେରିଆ ନିରାକରଣ ଅଭିଯାନ

ସମ୍ବଲପୁର, ୫/୦୮ (ନି.ପ୍ର): ଫାଇଲେରିଆ ନିରାକରଣ ଅଭିଯାନରେ ସାମୂହିକ ଔଷଧ ସେବନ ନେଇ ଆଜି ବ୍ୟାପକ ସଚେତନତା ଓ ଅଭିମୁଖିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ଓ ଅଭିମୁଖିକରଣ କାର୍ଯ୍ୟକ୍ରମ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଅଇଣ୍ଠାପାଲି ଠାରେ ସ୍ୱାସ୍ଥ୍ୟ ବିଭାଗର ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଗାମୀ ଅଗଷ୍ଟ ମାସ ୧୦ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୂହିକ ଔଷଧ ସେବନ ସମ୍ବନ୍ଧିତ ବିସ୍ତୃତ ବିବରଣୀ ବିଷୟରେ ପାୱାର ପଏଂଟ ମାଧମରେ ଉପସ୍ଥିତ ବିପିଏମ୍, ଏନଜିଓ କର୍ମକର୍ତା, ସାମ୍ବାଦିକ ଏବଂ ସ୍ୱେଚ୍ଛାସେବୀଙ୍କୁ ସଚେତନ କରାଯାଇଥିଲା । ସୂଚନା ଅନୁଯାୟୀ ଆଗାମୀ ଅଗଷ୍ଟ ମାସ ୧୦ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଲିମ୍ଫାଟିକ ଫାଇଲେରିଆ ନିରାକରଣ ପାଇଁ ବ୍ୟାପକ ଔଷଧ ସେବନ(ଏମଡିଏମ୍) ଆୟୋଜିତ ହେବ । ଏହି ଅଭିଯାନ ରେ ଫାଲେରିଆ ପ୍ରତିରୋଧକ ଡ଼ି.ଇ.ସି, ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ୍ ର ଔଷଧ ସେବନ କରାଯିବ । କେବଳ ଆଶା କର୍ମୀ/ ଅଙ୍ଗନବାଡ଼ି କର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଏହି ବଟିକା ଖାଇବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ । ଏହି କାର୍ଯ୍ୟକ୍ରମ ପଂଚାୟତ ଓ ଗ୍ରାମ ସ୍ତରରେ ଆୟୋଜନ କରାଯିବ । ଯେଉଁଥିପାଇଁ ନିର୍ଦ୍ଧାରିତ, ଘରେଘରେ ପହଂଚି ଅନୁରୋଧ ମାଧମରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଘରଦାରୀରେ ପହଂଚି ଔଷଧ ପାନ କରାଯିବ । ଜିଲ୍ଲାର ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ରରେ ରୋଗୀ ଓ ସହଯୋଗୀଙ୍କ ପାଇଁ ମଧ ଏହି ସୁବିଧା ରହିବ ।ବିଶେଷ ସ୍ଥାନଗୁଡ଼ିକ ଶିକ୍ଷାଳୟ, କାର୍ଯ୍ୟାଳୟ, ଶିଳ୍ପ ପ୍ରତିଷ୍ଠାନ, କାରାଗାର, ଆରଡବ୍ଲୁଏ ଇତ୍ୟାଦିରେ ବିଶେଷ ଦଳ ପଠାଯିବ ।

# ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ

ଭବାନୀପାଟଣା, ୫/୦୮ (ନି.ପ୍ର): କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ୧୨୨ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧରୁ ବ୍ୟକ୍ତିଗତ ୯୯ ଗୋଟି ଓ ସାମୂହିକ ୧୭ ଗୋଟି ରହିଥିବା ବେଳେ ୨୭ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ,ଭତା, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ,ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ପୂର୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜଙ୍ଗଲ ଓ ପରିବେଶ, ଜିଲ୍ଲା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେସ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଧର୍ମଗଡ଼ ଅଜୟ ପ୍ରକାଶ ତିର୍କୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକତ୍ସା ଅଧିକାରୀ ଡ଼ା.ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମଳୟ କୁମାର ପରିଡା, ମୁଖ୍ୟ ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ,ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର ?ୟାମୀ କହଁର,ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ନିର୍ବାହୀ ଅଧିକାରୀ ପୌରପାଳିକା ଭବାନୀପାଟଣା, ଚିନ୍ମୟ କୁମାର ନାଏକ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ରାଇରଙ୍ଗପୁରର ନୂତନ ବନଖଣ୍ଡ ଅଧିକାରୀ ଭାବେ ସୁବ୍ରତ ପାତ୍ରଙ୍କ ଯୋଗଦାନ

ବାରିପଦା, ୫/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଭାବେ ଆଜି ସୁବ୍ରତ ପାତ୍ର ଡିଏଫଓ ଶିବ ପ୍ରସାଦ ରଥଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଡିଏଫଓ ଶ୍ରୀ ପାତ୍ର ରେଢାଖୋଲ ଡିଭିଜନର ଡିଏଫଓ ଭାବେ ଦାୟିତ୍ୱରେ ଥିଲେ । ଡିଏଫଓ ଶିବ ପ୍ରସାଦ ରଥ ରାଇରଙ୍ଗପୁର ରୁ ବୌଦ୍ଧ ଜିଲ୍ଲାର ବନଖଣ୍ଡ କେନ୍ଦୁଲିଫ୍ କୁ ବଦଳି ହୋଇଛି । ଦାୟିତ୍ୱ ଗ୍ରହଣ ସମୟରେ ସମସ୍ତ ବନ ବିଭାଗ କର୍ମଚାରୀ ନୂତନ ବନଖଣ୍ଡ ଅଧିକାରୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ ।

# ତୃଣମୂଳ ସ୍ତରରେ ବୈଜ୍ଞାନିକ ଜ୍ଞାନ ଓ ପ୍ରଯୁକ୍ତି ପହଂଚାଇବାକୁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରୟାସ

ଜୟପୁର, ୫/୦୮ (ନି.ପ୍ର): ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳକୁ ତୃଣମୂଳ ସ୍ତରର କୃଷି ପଦ୍ଧତି ସହିତ ସଂଯୋଗ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର କୃଷି ବିଭାଗର ଛାତ୍ରଛାତ୍ରୀମାନେ କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକର ପାଲିବା ଗ୍ରାମରେ କୃଷକ ଶ୍ରୀଯୁକ୍ତ ବିସୁ ବୈରାଗୀଙ୍କ କ୍ଷେତ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନର ଉଦ୍ଦେଶ୍ୟ ଥିଲା ଖରିଫ ଆଳୁ ଚାଷ କୌଶଳ ପ୍ରଦର୍ଶନ କରିବା ଏବଂ ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରି ଏହାର ସଫଳ ରୂପାୟନ କରିବା । ଏହି ପଦକ୍ଷେପ କୋରାପୁଟର କୃଷକ ସମ୍ପ୍ରଦାୟ ସହିତ ସଂଯୋଗ ସ୍ଥାପନ ପାଇଁ ବିଶ୍ୱବିଦ୍ୟାଳୟର କୃଷି ବିଭାଗର କୃଷକଙ୍କ ଆର୍ଥିକ ମାଣଦଣ୍ଡକୁ ବୃଦ୍ଧି କରିବାରେ ସହାୟକ ହେବ ସହ ରାଜ୍ୟରେ ଆଳୁ ସଙ୍କଟ ଦୂର କରିବା ପାଇଁ ଏକ ସଫଳ ପ୍ରୟାସ ହେବ । ଏହି ପ୍ରୟାସ ମାଧ୍ୟମରେ କୃଷି କାର୍ଯ୍ୟରେ ବିଭିନ୍ନ ଆହ୍ୱାନକୁ ବୁଝିବା ସହ ମୃତ୍ତିକା ଗଠନ ଏବଂ ଉର୍ବରତା ମୂଲ୍ୟାଙ୍କନ କରିବା ଏବଂ ବୈଜ୍ଞାନିକ ଗବେଷଣା ଉପରେ ଆଧାରିତ ବ୍ୟବହାରିକ ସମାଧାନ ପ୍ରଦାନ କରିବା ଲକ୍ଷ୍ୟ ରଖିଛି ।

ଏହି ଅବସରରେ, ବିଭାଗର ମୁଖ୍ୟ ଡ଼ଃ ମଞ୍ଜୁଶ୍ରୀ ସିଂ ଗୁରୁତ୍ୱାରୋପ କରି କହିଥିଲେ, “ଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ପରୀକ୍ଷାଗାରରୁ ଜମିକୁ ସ୍ଥାନାନ୍ତର କରି କୃଷକ ସମ୍ପ୍ରଦାୟର ଉନ୍ନତି ପାଇଁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି । ବିଶ୍ୱବିଦ୍ୟାଳୟରେ, ଆମେ ଆମର ଗବେଷକ, ଶିକ୍ଷାବିତ୍ ଏବଂ ଛାତ୍ରମାନଙ୍କ ମାଧ୍ୟମରେ ଏହି ଦୃଷ୍ଟିକୋଣକୁ ଆଗକୁ ବଢ଼ାଉଛୁ ।” ବିଶ୍ୱବିଦ୍ୟାଳୟ ଭବିଷ୍ୟତରେ କୃଷି ଉତ୍ପାଦକତା ଏବଂ ସ୍ଥାୟୀତ୍ୱ ବୃଦ୍ଧି ଉପରେ କେନ୍ଦ୍ରିତ ଅନେକ ଗବେଷଣା ପଦକ୍ଷେପ ନେବାକୁ ଯୋଜନା କରୁଛି । ଏହି ପ୍ରୟାସଗୁଡ଼ିକ କୋରାପୁଟର ଅନନ୍ୟ କୃଷି-ଜଳବାୟୁ ପରିସ୍ଥିତି ସହିତ ପ୍ରସ୍ତୁତ ଉନ୍ନତ ଅଭ୍ୟାସ ଏବଂ ଉପକରଣ ସହିତ ଚାଷୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟ ରଖିଛି ।

କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା କୃଷି ବିଭାଗର ଏହି ମହତ୍ୱପୂର୍ଣ୍ଣ ପଦକ୍ଷେପକୁ ପ୍ରଶଂସା କରିବା ଏହି ଅଂଚଳର ସଫଳ ଓ ପ୍ରଗତିଶୀଳ କୃଷକ ଶରତ କୁମାର ପଟ୍ଟନାୟକ, ପ୍ରତାପ କୁମାର ସ୍ୱାଇଁ, ଖାଗା ହନ୍ତାଳା ଏବଂ ବିସୁ ବୈରାଗୀଙ୍କୁ କୃତଜ୍ଞତା ଜଣାଇଥିଲେ । ଶିକ୍ଷାନୁଷ୍ଠାନ ଏବଂ କୃଷକ ସମ୍ପ୍ରଦାୟ ମଧ୍ୟରେ ଏକ ଦୃଢ଼ ସମ୍ପର୍କ ସ୍ଥାପନ କରିବାରେ ସେମାନଙ୍କର ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ ।

# ଆମ ପୁଲିସ ସମିତି ବୈଠକ

ଜୟପୁର, ୫/୦୮ (ନି.ପ୍ର): ଜନସାଧାରଣ ଓ ପୁଲିସ ମଧରେ ସମ୍ପର୍କକୁ କିପରି ଅଧିକ ସୁଦୃଢ କରାଯିବ ସେଥିପାଇଁ ଆଜି ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପ ପରିସରରେ ଆମ ପୁଲିସ ସମିତିର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏସଡିପିଓ ପାର୍ଥ କଶ୍ୟପ, ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି. ସୁନିତା ପ୍ରମୁଖ ଉପସ୍ଥିତ ରହି ଜୟପୁର ଜନସାଧାରଣଙ୍କ ସମସ୍ୟା ବିଷୟରେ ବୁଝିଥିଲେ । ଏସଡିପିଓ କଶ୍ୟପ କହିଥିଲେ ପୁଲିସକୁ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବାକୁ ପଡିବ ବୋଲି କହିଥିଲେ । ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଦୀର୍ଘ ଦିନ ଧରି ପୁଲିସ ପବ୍ଲିକ ଇଂଟରାକ୍ସନ ବା ଭାବ ବିନିମୟ ଠପ ହୋଇଯାଇଥିଲା । ପୂର୍ବରୁ ନିୟମିତ ଭାବେ ଚାଲୁ ରହିଥିବା ଏହି କାର୍ଯ୍ୟକ୍ରମ ଏବେ ବର୍ଷକରୁ ଅଧିକ ସମୟ ହେଲା ହେଉନଥିଲା । ଏହି କାର୍ଯ୍ୟକ୍ରମକୁ ଅନାବଶ୍ୟକ ଭାବି ଠକ କରିଦିଆଯାଇଥିଲା । ପୁଲିସ ଲୋକଙ୍କ ନିକଟତର ହେବାକୁ ବା ଲୋକଙ୍କୁ ପୁଲିସର ନିକଟତର କରିବାକୁ ଲକ୍ଷ ରଖାଯାଇଛି । ବିଶେଷକ କରି ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଦିଗରେ ପୁଲିସକୁ ସହଯୋଗ କରିବା ପାଇଁ ଏହି କାର୍ଯ୍ୟକ୍ରମ ବେଶ ଗୁରୁତ୍ୱ ଅଟେ । ବିଭିନ୍ନ କଲୋନିରେ ଭଡାଘର, ମେସ, ବେଆଇନ ବେପାର ଆଦିକୁ ନେଇ ଉପୁଜୁଥିବା ସାମୂହିକ ସମସ୍ୟା ବାବଦରେ ଲୋକେ ପୁଲିସକୁ ଜଣାଇଥିଲେ । ବରିଷ୍ଠ ନାଗରକ କମିଟି କର୍ମକର୍ତା କିଶୋର ହୋତା କହିଛନ୍ତି ପୂର୍ବରୁ ସହର ମଝି ରାସ୍ତାରେ ପାର୍କିଂ ଯେପରି ଥିଲା ସେହିପରି ପୁନର୍ବାର କରିବାକୁ ଦାବି କରିଛନ୍ତି । ଏପରିକି ବରିଷ୍ଠା ନାଗରିକଙ୍କ ନିମନ୍ତେ ଅନ୍ୟ ଏକ ନମ୍ବର ଜାରି କରାଯାଉ, ପେଟ୍ରୋଲିଙ୍ଗ ବାରମ୍ବାର କରାଯାଉ, ସହରରେ ଛୋଟ ଛୋଟ ପିଲାମାନେ ଯେପରି ନିଶାର ଶିକାର ହୋଇ ବିଭିନ୍ନ କାଣ୍ଡ ଭିଆଉଛନ୍ତି ସେଗୁଡିକ ଉପରେ ପୁଲିସ କଡା ନଜର ରଖୁ, ବ୍ୟାଙ୍କ ଓ ଷ୍ଟେସନ ଓ ବସଷ୍ଟାଣ୍ଡ ମାନଙ୍କରେ ପୁଲିସ ହେଲପ ଲାଇନ ଲଗାଇବାକୁ ଦାବି କରିଥିଲେ । ଗାଡି ଚଲାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ ଅନୁରୋଧ କରାଯାଇଥିଲା । ଏମଜି ରୋଡରେ ଟ୍ରାଫିକ ବ୍ୟବସ୍ଥା ବହୁତ ହେଉଥିବା ଯୋଗୁଁ ଏହାର ସୁଧାର ଆଣିବାକୁ ପୁଲିସ ଲୋକଙ୍କ ସହଯୋଗ ଲୋଡିଥିଲେ । ପୌରାଧକ୍ଷ ନରେନ୍ଦ୍ର ମହାନ୍ତି କେବଳ ପୁଲିସ ଚାହିଁଲେ ସବୁ କିଛି ହୋଇପାରିବ ନାହିଁ ଆମେ ସମସ୍ତେ ତାଙ୍କୁ ସହଯୋଗ କରିବାକୁ ପଡିବ ବୋଲି କହିଥିଲେ । ପୁଲିସ ସଫଳତା ହାସଲ କରିଛି କିନ୍ତୁ ଆମ ଜୟପୁର ବାସୀଙ୍କ ସହଯୋଗ ହେଲେ ଆହୁରି ସଫଳତା ହାସଲ କରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ୱାର୍ଡ କାଉନସିଲର, ଚାମ୍ବର ଅଫ କମର୍ସ କର୍ମକର୍ତା, ବୁଦ୍ଧିଜୀବୀ, ବ୍ୟବସାୟୀ ମାନେ ଉପସ୍ଥିତ ଥିଲେ ।

# ଭଦ୍ରକ ନାଗରିକ ମଂଚ ପକ୍ଷରୁ ଗଣଧାରଣା ଓ ଦସ୍ତଖତ ଅଭିଯାନ

ଭଦ୍ରକ, ୫/୦୮ (ନି.ପ୍ର): ଭଦ୍ରକ ନୂଆବଜାର ସ୍ଥିତ ଜିଲ୍ଲାମୁଖ୍ୟ ଚିକତ୍ସାଳୟକୁ ସିଟି ହସ୍ପିଟାଲ କରାଯିବା ଦାବିରେ ଆଜି ଭଦ୍ରକ ନାଗରିକ ମଂଚ ପକ୍ଷରୁ ସଦର ଡାକ୍ତରଖାନା ସମ୍ମୁଖରେ ଗଣ ଧାରଣା ଓ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏବଂ ପରବର୍ତୀ ସମୟରେ ଏକ ଦାବିପତ୍ର ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କୁ ପ୍ରଦାନ କରାଯାଇ ତାହା ପୂରଣ ନ ହେଲେ ମଂଚ ପକ୍ଷରୁ ବାଧ ହୋଇ ଆଇନକୁ ହାତକୁ ନିଆଯିବବୋଲି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ କଂଗ୍ରେସର ଭଦ୍ରକ ଜିଲ୍ଲା ସଂଯୋଜକ ଅସିତ ପଟ୍ଟନାୟକ ଚେତାବନୀ ଦେଇଛନ୍ତି । ତେବେ ଜିଲାପାଳଙ୍କୁ ଦେଇଥିବା ଏହି ଦାବିପତ୍ର ଅନୁସାରେ ଭଦ୍ରକ ନୂଆବଜାରସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାଟି ଗେଲପୁରକୁ ସ୍ଥାନାନ୍ତର ହେଉଛି । ତେବେ ଏହି ଘଟଣାକୁ ନାଗରିକ ମଂଚ ପକ୍ଷରୁ ସ୍ୱାଗତ କରାଯାଇଥିବାବେଳେ ପୁରୁଣା ସ୍ଥାନରେ ଏକ ସହରାଂଚଳ (ସିଟି ହସ୍ପିଟାଲ) ସ୍ଥାପନ ପାଇଁ ଭଦ୍ରକର ସମସ୍ତ ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ସଂଗଠନ ତଥା ରାଜନୈତିକ ଦଳକୁ ନେଇ ଗଠିତ ନାଗରିକ ମଂଚ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛି । କିନ୍ତୁ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇନାହିଁ । ନାଗରିକ ମଂଚର ତଥ୍ୟ ଅନୁସାରେ ଭଦ୍ରକ ସହରାଂଚଳର ଜନସଂଖ୍ୟା ତଥା ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ସହରାଂଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକତା ରହିଛି । ମୁଖ୍ୟତଃ ଗେଲପୁର ନୂଆବଜାର ଠାରୁ ବହୁ ଦୂର । ବରିଷ୍ଠ ନାଗରିକ ତଥା ଭିନ୍ନକ୍ଷମ ଓ ମହିଳା ସାଧାରଣ ରୋଗର ସେବାପାଇଁ ଯାତାୟତର ସୁବିଧା ନଥିବାରୁ ନିଶ୍ଚିତ ଭାବେ ଚିକିତ୍ସା କଷ୍ଟସାଧ ହେବ । ଏଣୁ ଯେପର୍ଯ୍ୟନ୍ତ ସହରାଂଚଳ ଚିକିତ୍ସାଳୟ ସ୍ଥାପନ ହୋଇନାହିଁ, ସେପର୍ଯ୍ୟନ୍ତ ସେଠାରେ ଏକ ବିର୍ହିବିଭାଗ (ଆଉଟଡୋର) ଚାଲୁ ରଖାଯିବାକୁ ମଂଚ ଅନୁରୋଧ କରିଛି । ଆଜିର ଏହି ଗଣଧାରଣା ଓ ଦସ୍ତଖତ ଅଭିଯାନ ପରେ ମଂଚ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ସମସ୍ତ ବିଷୟ ଅବଗତ କରିବା ପରେ ଜିଲାପାଳ ସେମାନଙ୍କର ଦାବିକୁ ସମ୍ମାନ ଦେଇ ଆଉଟଡୋରଟି ଏବେ ପୁରୁଣା ସ୍ଥାନରେ ଚାଲୁ ରହିବ ବୋଲି ପ୍ରତିଶ୍ରୁତି ଦେଇଥିବାର ଜଣାପଡିଛି । ଆଜିର ଏହି ଧାରଣା ଓ ଦସ୍ତଖତି ଅଭିଯାନରେ ଅନ୍ୟମାନଙ୍କ ମଧରେ ପୌରାଧକ୍ଷା ଗୁଲମକ୍କୀ ଦଲୱାଜି ହବିବ, ତାରାକାନ୍ତ ମହାପାତ୍ର, ହାଜି ଅବଦୁଲ ମୁକିତ ଖାନ୍, ନଳିନୀ ମହାନ୍ତି, କଂଗ୍ରେସର ରାଜ୍ୟ ଦଳିତ ସାଧାରଣ ସଂପାଦକ ।ଜେନ୍ଦ୍ର ଜେନା, ସୁଧାକର ରାଉତ, ଶିକ୍ଷାବିତ୍ ଶାନ୍ତନୁ ରାଉତ, ମହମ୍ମଦ ଜକାଉଲା, ଅନୱାର ହୋସେନ, ହେମନ୍ତ ସାହୁ, ଦିବ୍ୟସିଂହ ନାୟକ, ସେକ୍ ଅନୱର (ବାବୁ), ପ୍ରବୀର ଜେନା, ଦିଲ୍ଲୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ମାନେଶ୍ୱର ବ୍ଲକଠାରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ୫/୦୮ (ନି.ପ୍ର): ଆଜି ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ ଠାରେ ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଏସ.ପି ଙ୍କର ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣି ଠାରେ ମୋଟ ୨୩ ଟି ଆବେଦନ ଗ୍ରହଣ କରାଯାଇ ଥିଲା ଯେଉଁଥିରୁ ୧୭ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୩ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା । ୫ ଟି ଅଭିଯୋଗ, ଅନୁଷ୍ଠିତ ଅଭିଯୋଗ ଶୁଣାଣି ଠାରେ ସମାଧାନ କରାଗଲା । ରେଡକ୍ରସ ଅଧିନରେ ୩ ଜଣ ବ୍ୟକ୍ତିଙ୍କୁ ସମୁଦାୟ ୧୭,୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି ।

# ବିଧାନସଭା ଷ୍ଟାଣ୍ଡିଂ କମିଟିରେ ବିଭିନ୍ନ ସମସ୍ୟା ଉପସ୍ଥାପନ କଲେ ବିଧାୟକ ସଂଜୀବ ମଲ୍ଲିକ

ଭଦ୍ରକ, ୫/୦୮ (ନି.ପ୍ର): ଆଜି ବିଧାନସଭା ସମ୍ମିଳନୀ କକ୍ଷରେ ବିଧାନସଭା ଷ୍ଟାଣ୍ଡିଙ୍ଗୀ କମିଟିର ସଦସ୍ୟମାନଙ୍କୁ ନେଇ ନବମ ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମବାୟ ସମିତି ଓ ନିଗମ କୁ ନେଇ ଷ୍ଟାଣ୍ଡିଙ୍ଗୀ କମିଟିର ଅଧକ୍ଷ ପଦ୍ମଲୋଚନ ପଣ୍ଡାଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇ ଥିବା ବେଳେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ୍ କୁମାର ମଲ୍ଲିକ ଯୋଗଦେଇ ନିଗମ ବଂଟନ ନହେବା ରାଜ୍ୟ ଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ସମସ୍ୟା ସମାଧାନ ନହେବା, ସରକାରୀ ଯୋଜନା ଅର୍ଥ ବାଟବଣା ହେଇଥିବାରୁ ସିଧାସଳଖ ବିଭିନ୍ନ ସମସ୍ୟାରେ ସମୁଖୀନ ହେଉଛନ୍ତି ଓଡ଼ିଆ ର ଜନସାଧାରଣ ସମବାୟ ସମିତି ର ମନମୁଖୀ କାର୍ଯ୍ୟ ଚାଷୀମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସାଜିଛି । ବନ୍ତ ବ୍ଲକ୍ ରେ କିଛି ବ୍ୟକ୍ତି ନିଜ ନିଜର ସ୍ୱାର୍ଥ ସୁରକ୍ଷା ପାଇଁ ସମବାୟ ସମିତି କାର୍ଯ୍ୟକ୍ରମ ବନ୍ଦ କରି ରଖିଥିବା ବେଳେ ଚାଷୀ ମାନେ ଋଣ ଠାରୁ ଆରମ୍ଭ କରି ସରକାରୀ ସବ୍ସିଡି ମାଧ୍ୟମରେ ମିଳୁଥିବା ସାର,ବିଷ ଓ ବିହନ ପାଇବାରୁ ହେଉଛନ୍ତି ବଂଚିତ ସବୁ ଦେଖି ବି ବିଭାଗୀୟ ଅଧିକାରୀ ସାଜିଛନ୍ତି ନିରବ ଦ୍ରଷ୍ଟା, ଜିଲ୍ଲାପାଳ ଙ୍କ ସହିତ ଆଲୋଚନା କରି ସାଧାରଣ ଜନତାଙ୍କ ସ୍ୱାର୍ଥ ଓ ସରକାରୀ ସୁବିଧା ସହାୟତା ଯୋଗାଇ ଦେବା ନେଇ ବାଦି ଉପସ୍ଥାପନା କରିଛନ୍ତି । ଅନ୍ୟମାନଙ୍କ ମଦ୍ୟରେ ଷ୍ଟାଣ୍ଡିଙ୍ଗୀ କମିଟିର ସଦସ୍ୟ ଓ ବିରୋଧୀ ଦଳ ସଦସ୍ୟ ଉପସ୍ଥିତ ଥିଲେ ।

# ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା : ମାତ୍ର ୩ ଶିକ୍ଷକରେ ଚାଲିଛି ୮ଟି ଶ୍ରେଣୀ

ଧର୍ମଶାଳା, ୫/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରଞ୍ଜିଆ ପଂଚାୟତ ଅନ୍ତର୍ଗତ ପୋବଲ ୟୁଜିଏମଇ ବିଦ୍ୟାଳୟ ଅନେକ ସମସ୍ୟା ଦେଇ ଗତି କରୁଛି । ଏହି ବିଦ୍ୟାଳୟ ଟି ବ୍ଲକରେ ଏକ ପୁରାତନ ବିଦ୍ୟାଳୟ ମଧରେ ଦିନେ ଶିକ୍ଷା ଦାନ ନିମନ୍ତେ ଅଂଚଳ ରେ ଭଲ ନାମ କରିଥିଲା ଆଜି ସେହି ବିଦ୍ୟାଳୟଟିର ଅବସ୍ଥା ଦେଖିଲେ ସ୍ୱତଃ ମନରେ ବର୍ତମାନ ର ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ବିଭାଗ ପ୍ରତି କାହିଁକି କେଜାଣି ବିତୃଷ୍ଣା ଭାବ ଜାତ ହେଉଛି । ଏଠି ୮ଗୋଟି ଶ୍ରେଣୀକୁ ମାତ୍ର ୨ଜଣ ଶିକ୍ଷୟତ୍ରୀ ସହ ଜଣେ ଡେପ୍ଲୋୟଡ ଶିକ୍ଷକ ପିଲାଙ୍କୁ ପାଠ ପଢାଉଛନ୍ତି । ଏହି ସ୍କୁଲରେ ୩ଟି ଶ୍ରେଣୀ ଗୃହ ରହିଥିବା ବେଳେ ଗୋଟିଏ ଶ୍ରେଣୀ ଗୃହର ଅଧାରେ ଚାଉଳ ଓ ଅନ୍ୟ ସାମଗ୍ରୀ ରହୁଥିବାରୁ ସେହି ଶ୍ରେଣୀ ଗୃହରେ ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏକାଠି ବସି ପାଠ ପଢୁଛନ୍ତି ଅନ୍ୟ ଦୁଇଟି ଶ୍ରେଣୀ ଗୃହରେ ଭାଟିକାରୁ ଆରମ୍ଭ କରି ତୃତୀୟ ଓ ଅନ୍ୟ ଗୋଟିଏ ଶ୍ରେଣୀ ଗୃହରେ ଚତୁର୍ଥରୁ ପଂଚାମ ଯାଏଁ ଚାତ୍ରଛାତ୍ରୀ ଏକାଠି ବସି ପାଠ ପଢୁଛନ୍ତି । ଫଳରେ ଏଠାରେ ଶିକ୍ଷାଦାନ ସମ୍ପୁର୍ଣ୍ଣ ଭୁଷୁଡି ପଡିଥିବା ନଜରକୁ ଆସିଛି । ଯେଉଁଥି ପାଇଁ ଅଭିଭାବକ ମାନେ ତାଙ୍କ ପିଲାଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ବିଦ୍ୟାଳୟ ରୁ ମୁହଁ ଫେରେଇ ନେଇ ପିଲାଙ୍କ ଟିସି ନେଇ ଅନ୍ୟତ୍ର ନାମ ଲେଖାଇ ପାଠ ପଢାଉଛନ୍ତି । ଏଠି ଶିଶୁ ବାଟିକାରୁ ନେଇ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯ଗୋଟି ଶ୍ରେଣୀ ଅଛି । ସରକାରଙ୍କ ଶିକ୍ଷା ନୀତି ଅନୁସାରେ ପ୍ରଥମରୁ ପଂଚମ ପର୍ଯ୍ୟନ୍ତ ସର୍ବ ନିମ୍ନ ୨ଜଣ ଶିକ୍ଷକ/ ଶିକ୍ଷୟତ୍ରୀ ଏବଂ ୬ଷ୍ଠ ୭ମ ଏବଂ ଅଷ୍ଟମ ପାଇଁ ୩ଜଣ ଏମିତି ସର୍ବ ନିମ୍ନ ୫ଜଣ ଶିକ୍ଷକ/ଶିକ୍ଷୟତ୍ରୀ ରହିବା କଥା ତା ସହିତ ଯେହେତୁ ପୋବଲ ବିଦ୍ୟାଳୟଟି ଏକ ମଧ ଇଂରାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତେଣୁ ଏଠାରେ ଜଣେ ପ୍ରଧାନ ଶିକ୍ଷକ ପଦବୀ ସର୍ବଦା ପୂରଣ ହେବା କଥା... । ଉକ୍ତ ବିଦ୍ୟାଳୟରେ ବର୍ତମାନ ଥିବା ୨ଜଣ ରେଗୁଲାର ଶିକ୍ଷୟତ୍ରୀ ଏବଂ ଜଣେ ଡେପ୍ଲୋୟଡ଼ ଙ୍କ ମଧରୁ ଜଣେ ଜଗିଲେ ମଧାହ୍ନ ଭୋଜନ ଆଉ ଜଣେ କାଗଜ ପତ୍ର ଏବଂ ଅନ ଲାଇନ କାମରେ ନିୟୋଜିତ ରହୁଛନ୍ତି । ତେଣୁ ପାଠ ପଢେଇବ କିଏ...??? ଆଉ ଜଣେ ଡେପୁଟେସନ ରେ ଅଛନ୍ତି ସେ ନିରୁପାୟ କେବଳ ଚୌକିଦାର ସାଜି ପିଲାଙ୍କୁ ଜଗିଥାନ୍ତି.. ଏହି ହେଉଛି ଏକ ସର୍ବ ପୁରାତନ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଶିକ୍ଷା ଧିକାରୀଙ୍କ ଅଧୀନରେ ଥିବା ପୋବଲ ୟୁଜି ଏମ ଇ ବିଦ୍ୟାଳୟର ନିଚ୍ଛକ ବିକଳ ଅବସ୍ଥା.. । କିନ୍ତୁ ଦୁଃଖର ବିଷୟ ଏଠି ମୁଣ୍ଡ ପିଟିଲେ ବି ସବୁ ଶୁଣି କି ନ ଶୁଣିଲା ପରି ଅଭିନୟ କରୁଛି ଶିକ୍ଷା ବିଭାଗ । ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ବ୍ଲକ ଶିକ୍ଷାଧିକାରୀ ଙ୍କୁ ଭେଟି ସମସ୍ୟା ସମ୍ପର୍କ ରେ ଅବଗତ କରିବା ସହ ବିଧାୟକ ହିମାଂଶୁ ଶେଖର ଙ୍କୁ ଭେଟି ତାଙ୍କ ଅନୁମୋଦିତ ଚିଠି ବିଇଓଙ୍କୁ ଗତ ୧୦ମଇ ୨୦୨୫ ରେ ପ୍ରଦାନ କରିଥିଲେ । ଅଦ୍ୟାବଧି ୩ମାସ ପୂରିବାକୁ ବସିଥିବାବେଳେ ଶିକ୍ଷା ବିଭାଗ କାହିଁକି କୁମ୍ଭ କର୍ଣ୍ଣ ନିଦ୍ରାରେ... କାହିଁକି ଖେଳୁଛି ପିଲାଙ୍କ ଭବିଷ୍ୟତ ସହ ଖେଳ... କିଏ ସେ ଷଡଯନ୍ତ୍ରକାରୀ...କିଏ ସେ ବେପରୁଆ ଦାୟିତ୍ୱହୀନ... କଣ ପାଇଁ ବିଧାୟଙ୍କ ଙ୍କ କଥା କୁ ଗୁରୁତ୍ୱ ଦେଲାନି ଶିକ୍ଷା ବିଭାଗ... ବିଧାୟକଙ୍କ କଥା କଣ ପାଣିର ଗାର କି...??? ତୁରନ୍ତ ପୋବଲ ୟୁ ଜି ଏମ ଇ ବିଦ୍ୟାଳୟ ର ସମସ୍ୟା ଉପରେ ବିଚାର କରି ଆବଶ୍ୟକତା ଅନୁସାରେ ଶିକ୍ଷକ ଓ ଶ୍ରେଣୀ ଗୃହ ଉପଲବ୍ଧ କରାଇବାକୁ ଗ୍ରାମବାସୀ ପ୍ରଶାସନ, ଶିକ୍ଷା ବିଭାଗ ଓ ବିଭାଗୀୟ କତୃପକ୍ଷ ଏବଂ ବିଧାୟକ ଙ୍କୁ ନିବେଦନ କରିଛନ୍ତି । ଯଦି ଏଥିରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତେବେ ଗ୍ରାମବାସୀ ଆସନ୍ତା ୨୦ ଅଗଷ୍ଟ ଠାରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟ ରେ ତାଲା ପକାଇ ଧାରଣା ରେ ବସିବେ ବୋଲି ରୋକଠୋକ ଭାବେ ଚେତାବନୀ ଦେଇଛନ୍ତି । ଏଥି ସହିତ ଏକ ପୁରାତନ ନାମକରା ବିଦ୍ୟାଳୟ ର ଏପରି ବିପର୍ଯ୍ୟସ୍ତ ଅବସ୍ଥାକୁ ସବୁ ମହଲ ଦୁଃଖ ପ୍ରକାଶ କରିବା ସହ ଏଥିପାଇଁ ଶିକ୍ଷା ବ୍ୟବସ୍ଥାକୁ ଦାୟୀ କରିବା ସହ ଦୃଢ଼ ନିନ୍ଦା କରିଛନ୍ତି ।

## ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଜୟପୁର, ୫/୦୮ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଜାମୁଣ୍ଡାଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଜୟପୁର ଏବିଡିଓ ମନୋଜ ନାୟକ, ସହକାରି ନିବାହୀ ଯନ୍ତ୍ରୀ ବିଜୟ ନନ୍ଦ, ସରପଂଚ ମନ ଧର ଗାଦବା, ପିଇଓ ଚନ୍ଦ୍ର ଶେଷର ମହାପାତ୍ର, ଜିଆରଏସ ସ୍ୱାଗତ ସାହୁ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ରାସ୍ତା ନିର୍ମାଣ, ଅଙ୍ଗନବାଡୀ ନିର୍ମାଣ, ପାନୀୟ ଜଳ ସମସ୍ୟା ସମାଧାନ ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା ।

# ଆଦିବାସୀଙ୍କ ପାଇଁ ଦେବଦୂତ ଶ୍ରୀ ଶିବୁ ସୋରେନ

ଅମୂଲ୍ୟ କୁମାର ପଣ୍ଡା

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ପ୍ରତିଷ୍ଠାତା ତଥା ପୂର୍ବତନ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ଚଳିତ ମାସ ୫ ଅଗଷ୍ଟ ୨୦୨୫ ସୋମବାର ସକାଳେ ଦେହାନ୍ତ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ଦିଲ୍ଲୀର ସାର ଗଙ୍ଗାରାମ ହସ୍ପିଟାଲରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ତାଙ୍କ ପୁଅ ହେମନ୍ତ ସୋରେନ କହିଛନ୍ତି, ଗୁରୁଜୀ ଆମ ସମସ୍ତଙ୍କୁ ଛାଡ଼ି ଚାଲିଯାଇଛନ୍ତି । ଶିବୁ ସୋରେନ ଜଣେ ତୃଣମୂଳ ସ୍ତରର ନେତା ଥିଲେ ଯିଏ ଲୋକଙ୍କ ପ୍ରତି ଅଟଳ ସମର୍ପଣ ସହିତ ଜୀବନର ବିଭିନ୍ନ ପଦପଦବୀ ଦେଇ ଆଗକୁ ବଢ଼ିଥିଲେ । ସେ ଆଦିବାସୀ ସମ୍ପ୍ରଦାୟ, ଗରିବ ଏବଂ ଦଳିତମାନଙ୍କୁ ସଶକ୍ତ କରିବା ପାଇଁ ବିଶେଷ ଭାବରେ ଉତ୍ସାହୀ ଥିଲେ । ଏକ ସାଧାରଣ ଶିକ୍ଷକ ପରିବାରରେ ଜନ୍ମ ନେଇଥିବା ଶିବୁ ସୋରେନ ପିତାଙ୍କ ହତ୍ୟା ପରେ ରାଜନୀତିରେ ପ୍ରବେଶ କରିଥିଲେ । ଏହାପରେ ସେ ଝାଡ଼ଖଣ୍ଡ ରାଜ୍ୟ ଗଠନ ପାଇଁ ୪୦ ବର୍ଷରୁ ଅଧିକ ସମୟ ସଂଘର୍ଷ କରିଥିଲେ । ଦୀର୍ଘ ୪ ଦଶନ୍ଧିରୁ ଅଧିକ ସମୟ ରାଜନୀତିକରେ ସକ୍ରିୟ ଥିବା ଶିବୁ ସୋରେନ ୭ ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ । ସେ ଦୁଇ ଥର ରାଜ୍ୟସଭାକୁ ଯାଇଛନ୍ତି । ରାଜ୍ୟସଭାରେ ଏବେ ବି ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଶେଷ ହୋଇ ନଥିଲା ।

ସାନ୍ତାଳ ସଂପ୍ରଦାୟରୁ ଆସିଥିବା ଶିବୁ ସୋରେନ ସବୁ ବେଳେ ପଛୁଆ ବର୍ଗ ଓ ଅନ୍ୟ ଜନଜାତିଙ୍କ ପାଇଁ ଲଢ଼େଇ କରୁଥିଲେ । ଏଥିପାଇଁ ତତ୍କାଳୀନ ବିହାରର ଅଂଶ ବିଶେଷ ଥିବା ରାମଗଡ଼ରେ ଜନ୍ମ ହୋଇଥିବା ଶିବୁ ସୋରେନଙ୍କୁ ସମସ୍ତେ ଗୁରୁଜୀ ବା ଦିଶୋମ ଗୁରୁ ବୋଲି କହୁଥିଲେ । ୨୦୦୦ ମସିହାରେ ଝାଡ଼ଖଣ୍ଡ ରାଜ୍ୟ ଗଠନ ପରେ ଶିବୁ ସୋରେନ ତିନିଥର ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଥିଲେ । ବର୍ତ୍ତମାନ ତାଙ୍କ ପୁତ୍ର ହେମନ୍ତ ସୋରେନ ରାଜ୍ୟର ଶାସନ ଭାର ସମ୍ଭାଳୁଛନ୍ତି । ପିତାଙ୍କ ହତ୍ୟା ପରେ ଶିବୁ ସୋରେନଙ୍କ ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ବାମପନ୍ଥୀ ଟ୍ରେଡ ୟୁନିୟନ ନେତା ଏକେ ରୟ ଓ କୁର୍ମି ମାହାତୋ ନେତା ବିନୋଦ ବିହାରୀ ମାହାତୋଙ୍କ ସହ ମିଶି ୧୯୭୨ରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଗଠନ କରିଥିଲେ । ସମୟକ୍ରମେ ଶ୍ରୀ ସୋରେନ ରାଜ୍ୟ ଗଠନ ବିପ୍ଳବର ପ୍ରମୁଖ ନେତା ବନି ଯାଇଥିଲେ । ତାଙ୍କ ଉଦ୍ୟମ ଯୋଗୁ ବିହାରରୁ ୨୦୦୦ ମସିହାରେ ଜନ୍ମ ହୋଇଥିଲା ଝାରଖଣ୍ଡ । ୧୯୪୪ରେ ଜନ୍ମିତ ଶିବୁ ସୋରେନଙ୍କ ପିତା ସୋବରନ ମାଞ୍ଝୀ ଜଣେ ଶିକ୍ଷକ ଥିଲେ । ସେ ଆଖପାଖ ଅଞ୍ଚଳରେ ସବୁଠାରୁ ଶିକ୍ଷିତ ଆଦିବାସୀ ବ୍ୟକ୍ତି ଭାବେ ପରିଚିତ ଥିଲେ । ଶିବୁ ସୋରେନ ଯେତେବେଳେ ବଡ଼ ହେଲେ, ତାଙ୍କ ପରିବାର ତାଙ୍କୁ ଗାଁରୁ ଦୂର ଏକ ହଷ୍ଟେଲରେ ପଢ଼ିବା ପାଇଁ ପଠାଇଥିଲେ । ସେଠାରେ ତାଙ୍କ ବଡ଼ ଭାଇ ରାଜାରାମ ସୋରେନ ଓ ସେ ହଷ୍ଟେଲରେ ରହି ପଢୁଥିଲେ । ହଷ୍ଟେଲରେ ପଢୁଥିବା ସମୟରେ ଶିବୁ ସୋରେନଙ୍କ ପିତାଙ୍କୁ ହତ୍ୟା କରାଯାଇଥିଲା । ୧୯୫୭ରେ ସୋବରନ ମାଞ୍ଝୀ ତାଙ୍କ ଜଣେ ସହଯୋଗୀଙ୍କ ସହ ହଷ୍ଟେଲରେ ରହୁଥିବା ତାଙ୍କ ଦୁଇ ପୁତ୍ରଙ୍କ ପାଇଁ ଚାଉଳ ଓ ଅନ୍ୟ ସାମଗ୍ରୀ ପହଞ୍ଚାଇବାକୁ ଯାଉଥିଲା ବେଳେ ବାଟରେ ତାଙ୍କୁ ହତ୍ୟା କରାଗଲା । ଏହି ଘଟଣା ଶିବୁ ସୋରେନଙ୍କ ଜୀବନକୁ ବଦଳାଇ ଦେଇଥିଲା । ପାଠପଢ଼ାରୁ ତାଙ୍କ ମନ ଛାଡି ଯାଇଥିଲା । ଏହାପରେ ସେ ହଜାରୀବାଗରେ ରହୁଥିବା ଫରୱାର୍ଡ ବ୍ଲକ ନେତା ଲାଲ କେଦାର ନାଥ ସିହ୍ନାଙ୍କ ସମ୍ପର୍କରେ ଆସିଥିଲେ । କିଛି ଦିନ ଛୋଟମୋଟ ଠିକାଦାରୀ କାମ କଲେ ଏବଂ ଏକ ରେଳ ଲାଇନ ନିର୍ମାଣ ସମୟରେ କୁଲି କାମ ମଧ୍ୟ କରିଥିଲେ । କିନ୍ତୁ ଏହି କାମ ସେ ଛାଡ଼ି ଦେଇଥିଲେ ।ଶିବୁ ସୋରେନ ପ୍ରଥମେ ବଡ଼ଦଙ୍ଗା ପଞ୍ଚାୟତରୁ ମୁଖିଆ ନିର୍ବାଚନ ଲଢ଼ିଥିଲେ, କିନ୍ତୁ ହାରିଥିଲେ । ପରେ ଜରୀଡିହ ବିଧାନସଭା ଆସନରୁ ମଧ୍ୟ ନିର୍ବାଚନ ଲଢ଼ିଥିଲେ, କିନ୍ତୁ ସେଠାରେ ମଧ୍ୟ ତାଙ୍କୁ ସଫଳତା ମିଳିନଥିଲା ।

ଶିବୁ ସୋରେନ ଆଦିବାସୀ ସମାଜକୁ ଏକଜୁଟ କରି ମହାଜନଙ୍କ ବିରୋଧରେ



ଆନ୍ଦୋଳନ ଆରମ୍ଭ କରିଥିଲେ । ସେ ଧନକଟନୀ ଆନ୍ଦୋଳନ ଆରମ୍ଭ କରିଥିଲେ, ଯେଉଁଥିରେ ସେ ଓ ତାଙ୍କ ସାଙ୍ଗମାନେ ମହାଜନଙ୍କ ଧାନକୁ ଜୋର ଜବରଦସ୍ତ କାଟି ନେଉଥିଲେ । ସେତେବେଳେ ଯେଉଁ କ୍ଷେତରେ ଧାନ କଟାଯାଉଥିଲା, ତାହାର ଚାରିପଟେ ଆଦିବାସୀ ଯୁବକମାନେ ଧନୁ-ତୀର ଧରି ଛିଡ଼ା ହେଉଥିଲେ । ଧୀରେ ଧୀରେ ଶିବୁ ସୋରେନଙ୍କ ପ୍ରଭାବ ବଢ଼ିବାକୁ ଲାଗିଲା । ଆଦିବାସୀ ସମାଜରେ ଏହି ନୂଆ ଯୁବକଙ୍କୁ ନୂଆ ନେତା ଭାବେ ଲୋକ ଦେଖିଲେ । ଏହି ଆନ୍ଦୋଳନ ସମୟରେ ଶିବୁ ସୋରେନଙ୍କୁ 'ଦିଶୋମ ଗୁରୁ' ଉପାଧି ମିଳିଥିଲା । ଏହାର ଅର୍ଥ ସାନ୍ତାଳୀ ଭାଷାରେ 'ଦେଶର ଗୁରୁ' ।୧୯୮୦ରେ ସେ ଦୁମକା ଲୋକସଭା ଆସନରୁ ଧନୁ-ତୀର ନିର୍ବାଚନ ଚିହ୍ନ ନେଇ ନିର୍ବାଚନ ଲଢ଼ିଥିଲେ । ବିହାରଠାରୁ ଅଲଗା ହୋଇ ଝାଡ଼ଖଣ୍ଡ ରାଜ୍ୟ ଗଠନ ପାଇଁ ସେ 'ଦିଶୋମ ଦାଡ଼ୀ ଚନ୍ଦା' ଅଭିଯାନ ଆରମ୍ଭ କରିଥିଲେ । ଏହି ଅଭିଯାନରେ ପ୍ରତ୍ୟେକ ଗାଁର ପରିବାରଙ୍କଠାରୁ ୨୫୦ ଗ୍ରାମ ଚାଉଳ ଓ ୩ ଟଙ୍କା ଦାନ ଆକାରରେ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା ।ଏହି ଅଭିଯାନରୁ ସଂଗୃହୀତ ଅର୍ଥରେ ଶିବୁ ସୋରେନ ନିର୍ବାଚନ ଲଢ଼ି ଜିତିଥିଲେ । ଶିବୁ ସୋରେନ କେନ୍ଦ୍ରମନ୍ତ୍ରୀ ଭାବେ କାମ କରିବା ସହ ୩ଥର ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ । କିନ୍ତୁ ସେ କୌଣସି ପାଳିରେ ନିଜ କାର୍ଯ୍ୟକାଳ ପୂରଣ କରି ପାରି ନଥିଲେ । ସେ ପ୍ରଥମଥର ୨୦୦୫ରେ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ । କିନ୍ତୁ ଗୃହରେ ସଂଖ୍ୟା ଗରିଷ୍ଠତାର ପ୍ରମାଣ ନ ଦେଇ ପାଇବାରୁ ତାଙ୍କୁ ୯ ଦିନ ମଧ୍ୟରେ ଇସ୍ତଫା ଦେବାକୁ ପଡ଼ିଥିଲା । ଏହାପରେ ସେ ଆଉ ଦୁଇ ଥର ମଧ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ । କିନ୍ତୁ ମାତ୍ର କିଛି ମାସ ମଧ୍ୟରେ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା । କେନ୍ଦ୍ର କ୍ୟାବିନେଟେ ମଧ ତାଙ୍କ ଯାତ୍ରା ସେଭଳି କିଛି ଥିଲା । ଶ୍ରୀ ସୋରେନ ୨୦୦୪ରେ ମନମୋହନ ସିଂହ ସରକାରରେ ସାମିଲ ହୋଇଥିଲେ । ତାଙ୍କୁ କେନ୍ଦ୍ରମନ୍ତ୍ରୀ କରାଯାଇଥିଲା । କିନ୍ତୁ ୧୯୭୪ ମସିହା ଚିରୁଡି ମାମଲାରେ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯିବାରୁ ସେ ଇସ୍ତଫା ଦେଇଥିଲେ । ହେତୁ ପାଇବା ଦିନରୁ ଆଦିବାସୀଙ୍କ ଉପରେ ହେଉଥିବା ଶୋଷଣ ବିରୋଧରେ ସଂଘର୍ଷ ଆରମ୍ଭ କରିଥିଲେ ଶିବୁ ସୋରେନ୍ । ୭୦ ଦଶକରେ 'ଧନକଟନି ଆନ୍ଦୋଳନ ଓ ଅନ୍ୟ ଆଦିବାସୀ ଆନ୍ଦୋଳନ ଜରିଆରେ ଜନଜାତିଙ୍କ ପାଇଁ ଲଢ଼େଇ ଆରମ୍ଭ କରିଥିଲେ । ସେ ଆଜି ନାହାନ୍ତି ସତ, କିନ୍ତୁ ତାଙ୍କର ଆଦିବାସୀ ସମ୍ପ୍ରଦାୟ ପ୍ରତି କର୍ତ୍ତବ୍ୟ ଓ କାର୍ଯ୍ୟ ଚିର ଦିନ ପାଇଁ ତାଙ୍କୁ ଅମର କରି ରଖିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬

# ଝଙ୍କଡ଼ ବାସିନୀ ମା' ଶାରଳା

ଆଶ୍ରିତ ଅତୀଶ

ପିତା ଦକ୍ଷପ୍ରଜାପତିଙ୍କ ଯଜ୍ଞରେ ମା'ସତୀ ସଦାଶିବଙ୍କ ନିନ୍ଦା ଶ୍ରବଣ କରିନପାରି ପ୍ରାଣାହୁତି ଦେଲେ । ଭଗବାନ ଶଙ୍କର ପ୍ରାଣପ୍ରିୟା ସତୀଙ୍କ ଅର୍ଦ୍ଧଦଗ୍ଧ ମୃତ ଶରୀକୁ ଧରି ତାଣ୍ଡବ ନୃତ୍ୟ କଲେ ଏହି ନୃତ୍ୟରେ ତ୍ରିପୁର ବିନାଶ ହେବା ଭୟରେ ଭଗବାନ ନାରାୟଣ ସୁଦର୍ଶନ ଚକ୍ର ଦ୍ୱାରା ମା'ସତୀଙ୍କ ଅଙ୍ଗକୁ ଖଣ୍ଡ ଖଣ୍ଡ କରିଦେଲେ ମା'ସତୀଙ୍କ ଶରୀରର ବିଭିନ୍ନ ଅଂଶ ଯେଉଁଠି ପଡ଼ିଲା ସେଠାରେ ଶକ୍ତିପୀଠ ହେଲା ମାଙ୍କ ଜିହ୍ୱା ପୁଣ୍ୟ ଉତ୍କଳ ଭୂମିରେ ଆସି ପତିତ ହେଲା ସେଠାରେ ମା' ଶାରଳା ନାମରେ ପୂଜା ପାଇଲେ ଯାହା ଜିହ୍ୱାପୀଠ ନାମରେ ପରିଚିତ ମାଙ୍କର ନାମ ଏହିପରି ହେବା ତା ପଛରେ ଏକ ଇତିହାସ ରହିଛି ଯାହା ଏହିପରି ଚିରଞ୍ଜିବୀ ଶ୍ରୀ ପର୍ଶୁରାମ ଏକୋଇଶି ଥର ଦୁଷ୍ଟ କ୍ଷେତ୍ରୀୟ ମାନଙ୍କୁ ବିନାଶ କରି ଉତ୍କଳର ନାନା ତୀର୍ଥ ଭ୍ରମଣ କରୁଥିବା ସମୟରେ ସେ ଆସି ବୃଦ୍ଧାନଦୀ କୂଳରେ ପହଞ୍ଚିଲେ । ଗ୍ରୀଷ୍ମ ଋତୁ ହେଉଥିବାରୁ ଜୋରେ ଶୋଷ ଲାଗିଲା ସେ ନଦୀକୂଳରେ ଥିବା ଏକ ବଟ ବୃକ୍ଷ ମୂଳରେ ଧନୁ ଓ ପର୍ଶୁ ରଖି ପାଣି ପିଇବାକୁ ଗଲେ ସେଠାରେ ଜଳପାନ କରି ଆସି ଦେଖିଲେ ତାଙ୍କ ଧନୁ ମାଟି ତଳକୁ ଯାଇନାହିଁ କାରଣ ସେ ଦିବ୍ୟ ଧନୁର ମହିମା ହେଉଛି ସେ ଭୂମି ଉପରେ ରଖାଗଲେ ସେ ବାରଆଙ୍ଗୁଳ ମାଟି ତଳକୁ ଧସେଇ ଯାଏ ହେଲେ ଆଜି ତାହା ହୋଇନାହିଁ ? ଚିରଞ୍ଜିବୀ ପର୍ଶୁରାମ ଭାବିଲେ ଏହି ମାଟି ତଳେ ନିଶ୍ଚିନ୍ତ କେଉଁ ଶକ୍ତି ରହିଛି ତାହା ଜାଣିବା ପାଇଁ ପିତୃଭକ୍ତି ପର୍ଶୁରାମ ନିଜର ଶର ମୁନରେ ମାଟି ଖୋଳିବାକୁ ଲାଗିଲେ କିଛି ସମୟ ଖୋଳିବା ପରେ ମାଟି ତଳୁ ଏକ ଦିବ୍ୟ କଳାମୁଗୁନି ପଥର ମିଳିଲା ଏହି ସମୟରେ ଆକାଶରେ ମା'ସିଂହବାହିନୀ ଅଷ୍ଟଭୁଜା ଦୁର୍ଗା ରୂପରେ ଦର୍ଶନ ଦେଲେ ଶ୍ରୀ ପର୍ଶୁରାମଙ୍କୁ ଓ କହିଲେ ପୁତ୍ର ମୋର ଏହି ରୂପକୁ ତୁମେ ଶର ଦ୍ୱାରା ଏହି ଦିବ୍ୟ ଶିଳାରେ ଅଙ୍କନ କରି ମୋର ପୂଜା କର ମା'ଙ୍କ ଆଜ୍ଞାରେ ପର୍ଶୁରାମ ଦିବ୍ୟ ଶିଳାରେ ମା'ଙ୍କ ଦିବ୍ୟ ମୂର୍ତ୍ତି ଅଙ୍କନ କଲେ ମା'ଙ୍କ ମୂର୍ତ୍ତି ଏହିପରି ସିଂହବାହିନୀ ଓ ଅଷ୍ଟଭୁଜାରେ ବୀଣା, ପୁସ୍ତକ, ଖଡ୍ଗ, ଧନୁ, ଘଣ୍ଟା, ଢ଼ାଲ ଓ ଏକ ହାତରେ ଶୂଳ ଧରି ମହିଷାସୁର ବକ୍ଷ ବିଦାରଣ କରୁଛି ଆଉ ଏକ ହାତ ତାର ମୁଣ୍ଡ ଉପରେ ରଖିଛି, ଏହି ଦିବ୍ୟ ମୂର୍ତ୍ତି ଅଙ୍କନ କଲେ ଶରନ ମୁନରେ ସାରଳାରୁ ମା' ଶାରଳା ନାମରେ ଜଗତ ବିଖ୍ୟାତ ହେଲା । ପ୍ରଥମେ ପର୍ଶୁରାମ ପୂଜା କରିଥିଲେ ସେହି ବଟଗଛ ମୂଳେ । ମା'ଙ୍କ ସହିତ ପ୍ରଥମେ ସେହି ବଟଗଛ ମୂଳେ ସାକ୍ଷାତ ହୋଇଥିବାରୁ ତାକୁ ଭେଟବର କୁହାଯାଏ । ସେଠାରେ ମା'ଙ୍କ ପୂଜା ବ୍ୟବସ୍ଥା କରି ପର୍ଶୁରାମ ନିଜ ଗନ୍ତବ୍ୟ ପଥରେ ଚାଲିଲେ । କାଳକ୍ରମେ ମା'ଏକ ଛୋଟ ଦେଉଳରେ ପୂଜା ପାଉଥିଲେ କିମ୍ବଦନ୍ତୀ କୁହେ କଳାପାହାଡ଼ ଉତ୍କଳ ଆକ୍ରମଣ କରି ଅନେକ ହିନ୍ଦୁ ଦେବା ଦେବୀଙ୍କ ମନ୍ଦିର ଭାଙ୍ଗିବା ସହିତ ମର୍ତ୍ତି ଭଗ୍ନ କରିଛି ସେହିପରି ମା'ଙ୍କ ମନ୍ଦିରକୁ ଭାଙ୍ଗିବାକୁ ଆସିବାରୁ ମା' ଜାଣିପାରି ନାରୀ ବେଶରେ ମାଠିଆ ଧରି ମନ୍ଦିରରୁ ବାହାରି ପାଣି ଆଣିବାକୁ ଚାଲିଗଲେ କଳାପାହାଡ଼ ମନ୍ଦିରରେ ମା'ଙ୍କୁ ନପାଇ ସେହି ମନ୍ଦିରର ଦଧିନଉତିଙ୍କୁ ଭାଙ୍ଗି ଚାଲିଗଲା ଆଜିବି ସେ ମନ୍ଦିର ଲଣ୍ଡାଦେଉଳ ନାମରେ ଝଙ୍କଡ଼ରେ ରହିଛି । ମନ୍ଦିର ମାରା ହେବାରୁ ମା'ସେଠାରେ ରହିଲେ ନାହିଁ ରାଜା ଲଣ୍ଡାଦେଉଳ ଠାରୁ ଅନତି ଦୂରରେ ଏକ ସୁବିଶାଳ ମନ୍ଦିର ତୋଳାଇ ମା'ଙ୍କୁ ବିରାଜିତ କଲେ । ମା'ଭାଷାର ଦେବୀ ସରସ୍ୱତୀ ମା'ଶାରଳା କୃପା କଲେ ମହାମୁର୍ଖ ମହାପଣ୍ଡିତ ହୋଇଯାଏ ଶ୍ରୀ ଶୁଦ୍ରମୁନି ଶାରଳା ଦାସ ମା'ଙ୍କ କୃପାରୁ ସଂସ୍କୃତ ମହାଭାରତ ମହାଗ୍ରନ୍ଥକୁ ଓଡ଼ିଆରେ ରଚନା କରିଥିଲେ ଯାହା ଆମର ଓଡ଼ିଆ ମାନଙ୍କ ଆଦ୍ୟ ଗ୍ରନ୍ଥ । ମା'ପରବ ବୈଷ୍ଣବୀ ପ୍ରତିଦିନ ମା'ଶାରଳା ପାଖରେ ମହାପ୍ରସାଦ ନିବେଦନ କରାହୁଏ ମା'ଙ୍କୁ ତୁଳସୀ ଓ ବେଲପତ୍ର ଲାଗି ହୁଏ ପ୍ରତିମାସ ଏକାଦଶୀ ତିଥିରେ ମା'ସୁନାଅଳଙ୍କାର ଲାଗିହୋଇ ଜଗନ୍ନାଥ ବେଶ ଦର୍ଶନ ଦିନଏ । ମୋର ମା ଶାରଳା ବହୁତ ସୁନ୍ଦର ମହାପଣ୍ଡିତ ସ୍ୱର୍ଗତ କୁଳମଣି ପାଠଶର୍ମା କୁହନ୍ତି ମା' ସଦା ଷୋଳବର୍ଷର କନ୍ୟା ସେଥିପାଇଁ ସେ ଷୋଡ଼ଶୀ ଦୁଇପଟେ ବେଣୀ ପକାଇ କୁନି କୁନି ପାଦରେ ଅଳତା ଲଗାଇ ଗାଢ଼ନୀଳ ରଙ୍ଗ ଶାଢ଼ୀ ପରିଧାନ କରି ସିଂହ ଉପରେ ବସି ଭ୍ରମଣ କରେ । ମୁଁ ମଙ୍ଗଳା ମହାପୁରାଣରେ ପଢ଼ିଛି ମା'ଶାରଳା ଓ ମା' କଟକ ଚଣ୍ଡୀ ସାଙ୍ଗ ହୋଇ ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ସବୁଦିନ ରାତ୍ରରେ ଯାଇଥାନ୍ତି । ମା'ଏକାଧାରରେ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ଏହି ଅଷ୍ଟଭୁଜା ଦୁର୍ଗା ପ୍ରତିମାର ବିଶେଶ୍ୱତ ହେଲା ଅସ୍ତ୍ରଶସ୍ତ୍ର ଧାରଣ ସହିତ ବୀଣା ପୁସ୍ତକ ଧରିଥିବା ପ୍ରତିମା କେବଳ ମା'ଶାରଳାର ଶ୍ରୀବିଗ୍ରହ ଠାରେ ଦେଖିବାକୁ ମିଳେ । ମୋର ପୂଜ୍ୟ ବଡ଼ବାପା ଉତ୍କଳାନନ୍ଦ ଶ୍ରୀଅଜୟ କୁମାର ବେହେରାଙ୍କ ପରାମର୍ଶ ନେଇ ଦୁଷ୍ଟଗ୍ରହ ପୀଡ଼ିତ ନର ନାରୀମାନେ ମା'ଶାରଳାଙ୍କ ପାଖରେ ବିଧି ମତେ ଚଣ୍ଡୀପାଠ ଓ ମାର୍ଜନା କରି ଦୁଷ୍ଟଗ୍ରହ ପ୍ରକୋପରୁ ରକ୍ଷା ପାଇବା ସହିତ ମା'ଜଗତ ଜନନୀ ଶାରଳାଙ୍କ କୃପାପ୍ରାପ୍ତ କରନ୍ତି । ମଣିନାଗ ଗୁମ୍ଫା ନିବାସୀ ଗୁରୁ ଶ୍ରୀ ବୈକୁଣ୍ଠନାଥ ବ୍ରହ୍ମଚାରୀ ମା'ଙ୍କୁ ପ୍ରାର୍ଥନା କରିଛନ୍ତି - 'ଦିଅ ମା ଶିଖାଇ ମତେ ତବ ପୂଜା ଆରାଧନା, କିପରି କରିବି ମାଗୋ ତବ ଚରଣ ବନ୍ଦନା ।' ମନ୍ତ୍ର ଜାଣିନି କି ତନ୍ତ୍ର ଜାଣିନି କେବଳ ଜାଣିଛି ମା'ଙ୍କୁ ଆକୁଳ ଭାବରେ ଡାକିବା ଜୟ ମା'ଶାରଳା ।

+ମୋ : ୬୩୭୧୫୮୦୫୨୪

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

# ଅଙ୍ଗଦାନ କ'ଣ

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି ।

କେଉଁ କେଉଁ ଅଙ୍ଗ ଦାନ କରାଯାଏ : ଆମ ଦେଶରେ ଯକୃତ, ବୃକକ୍, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ ଦାନ କରାଯାଏ ।

କେତେ ପ୍ରକାରର ଅଙ୍ଗଦାନ : ଅଙ୍ଗଦାନ ଦୁଇ ପ୍ରକାରର ଯଥା - ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ରନଳୀ, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ କିଛି ମଧ ଜୀବିତ ବ୍ୟକ୍ତି ଦାନ କରିପାରେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ ।

ସାଧାରଣ ମୃତ୍ୟୁ ଏବଂ ବ୍ରେନ୍ ଡେଥ୍ ମଧ୍ୟରେ କ'ଣ ଫରକ : ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡେ଼ଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ ।

କିଏ ଦେଇପାରିବେ ଅଙ୍ଗ : ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ ।

କେମିତି ହୁଏ ଅଙ୍ଗଦାନ : ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡେ଼ଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ୱାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ ।

ପ୍ରତିବନ୍ଧକ କେଉଁଠି : ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର



କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି ।

କ'ଣ କରାଯାଏ ? : ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ ।

ଚକ୍ଷୁଦାନ : ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ ।

କାହାକୁ ଯୋଗାଯୋଗ କରିବେ : ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଚକ୍ଷୁଦାନ ପାଇଁ କେନ୍ଦ୍ରୀୟ ନମ୍ବର ୧୯୧୯କୁ ଆପଣ ଡାଏଲ୍ କରିପାରନ୍ତି । ସେମିତି ୧୯୯୦୧୬୦୧୬୦ ନମ୍ବରରେ ମଧ ଆପଣ ଯୋଗାଯୋଗ କରିପାରିବେ ।

କ'ଣ କରିବେ ଆପଣ : ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନ୍‌ର କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତିତ, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ ବେଆଇନ ।

ଅବସରପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୬ ଅଗଷ୍ଟ ୨୦୨୫, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## 'ପେପର୍ ମିଲ୍'ର ପ୍ରଭାବ ଓ ବିଜ୍ଞାନର ଭବିଷ୍ୟତ

ବିଜ୍ଞାନର ମୂଳଦୁଆ ହେଉଛି ସତ୍ୟ, ବିଶ୍ୱାସ ଏବଂ ସହଯୋଗ । ଏହି ନୀତିଗୁଡ଼ିକ ଉପରେ ଆଧାର କରି ମାନବ ସଭ୍ୟତା ଜ୍ଞାନର ନୂତନ ଦିଗନ୍ତ ସ୍ପର୍ଶ କରିପାରିଛି । କିନ୍ତୁ ଯଦି ଏହି ମୂଳଦୁଆ ହିଁ ଦୁର୍ବଳ ହୋଇଯାଏ, ତେବେ କ'ଣ ହେବ ? ନିକଟରେ 'ପ୍ରୋସିଡିଙ୍ଗସ୍ ଅଫ୍ ଦି ନ୍ୟାସନାଲ୍ ଏକାଡେମୀ ଅଫ୍ ସାଇନ୍ସେସ୍'ରେ ପ୍ରକାଶିତ ଏକ ନୂତନ ଅଧ୍ୟୟନ ଏହି ଭୟଙ୍କର ସତ୍ୟକୁ ପଦାକୁ ଆଣିଛି। ଏହି ଅଧ୍ୟୟନ ଅନୁଯାୟୀ, ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ହେଉଥିବା ଜାଲିଆତି ବର୍ତ୍ତମାନ କୌଣସି ବିଚ୍ଛିନ୍ନ ଘଟଣା ହୋଇ ରହିନାହିଁ, ବରଂ ଏହା ଏକ ସୁସଂଗଠିତ, ବ୍ୟାପକ ଏବଂ ଦ୍ରୁତ ଗତିରେ ବଢୁଥିବା ବିପଦରେ ପରିଣତ ହୋଇଛି, ଯାହା ସମଗ୍ର ବିଶ୍ୱର ଗବେଷଣା ଜଗତକୁ ପ୍ରଭାବିତ କରୁଛି । ଏହି ସଂଗଠିତ ଜାଲିଆତିର କାର୍ଯ୍ୟକଳାପକୁ ବୁଝାଇବା ପାଇଁ ଅଧ୍ୟୟନର ଲେଖକମାନେ ଏକ ନୂତନ ଶବ୍ଦ ବ୍ୟବହାର କରିଛନ୍ତି - 'ଡିଫେକ୍ଟ ଟୁ ୱିନ୍' ଅର୍ଥାତ୍ 'ଜିତିବା ପାଇଁ ପ୍ରତାରଣା କରିବା'।

ଏହି ଅଧ୍ୟୟନରେ ଗବେଷକମାନେ ବିଜ୍ଞାନକୁ ଏକ 'ପବ୍ଲିକ୍ ଗୁଡ୍ସ ଗେମ୍' ବା 'ସାମୂହିକ ହିତର ଖେଳ' ସହିତ ତୁଳନା କରିଛନ୍ତି । ଏହି ଖେଳରେ, ବୈଜ୍ଞାନିକମାନେ ଜ୍ଞାନ ସୃଷ୍ଟି କରି ସମାଜକୁ ସମୃଦ୍ଧ କରନ୍ତି ଏବଂ ଏହାର ପ୍ରତିବଦଳରେ ସେମାନଙ୍କୁ ସମ୍ମାନ, ପଦୋନ୍ନତି ଏବଂ ଅନୁଦାନ ମିଳିଥାଏ । ଏହା ଏକ ସାମୂହିକ ପ୍ରୟାସ, ଯେଉଁଠାରେ ସମସ୍ତଙ୍କର ସଚ୍ଚୋଟ ଅବଦାନ ଜରୁରୀ । କିନ୍ତୁ ବର୍ତ୍ତମାନର ବ୍ୟବସ୍ଥାରେ କିଛି ଲୋକ ଏହି ନିୟମକୁ ଭାଙ୍ଗି ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସହଜ ଏବଂ ଅନୈତିକ ରାସ୍ତା ଆପଣାଉଛନ୍ତି । ଅଧ୍ୟୟନ ଅନୁଯାୟୀ, ଏହା କେବଳ କିଛି ବ୍ୟକ୍ତିଗତ ସ୍ତରର ଭୁଲ୍ ନୁହେଁ, ବରଂ ଏକ ସୁସଂଗଠିତ ନେଟୱାର୍କର କାର୍ଯ୍ୟ । ଏହି ନେଟୱାର୍କରେ 'ପେପର୍ ମିଲ୍' ବା 'ଗବେଷଣାପତ୍ର କାରଖାନା', ଦଲାଲ ସଂସ୍ଥା, କିଛି ଅସାଧୁ ସମ୍ପାଦକ ଏବଂ ଜର୍ଣ୍ଣାଲ୍ ସାମିଲ ଅଛନ୍ତି। 'ପେପର୍ ମିଲ୍' ଗୁଡ଼ିକ ହେଉଛି ଏପରି ସଂସ୍ଥା ଯେଉଁମାନେ ଟଙ୍କା ବଦଳରେ ନକଲି ବା ମନଗଢ଼ା ଗବେଷଣାପତ୍ର ତିଆରି କରି ବିଭିନ୍ନ ବୈଜ୍ଞାନିକ ଜର୍ଣ୍ଣାଲରେ ପ୍ରକାଶ କରାନ୍ତି ।

ଏହି ଜାଲିଆତିର ମୂଳ କାରଣ ହେଉଛି ଆଧୁନିକ ଏକାଡେମିକ୍ ଜଗତର ପ୍ରତିଯୋଗିତାମୂଳକ ଚାପ । ଆଜିକାଲି ଜଣେ ବୈଜ୍ଞାନିକଙ୍କ ସଫଳତା ତାଙ୍କ ଜ୍ଞାନ ବା ଗବେଷଣାର ଗୁଣବତ୍ତା ଅପେକ୍ଷା ସଂଖ୍ୟା ଉପରେ ଅଧିକ ମପାଯାଉଛି । କିଏ କେତୋଟି ଗବେଷଣାପତ୍ର ପ୍ରକାଶ କଲେ, ତାଙ୍କୁ କେତେ ସାଇଟେସନ୍ ମିଳିଲା ବା ତାଙ୍କର ଏଚ୍-ଇଣ୍ଡେକ୍ସ କେତେ, ଏହା ହିଁ ପଦୋନ୍ନତି ଏବଂ ଅନୁଦାନ ପାଇବାର ମାପକାଠି ପାଲଟିଛି । ଏହି ସଂଖ୍ୟା-ଆଧାରିତ ମୂଲ୍ୟାଙ୍କନ ବ୍ୟବସ୍ଥା ହିଁ ଅନେକ ଯୁବ ଗବେଷକଙ୍କୁ ସହଜରେ ସଫଳତା ପାଇବା ପାଇଁ ଏହି ଅନୈତିକ ରାସ୍ତା ଆପଣାଇବାକୁ ବାଧ କରୁଛି । ସେମାନଙ୍କ ପାଇଁ ଏହା ଏକ ଭୁଲ୍ କାର୍ଯ୍ୟ ନୁହେଁ, ବରଂ ବ୍ୟବସ୍ଥାରେ ଆଗକୁ ବଢ଼ିବାର ଏକ 'ଯୁକ୍ତିଯୁକ୍ତ' ଉପାୟ ପାଲଟିଛି । ଏହି ସମସ୍ୟା ବର୍ତ୍ତମାନ ଭାରତ, ଇରାନ, ଋଷିଆ ଏବଂ ପୂର୍ବ ୟୁରୋପୀୟ ଦେଶମାନଙ୍କରେ ବ୍ୟାପିବାରେ ଲାଗିଛି । ଅଧ୍ୟୟନରେ ଭାରତର 'ଏକାଡେମିକ୍ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଆସୋସିଏସନ୍' (ARDA) ଭଳି ସଂସ୍ଥାର ଉଦାହରଣ ଦିଆଯାଇଛି, ଯାହା ନିଜ ଗ୍ରାହକଙ୍କ ପାଇଁ ନକଲି ଗବେଷଣାପତ୍ର ଲେଖିବା ସହ ବିଭିନ୍ନ ଜର୍ଣ୍ଣାଲରେ ଏହାର ପ୍ରକାଶନକୁ ମଧ୍ୟ ସୁନିଶ୍ଚିତ କରୁଛି ।

ଏହି ଅଧ୍ୟୟନର ସବୁଠାରୁ ଚିନ୍ତାଜନକ ଦିଗଟି ହେଉଛି ଏହି ଜାଲିଆତିର ବ୍ୟାପକତା । ତଥ୍ୟ ଅନୁସାରେ, ସନ୍ଦେହ କରାଯାଉଥିବା ନକଲି ଗବେଷଣାପତ୍ରର ସଂଖ୍ୟା ପ୍ରତି ୧.୫ ବର୍ଷରେ ଦ୍ୱିଗୁଣିତ ହେଉଛି, ଯାହା ପ୍ରକୃତ ବୈଜ୍ଞାନିକ ପ୍ରକାଶନର ବୃଦ୍ଧି ହାରଠାରୁ ୧୦ ଗୁଣ ଅଧିକ । ଏହାର ଅର୍ଥ ହେଉଛି, ଯେଉଁ ପରିମାଣରେ ନକଲି ଗବେଷଣାପତ୍ର ପ୍ରକାଶ ପାଉଛି, ସେହି ଅନୁପାତରେ ସେଗୁଡ଼ିକୁ ଚିହ୍ନଟ କରି ପ୍ରତ୍ୟାହାର କରାଯାଇପାରୁନାହିଁ । ଗବେଷକଙ୍କ ଆକଳନ ଅନୁଯାୟୀ, ମାତ୍ର ୨୫% ସନ୍ଦିଗ୍ଧ ନକଲି ଗବେଷଣାପତ୍ରକୁ ପ୍ରତ୍ୟାହାର କରାଯାଇପାରେ ଏବଂ ମାତ୍ର ୧୦% ଏପରି ପ୍ରକାଶନ ଥିବା ଜର୍ଣ୍ଣାଲଗୁଡ଼ିକୁ ବ୍ଲାକଲିଷ୍ଟ କରାଯାଇଥାଏ । ଏହା ଏକ ଭୟଙ୍କର ସ୍ଥିତି, କାରଣ ଏହି ନକଲି ଗବେଷଣାପତ୍ରଗୁଡ଼ିକ ବୈଜ୍ଞାନିକ ଜ୍ଞାନର ସମୁଦ୍ରକୁ ପ୍ରଦୂଷିତ କରୁଛନ୍ତି । ଫଳରେ, ପ୍ରକୃତ ଗବେଷକମାନଙ୍କ ପାଇଁ କୌଣସି ବିଷୟରେ ପୂର୍ବରୁ ହୋଇଥିବା କାର୍ଯ୍ୟ ଉପରେ ନିର୍ଭର କରି ଆଗକୁ ବଢ଼ିବା କଷ୍ଟକର ହୋଇପଡୁଛି । ଚିକିତ୍ସା ବିଜ୍ଞାନ, ଔଷଧ ପ୍ରସ୍ତୁତି ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହାର ପରିଣାମ ଅତ୍ୟନ୍ତ ଭୟାବହ ହୋଇପାରେ।

ଏହି ସମସ୍ୟାର ସମାଧାନ ପାଇଁ କେବଳ କିଛି ଗବେଷଣାପତ୍ର ପ୍ରତ୍ୟାହାର କରିବା କିମ୍ବା କିଛି ଜର୍ଣ୍ଣାଲକୁ ବ୍ଲାକଲିଷ୍ଟ କରିବା ଯଥେଷ୍ଟ ନୁହେଁ । ଏଥିପାଇଁ ଏକ ବ୍ୟାପକ ଏବଂ ସମନ୍ୱିତ ପଦକ୍ଷେପର ଆବଶ୍ୟକତା ରହିଛି । ପ୍ରଥମତଃ, ବୈଜ୍ଞାନିକ ସଫଳତାର ମୂଲ୍ୟାଙ୍କନ ବ୍ୟବସ୍ଥାରେ ସୁଧାର ଆଣିବାକୁ ପଡ଼ିବ । ସଂଖ୍ୟା ପରିବର୍ତ୍ତେ ଗବେଷଣାର ଗୁଣବତ୍ତାକୁ ଅଧିକ ଗୁରୁତ୍ୱ ଦେବାକୁ ହେବ । ଦ୍ୱିତୀୟତଃ, ଜାଲିଆତି ଚିହ୍ନଟ କରିବା ପାଇଁ ଅଧିକ ଶକ୍ତିଶାଳୀ ଏବଂ ସ୍ୱୟଂକ୍ରିୟ ପ୍ରଣାଳୀର ବିକାଶ ଜରୁରୀ। ତୃତୀୟତଃ, କେବଳ ଲେଖକ ନୁହଁନ୍ତି, ଏହି ସଂଗଠିତ ଅପରାଧରେ ସାମିଲ ଥିବା ସମ୍ପାଦକ, ପ୍ରକାଶକ ଏବଂ ସଂସ୍ଥାମାନଙ୍କୁ ମଧ୍ୟ ଦାୟୀ କରାଯିବା ଉଚିତ୍ ।

ବିଜ୍ଞାନ କୌଣସି ଦେଶ ବା କାଳର ସୀମାରେ ବନ୍ଧା ନୁହେଁ; ଏହା ସମଗ୍ର ମାନବ ଜାତିର ସମ୍ପତ୍ତି । ଏହାର ସୁରକ୍ଷା ଏବଂ ସତ୍ୟନିଷ୍ଠା ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ । ଯଦି 'ଜିତିବା ପାଇଁ ପ୍ରତାରଣା' କରିବାର ମାନସିକତା ସାଧାରଣ ହୋଇଯାଏ, ତେବେ ଏହା କେବଳ ବିଜ୍ଞାନର ପ୍ରଗତିକୁ ବାଧା ଦେବ ନାହିଁ, ବରଂ ସମାଜରୁ ବିଜ୍ଞାନ ଉପରେ ଥିବା ବିଶ୍ୱାସକୁ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ କରିଦେବ।

## ଦଲାଇଲାମାଙ୍କ ପୁନର୍ଜନ୍ମକୁ ନେଇ କାହିଁକି ଭୟଭୀତ ଚୀନ ?



ଡ. ସମନ୍ୱୟ ନନ୍ଦ

ତିବ୍ୱତର ସର୍ବୋଚ୍ଚ ଧର୍ମଗୁରୁ ଓ ଜୀବନ୍ତ ବୁଦ୍ଧ ଭାବେ ସ୍ୱୀକାର କରାଯାଉଥିବା ଦଲାଇଲାମା ପୁଣି ଥରେ ସ୍ପଷ୍ଟ କରି ଦେଇଛନ୍ତି ଯେ ଦଲାଇଲାମା ସଂସ୍ଥା ସମାପ୍ତ ହେବ ନାହିଁ ଓ ତାଙ୍କର ପୁନର୍ଜନ୍ମ ନିଶ୍ଚିତ ଭାବରେ ହେବ । ୯୦ ବର୍ଷ ବୟସରେ ଉପନୀତ ହୋଇଥିବା ଦଲାଇଲାମା ଏହା ବ୍ୟତୀତ ସେ ଚୀନ ଓ ନିଜର ଅନୁଯାୟୀ ମାନଙ୍କୁ ସ୍ପଷ୍ଟ ଭାଷାରେ ବାର୍ତା ଦେଇଛନ୍ତି ଯେ ଆଗାମୀ ଦଲାଇଲାମା କିଏ ହେବ ତାହାର ନିଷ୍ପତି ଆଧାତ୍ମିକ ଭାବେ କରାଯିବ । ଶହ ଶହ ବର୍ଷର ତିବତୀୟ ପରମ୍ପରା ଅନୁସାରେ ତାଙ୍କର ପୁନର୍ଜନ୍ମ ହେବ ଓ ତାଙ୍କର ସହଯୋଗୀ ବିଶ୍ୱସ୍ତ ବୌଦ୍ଧ ଭିକ୍ଷୁ ମାନଙ୍କର ଏକ ସମୂହ ନିକଟରେ ତାଙ୍କର ଉତରାଧିକାରୀକୁ ଚିହ୍ନଟ କରିବା ନିମନ୍ତେ ସମ୍ପୂର୍ଣ ଅଧକାର ରହିବ । ଏହା ଏକ ଦୀର୍ଘ ପ୍ରକ୍ରିୟା ହୋଇଥାଏ ଯେଉଁଥିରେ ଏକ ଶିଶୁକୁ ଖୋଜା ଯାଏ ଯେଉଁଥିରେ ଦଲାଇଲାମାଙ୍କ ଆତ୍ମାର ପୁନର୍ଜନ୍ମ ହୋଇଥାଏ । ଦଲାଇଲାମା ଏହି ଅବସରରେ ନିଜର ଭିକ୍ଷୁ ମାନଙ୍କୁ କହିଛନ୍ତି ଏହି ବିଷୟରେ ହସ୍ତକ୍ଷେପ କରିବାର କାହାକୁ କୌଣସି ଅଧିକାର ନାହିଁ ।

ଦଲାଇଲାମାଙ୍କ ଏହି ଘୋଷଣା ବାସ୍ତବରେ କମ୍ୟୁନିଷ୍ଟ ଚୀନକୁ ଏକ ବଡ ବାର୍ତ୍ତା ବୋଲି ମନେ କରାଯାଉଛି । କାରଣ କମ୍ୟୁନିଷ୍ଟ ଚୀନ ସରକାରକୁ ସେ ସ୍ପଷ୍ଟ ଶବ୍ଦରେ ସୂଚାଇ ଦେଇଛନ୍ତି ଯେ ଦଲାଇଲାମା କେଉଁଠି ଜନ୍ମ ନେବେ ଓ ତାଙ୍କର ଚୟନ କରିବାର ଅଧିକାର କେବଳ ତାଙ୍କର ଓ ତାଙ୍କର ସହଯୋଗୀ ଭିକ୍ଷୁ ମାନଙ୍କର ରହିଛି । ଚୀନ ଏହା ପୂର୍ବରୁ ବାରମ୍ବାର କହି ଆସିଥିଲା ଯେ ଆଗାମୀ ଦଲାଇଲାମାଙ୍କୁ ଚୟନ କରିବାର ଅଧିକାର କେବଳ ଚୀନ ସରକାରଙ୍କ ନିକଟରେ ଅଛି।

ଦଲାଇଲାମାଙ୍କ ବର୍ତମାନର ଏହି ଘୋଷଣାକୁ ମଧ ଚୀନ ସହଜରେ ଗ୍ରହଣ କରି ପାରି ନାହିଁ । କାରଣ ଚୀନ ଜାଣିଛି ଯେ ଏପରି ହେବା ଦ୍ୱାରା ଚୀନର ଲକ୍ଷ୍ୟ ସାଧିତ ହେବ ନାହିଁ । ତେଣୁ ଚୀନ ସରକାର ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ କୌଣସି ପୁନର୍ଜନ୍ମକୁ ସେତେବେଳେ ମାନ୍ୟତା ପ୍ରଦାନ କରାଯିବ ଯେତେବେଳେ ଚୀନର କମ୍ୟୁନିଷ୍ଟ ସରକାର ତାକୁ ଅନୁମୋଦନ ଦେବ । ଚୀନର କମ୍ୟୁନିଷ୍ଟ ସରକାର କହିଛି ଯେ ୨୦୦୭ ମସିହାର ଆଇନ ଅନୁସାରେ ପୁନର୍ଜନ୍ମର ଅଧିକାର କେବଳ ଚୀନ ସରକାରଙ୍କ ଅଧୀନରେ ରହିଛି ।

ତେବେ ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଦଲାଇଲାମା ଓ ତାଙ୍କର ପୁନର୍ଜନ୍ମକୁ ନେଇ ଚୀନ ଏତେ ଚିନ୍ତିତ କାହିଁକି ? ଦଲାଇଲାମା କେଉଁଠି ଜନ୍ମ ହେବେ, ସେ କାହା ଶରୀର ଧାରଣ କରି ପୁନର୍ଜନ୍ମ ନେବେ ଏହା ସହିତ କମ୍ୟୁନିଷ୍ଟ ଚୀନର କଣ ସମ୍ପର୍କ ରହିଛି ? ଚୀନର ଏହି ଚିନ୍ତା ପଛରେ ବଡ ରହସ୍ୟ ରହିଛି । ଯଦିଓ ଚୀନ ତିବ୍ୱତକୁ ସାତ ଦଶନ୍ଧିରୁ ଅଧିକ ସମୟ ହେଲାଣି ବଳପୂର୍ବକ ଅଧିକାର କରି ରଖିଛି ଓ ତିବ୍ୱତୀୟ ମାନଙ୍କ ସହ ସମସ୍ତ ପ୍ରକାର ପାଶବିକ ଅତ୍ୟାଚାର କରି ଆସୁଛି ତଥାପି ସେମାନଙ୍କ ମନରୁ ତିବ୍ୱତୀୟ ରାଷ୍ଟ୍ରୀୟତା ବା ତିବ୍ୱତୀୟତାର ଧାରଣାକୁ ଦୂର କରିବାରେ ସଫଳ ହୋଇ ନାହିଁ । ଏହାର କାରଣ ହେଲା ଦଲାଇଲାମା ହେଉଛନ୍ତି ତିବ୍ୱତୀୟ ରାଷ୍ଟ୍ରୀୟତା ପ୍ରତୀକ । ଯଦିଓ ତିବ୍ୱତର ଭୂମି ଚୀନର ଅଧିକାରରେ ଅଛି, ଦଲାଇଲାମା ଚୀନର ଅଧିକାରରେ ନାହାନ୍ତି । ତେଣୁ ତିବତର ଲୋକ ମାନେ ମନେ କରନ୍ତି ଯେ ପର୍ଯ୍ୟନ୍ତ ଦଲାଇଲାମା ସ୍ୱାଧୀନ ଅଛନ୍ତି ସେପର୍ଯ୍ୟନ୍ତ ତିବତର ରାଷ୍ଟ୍ରୀୟତା ବା ତିବତୀୟତା ପରାଧୀନ ହୋଇ ନାହିଁ । କମ୍ୟୁନିଷ୍ଟ ଚୀନ ଗତ ସାତ ଦଶନ୍ଧୀରୁ ଉର୍ଦ୍ଧ ସମୟ ଧରି ତିବ୍ୱତର ସାଧାରଣ ଲୋକ ମାନଙ୍କ ମାନସପଟରୁ ତିବ୍ୱତୀୟତାକୁ ସମାପ୍ତ କରିବାକୁ ଅନେକ ଷଡଯନ୍ତ୍ର କରି ଆସିଛି । ବୌଦ୍ଧ ମଠ ଗୁଡିକୁ ଚୀନର କମ୍ୟୁନିଷ୍ଟ ସରକାର ନଷ୍ଟ କରୁଛି । ବୌଦ୍ଧ ଭିକ୍ଷୁ ମାନଙ୍କୁ ସେମାନଙ୍କର ଉପାସନା କରିବାକୁ ଦେଉ ନାହିଁ । ମଠ ଗୁଡିକର ଅଧିକାରକୁ ସଂକୁଚିତ କରୁଛି । ତିବ୍ୱତରେ ହାନ୍ ଜାତିର ଲୋକ ମାନଙ୍କୁ ବସବାସ କରାଇ ତିବ୍ୱତୀୟ ଝିଅ ମାନଙ୍କ ସହ ଜୋର ଜବରଦସ୍ତି ବିବାହ କରାଇ ତିବ୍ୱତୀୟ ମାନଙ୍କୁ ସଂଖ୍ୟାଲଘୁ କରିବାକୁ ଚେଷ୍ଟା କରି ଆସୁଛି । ଯଦି କାହା ନିକଟରେ ଦଲାଇଲାମାଙ୍କ ଫଟୋ ଚୀନର କମ୍ୟୁନିଷ୍ଟ ସରକାର ପାଏ ତେବେ ତାକୁ ସଙ୍ଗେ ସଙ୍ଗେ ଜେଲର କାଳ କୋଠରୀରେ ପୂରାଇଥାଏ । ଦମନର ଏହି ପ୍ରକ୍ରିୟା ଅନବରତ ଚାଲି ଆସିଛି । ଏ ସବୁ ସତ୍ୱେ ତିବତୀୟଙ୍କ ମନରେ ଦଲାଇଲାମାଙ୍କ ପ୍ରତି ଶ୍ରଦ୍ଧା ଅର୍ଥାତ ତିବ୍ୱତୀୟତା ସମାପ୍ତ ହୋଇ ନାହିଁ । ଦଲାଇଲାମାଙ୍କ ତିବ୍ୱତର ଲୋକ ମାନଙ୍କ ମାନସରେ ଏହି ପ୍ରଭାବ କାରଣରୁ କମ୍ୟୁନିଷ୍ଟ ଚୀନ ସର୍ବଦା କରୁଣା ଓ ପ୍ରେମର ଅବତାର ଦଲାଇଲାମାଙ୍କ ପ୍ରତି ଗାଳିଗୁଲଜର ଭାଷା ପ୍ରୟୋଗ କରି ଆସିଛି । କମୁନିଷ୍ଟ ଚୀନ ତାଙ୍କୁ ସାଧୁଙ୍କ ବସ୍ତ୍ରରେ ଜଣେ କୋକିଶିଆଳୀ ବୋଲି ବାରମ୍ବାର କହିଥାଏ । ଏଥିରୁ ଚୀନର ଦଲାଇଲାମାଙ୍କ ପ୍ରତି ଘୃଣା ସ୍ପଷ୍ଟ ହୋଇଥାଏ । ଦଲାଇଲାମା କେଉଁ ଦେଶକୁ ଗଲେ ସେହି ଦେଶ ଉପରେ ଚାପ ପ୍ରୟୋଗ କରି ତାଙ୍କର ଗସ୍ତକୁ ରଦ୍ଦ କରିବାକୁ ଚେଷ୍ଟା କରିଥାଏ । କମ୍ୟୁନିଷ୍ଟ ଚୀନ ଭଲ ଭାବେ ଜାଣିଛି ଯେ ଯେ ପର୍ଯ୍ୟନ୍ତ ପରମ ପାବନ ଦଲାଇଲାମା ଅଛନ୍ତି ସେ ପର୍ଯ୍ୟନ୍ତ ତିବ୍ୱତ ଉପରେ ଅଧିକାର କଲେ ସୁଦ୍ଧା ତିବତୀୟତାକୁ ସମାପ୍ତ କରି ପାରିବ ନାହିଁ । ତେଣୁ ସେ ସମୟକୁ ଅପେକ୍ଷା କରିଛି । ଦଲାଇଲାମାଙ୍କ ବୟସ ଅଧିକ ହେବା କାରଣରୁ ତାଙ୍କର କେବେ ମୃତ୍ୟୁ ହେବ ତାକୁ ଚୀନର କମ୍ୟୁନିଷ୍ଟ ସରକାର ଅପେକ୍ଷା କରିଛି । କମ୍ୟୁନିଷ୍ଟ ଚୀନ ଜଗି ବସିଛି, କେବେ ଦଲାଇଲାମାଙ୍କ ମୃତ୍ୟୁ ହେବା ଓ କେବେ ସେ ତା ଆଡୁ ଜଣେ ଶିଶୁକୁ ଦଲାଇଲାମା ବୋଲି ଘୋଷିତ କରି ଦେବ । ଉକ୍ତ ଶିଶୁ ମାଧମରେ ସେ ତିବ୍ୱତର ରାଷ୍ଟ୍ରୀୟତାକୁ ସମାପ୍ତ କରି ଦେବ । ଦଲାଇଲାମା ମଧ ଚୀନର ଏହି ଷଡଯନ୍ତ୍ରକୁ ଭଲ ଭାବେ ବୁଝିଛନ୍ତି । ତେଣୁ ସେ ବାରମ୍ବାର କହି ଆସିଛନ୍ତି ଯେ ତାଙ୍କର ପୁନର୍ଜନ୍ମ ପରାଧୀନ ଥିବା ଭୂମିରେ ହେବ ନାହିଁ । ସେ ପ୍ରକାରାନ୍ତରରେ ତିବତୀୟ ମାନଙ୍କୁ କହି ଆସିଛନ୍ତି ଯେ ଚୀନର ଅଧିକାରରେ ଥିବା ତିବତରେ ସେ ଜନ୍ମ ନେବେ ନାହିଁ । ଭାରତର ଅରୁଣାଚଳ ପ୍ରଦେଶର ତବାଙ୍ଗ ଅଂଚଳରେ ତାଙ୍କର ଅନେକ ଅନୁଯାୟୀ ଅଛନ୍ତି। ଏହା ପୂର୍ବରୁ ଜଣେ ଦଲାଇଲାମା ତୱାଙ୍ଗ ଅଂଚଳରୁ ହୋଇ ସାରିଛନ୍ତି । ତେଣୁ ଦଲାଇଲାମା ତିବତୀୟ ମାନଙ୍କୁ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ଚୀନ ଯେଉଁ ଶିଶୁ କୁ ଦଲାଇଲାମା ବୋଲି ଘୋଷଣା କରିବ ତାକୁ ସେମାନେ ଦଲାଇଲାମା ବୋଲି ସ୍ୱୀକାର ନ କରନ୍ତୁ । ସେ ତୱାଙ୍ଗ ଅଂଚଳରେ ଜନ୍ମ ନେବେ ଓ ତାଙ୍କର ବିଶ୍ୱସ୍ତ ଭିକ୍ଷୁ ମାନଙ୍କର ସମୂହ ସେହି ଶିଶୁକୁ ଚିହ୍ନିବେ। ତାଙ୍କୁ ହିଁ ସେମାନେ ଦଲାଇଲାମା ବୋଲି ସ୍ୱୀକାର କରନ୍ତୁ । ଦଲାଇଲାମାଙ୍କର ଏହି ବକ୍ତବ୍ୟ ଚୀନର ଦୀର୍ଘ ଦିନର ଆଶାକୁ ନିରାଶାରେ ପରିବର୍ତନ କରି ଦେଇଛି । ତେଣୁ ଚୀନର ସରକାରଙ୍କୁ ଦଲାଇଲାମାଙ୍କ ବକ୍ତବ୍ୟ ଉପରେ ବାଧ ହୋଇ ପ୍ରତିକ୍ରିୟା ଦେବାକୁ ପଡିଛି ଓ କହିବାକୁ ପଡିଛି ଯେ ଚୀନ ସରକାରଙ୍କ ଅନୁମୋଦନ ବିନା ଦଲାଇଲାମାଙ୍କ ପୁନର୍ଜନ୍ମକୁ ମାନ୍ୟତା ପ୍ରଦାନ କରାଯାଇ ପାରିବ ନାହିଁ ।

ତେବେ ଦେଖିବାକୁ ଗଲେ ଚୀନ ବର୍ତମାନ ସବୁଠାରୁ ଶକ୍ତିଶାଳୀ ଦେଶ ମଧ୍ୟରେ ଅନ୍ୟତମ । ସାମରିକ ଶକ୍ତି, ପରମାଣୁ ବୋମା ଠାରୁ ଆରମ୍ଭ କରି ଟେକ୍ନୋଲଜୀ କ୍ଷେତ୍ର ହେଉ ବା ବାଣିଜ୍ୟ କ୍ଷେତ୍ର ହେଉ ଚୀନ ନିଜକୁ ମହାଶକ୍ତି ବୋଲି ପ୍ରଚାରିତ କରିଥାଏ । ହେଲେ ଏତେ ବଡ ମହାଶକ୍ତି ଚୀନ ଆଜି ଜଣେ ସାଧାରଣ ଭିକ୍ଷୁ ଦଲାଇଲାମାଙ୍କ ଆଗରେ ଭୟଭୀତ । ଏହି ସାଧାରଣ ବୌଦ୍ଧ ଭିକ୍ଷୁଙ୍କ ନିକଟରେ ନା ପରମାଣୁ ବୋମା ଅଛି, ନା ସେନା ବାହିନୀ ଅଛି ନା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଅଛି ? ତଥାପି ଚୀନ ତାଙ୍କ ନିକଟରେ ଭୟଭୀତ ଓ ପ୍ରଭାବହୀନ । ଦଲାଇଲାମାଙ୍କ ମୃତ୍ୟୁକୁ ସେ ଅପେକ୍ଷା କରିଛି । ଆଉ ଏକ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ନାସ୍ତିକବାଦୀ ବିଚାରଧାରା କମ୍ୟୁନିଜମରେ ବିଶ୍ୱାସ କରୁଥିବା କମ୍ୟୁନିଷ୍ଟ ଚୀନ ସରକାରକୁ ପୁନର୍ଜନ୍ମ ସିଦ୍ଧାନ୍ତକୁ ସ୍ୱୀକାର କରିବାକୁ ବାଧ ହେବାକୁ ପଡୁଛି ଓ ଦଲାଇଲାମାଙ୍କ ପୁନର୍ଜନ୍ମ କେଉଁଠାରେ ହେବ ସେ ନେଇ ମୁଣ୍ଡ ଖେଳାଇବାକୁ ଚେଷ୍ଟା କରୁଛି । ଏହାଠାରୁ ବଡ ବିଡମ୍ବନା କଣ ବା ହୋଇ ପାରେ ? ତେବେ ଏ ସମ୍ପର୍କରେ ନିର୍ବାସିତ ତିବ୍ୱତ ସରକାରର ପ୍ରଧାନମନ୍ତ୍ରୀ ପେନପା ସେରିଙ୍ଗଙ୍କ ବକ୍ତବ୍ୟକୁ ଉଲ୍ଲେଖ କରିବା ଜରୁରୀ ମନେ ହେଉଛି ଯେଉଁଥିରେ ସେ କହିଛନ୍ତି ଯେ, 'ଯଦି ଚୀନ ବାସ୍ତବରେ ପୁନର୍ଜନ୍ମରେ ବିଶ୍ୱାସ କରୁଛି ତେବେ ପ୍ରଥମେ ତାକୁ ମାଓ ସେ ତୁଙ୍ଗ ଙ୍କ ଭଳି ନିଜ ନେତା ମାନଙ୍କର ପୁନର୍ଜନ୍ମ ସମ୍ପର୍କରେ ଖୋଜିବା ଉଚିତ ହେବ ।

## ଚିନ୍ତା, ହତ୍ୟା, ଆତ୍ମହତ୍ୟା



ଦିପ୍ତିମୟୀ ନାୟକ

ପ୍ରତ୍ୟେକ ଲୋକଙ୍କର ଭିନ୍ନ ଭିନ୍ନ ଚିନ୍ତା। ପାରିବାରିକ ଚିନ୍ତା ଠାରୁ ଆରମ୍ଭ କରି ବାହାର ଦୁନିଆର ଚିନ୍ତା ପ୍ରତ୍ୟେକ ମଣିଷକୁ ଭିତରୁ ଭିତରୁ ଦୁର୍ବଳ କରିଦିଏ। ଏ ଚିନ୍ତା ସେତେବେଳେ ଦୂର ହୁଏ ଯେତେବେଳେ ଚିନ୍ତାର କାରଣଟା ସମାଧାନ ହୁଏ । ଚିନ୍ତା ଯଦି ଗୋଟେ ଖଳନାୟକ ହୁଏ ତେବେ ଜୀବନ ହେଉଛି ଗୋଟେ ନାଟକ । ଜୀବନ ନାଟକରେ ଯଦି ଚିନ୍ତା ରହିବନି ତେବେ ମଣିଷର ଅଭିଳାଷ କେବେ ପୂରଣ ହେବନି । ମନର ଅଭିଳାଷ ପୂରଣ କରିବାପାଇଁ ଚିନ୍ତାର ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ମଣିଷ ଚିନ୍ତାକଲେ କାନ୍ଦେ । ଜୀବନରେ ଅନେକ ଥର ଭୁଲ ନିଷ୍ପତ୍ତି ନେବାକୁ ଚେଷ୍ଟା କରେ । ଆଉ କେତେବେଳେ ଠିକ ନିଷ୍ପତ୍ତି ନେଇ ମଧ ଅନ୍ୟଠୁ ନିନ୍ଦା ଶୁଣେ । ଯାହାଫଳରେ ମଣିଷ କେମିତି ନା କେମିତି କେଉଁ ମୁହୂର୍ତ୍ତରେ ହଠାତ ଦୁର୍ବଳ ହୋଇଯାଇଥାଏ । ବେଳେବେଳେ ସେ ନିଜ ହୃଦୟ ଭିତର କୋହକୁ ହୃଦୟ ଭିତରେ ଲୁଚେଇ ରଖିବାକୁ ଚାହେଁ କିନ୍ତୁ ସେ ପାରେନା ଆଖିର ଲୁହରେ ଅକୁହା କଥାର କାହାଣୀ ମୁଣ୍ଡ ଭିତରେ ରଖିଦିଏ କିନ୍ତୁ ମୁଣ୍ଡ ସେହି ଚିନ୍ତାର ବୋଝ ସହିପାରେନା । ଯେଉଁଥିପାଇଁ ସେ ମଧ ଅନ୍ୟ ମାନଙ୍କ ଆଗରେ କୁହେ ଜୀବନ ମାନେ ଖାଲି ଯନ୍ତ୍ରଣା । ଏହାକୁ କେହି କେବେ ଅତି ସହଜେ ବୁଝି ପାରେନା । ଆଉ ଯିଏ ବୁଝେ ସେ କିଛି କରିପାରେନା।

ତେବେ ଆଜିର ଯୁବପିଢ଼ି ଅନେକ ଚିନ୍ତାରେ ରହୁଛନ୍ତି । ଚାକିରୀ ସମସ୍ୟା, ବିବାହ ସମସ୍ୟା, ପାରିବାରିକ ସମସ୍ୟା, ଶତ୍ରୁ ସହ ମୁକାବିଲା କରିବାର ସମସ୍ୟା, ବିପଦ ବେଳେ ନିଜକୁ ରକ୍ଷା କରିବାର ସମସ୍ୟା ଏସବୁ ସମସ୍ୟା ଆଜିର ଦିନରେ ବହୁତ ବଡ ସମସ୍ୟା ଭାବରେ ଆମ ସମାଜରେ ଉଦୟମାନ ହୋଇଛି । ହେଲେ କଣ ହେବ କିଛି ଜଣ ସହି ଯାଉଛନ୍ତି ଆଉ କିଛି କହିକି ମରି ଯାଉଛନ୍ତି। ମରିଯିବା ଯଦି ସବୁ ସମସ୍ୟାର ସମାଧାନ ବାଟ ନୁହେଁ କିନ୍ତୁ ଆମ ସମାଜରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ସେମାନେ ଜୀବନ ହାରିନାହାଁନ୍ତି ବରଂ ନିଜ ଜୀବନକୁ ଜୀବନ ଭାବରେ ଜିଇଁବା ପାଇଁ ସଂଘର୍ଷ ଜାରି ରଖିଛନ୍ତି । କେତେକ ସଫଳ ହୋଇଛନ୍ତି ଆଉ କେତେକ ବିଫଳ ହୋଇ ନିଜ ଜୀବନକୁ ବାଜି ଲଗେଇ ମରଣ ମୁହଁକୁ ଚାଲିଯାଇଛନ୍ତି । କେବଳ କହିଦେଲେ ହେବନି ଚିନ୍ତା ପାଇଁ ହତ୍ୟା, ଆତ୍ମହତ୍ୟା କେତେ କେତେ ଠିକ । ଯଦି ଆମେ ସଠିକ ଅନୁଧ୍ୟାନ କରିବା ତେବେ ଜାଣିପାରିବା ରୋଗକୁ ଭଲ କରିହେବ କିନ୍ତୁ ନିଜ ମନରେ ଥିବା ଚିନ୍ତାକୁ କେବେ ଭଲ କରିହେବନି । ଏହା କୌଣସି ରୋଗ ନୁହେଁ କିନ୍ତୁ ଏହା ଆଜିର ଦିନରେ ବହୁତ ଭୟଙ୍କର ଭାବେ ସମସ୍ତଙ୍କ ମୁଣ୍ଡରେ ରହୁଛି ଯାହାଫଳରେ ଅନେକ ନିରୀହ ଜୀବନ ଅକାଳରେ ଚାଲିଯାଉଛନ୍ତି । ଆଉ କେତେବେଳେ ନିଜ ସ୍ୱାର୍ଥ ପାଇଁ ବିଧିବଦ୍ଧ ଭାବରେ ଅନ୍ୟକୁ ହତ୍ୟା କରିବାର ଉଦ୍ୟମ କରାଯାଉଛି ଆଉ କିଛି ଆତ୍ମହତ୍ୟା କରି ସମାଜକୁ ବାର୍ତ୍ତା ଦେଇ ଚାଲିଯାଇଥାନ୍ତି ମାନସିକ ସ୍ତରରେ ଯେତେବେଳେ ମଣିଷ ଦୁର୍ବଳ ହୋଇଯାଏ ସେତେବେଳେ ସେ ଜୀବନର ଶେଷ ନିଷ୍ପତ୍ତି ନେଇଯାଏ । ବଞ୍ଚିଥିବା ଅବସ୍ଥାରେ ଯେଉଁମାନେ ପାଖରେ ନଥିବେ ମରିଗଲା ପରେ ନିଜର କହି ଧାଇଁ ଆସିବେ । କାହିଁକି ନା ଏ ଦୁନିଆ ସେମିତି ।



ସେତେବେଳେ ଭାବୁଥିଲି ବଡ ଲୋକମାନଙ୍କର କେବଳ ଚିନ୍ତା ଥାଏ କିନ୍ତୁ ଏବେ ଭାବୁଛି ବଡ ଲୋକଙ୍କ ଠାରୁ ବୋଧହୁଏ ଆଜିର ଯୁବପିଢ଼ି ବେଶ ଚିନ୍ତାରେ ଅଛନ୍ତି ସେଥିପାଇଁ ସେମାନେ ଚିନ୍ତା ପାଇଁ ହତ୍ୟା, ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି । ଯଦି ଆମେ କହିବା ଆଇନ ବଳ ଥିଲେ ସବୁ ସମସ୍ୟାର ସମାଧାନ ଥାଏ କିନ୍ତୁ ଏଠି ଅନେକଙ୍କ କ୍ଷେତ୍ରରେ ଟଙ୍କା ବଳରେ ଆଇନ ହାତ ମୁଠାକୁ ଚାଲିଆସୁଛି । ଯେପର୍ଯ୍ୟନ୍ତ ଆମେ ଆମ ଚିନ୍ତାକୁ ମୁଣ୍ଡରୁ ନବାହାର କରିବା ସେପର୍ଯ୍ୟ ଏ ସମାଜରେ ଚିନ୍ତା ପାଇଁ ହତ୍ୟା, ଆତ୍ମହତ୍ୟା ବଢ଼ି ଚାଲିବ । ଯଦିଓ ସମସ୍ତେ କୁହନ୍ତି ସବୁ ମଣିଷ ଦୁର୍ବଳ ନୁହଁନ୍ତି କିନ୍ତୁ କିଛି ମଣିଷ ମାନସିକ ସ୍ତରରେ ବହୁତ ଦୁର୍ବଳ ହୋଇଯାଇଥାନ୍ତି ଆଉ ଯେଉଁଥିପାଇଁ ଆମ ସମାଜରେ ଏମିତି ସବୁ ଘଟଣା ଦେଖିବାକୁ ମିଳିଥାଏ । କିଏ ନିଜ ଶତ୍ରୁକୁ ହଟେଇ ଚିନ୍ତାମୁକ୍ତ ହେବାକୁ ଚାହେଁ ତ ଆଉ କିଏ ନିଜ ସମସ୍ୟାଠୁ ଦୂରେଇ ନିଜ ଜୀବନ ହାରିବାକୁ ଚାହିଁଥାଏ । ହେଲେ ଏଠାରେ ଗୋଟେ କଥା କହିବି ଚିନ୍ତା ଠାରୁ ଦୂରେଇ ରହି ନିଜକୁ ସେହି କାମରେ ବ୍ୟସ୍ତ ରଖନ୍ତୁ ଯେଉଁ କାମ ପାଇଁ ଆପଣ ଚିନ୍ତା ଠାରୁ ଦୂରେଇ ରହିବେ ।

+ଯୁବ ସାମ୍ବାଦିକା
ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬

## କୋମଳ ମନ

### ଗୀତାଞ୍ଜଳି ଅଗସ୍ତି

ସବୁରି ଆଦର ପାଇବି ବୋଲି ମୁଁ
ଦିନରାତି ଚାହିଁ ଥାଏ
କୋମଳ ମନଟା ଆନନ୍ଦିତ ହୋଇ
ସୌନ୍ଦର୍ଯ୍ୟରେ ଭରି ଯାଏ।

ରଙ୍ଗ ବେରଙ୍ଗର ପ୍ରସ୍ଫୁଟିତ ହୁଏ
ସପ୍ତ ରଙ୍ଗ ଭରି ଦେଇ
ମନ୍ଦାର କନିଅର ମଲ୍ଲି ଟଗର
ମାଳତୀ ସେବତୀ ଯୁଇ।

ଗେଣ୍ଡୁ ଗୋଲାପ ଦୁଦୁରା ଅରଖ
ରଜନୀଗନ୍ଧା ମହକ
ଅପରାଜିତା କଇଁ ପଦ୍ମ ଜାଇ
ସୁଗନ୍ଧରାଜ ସୁବାସ।

ଚମ୍ପା ହେନା ମଲ୍ଲି ଶେଫାଳୀ
ମହକାଏ ଚତୁର୍ଦ୍ଦିଗ
ନାନା ଜାତି ଫୁଲେ ସୁଶୋଭିତ
ଧରଣୀ ରାଣୀ ବିଭବ।

ବିଭୁର ବିଭୁତି ଚରଣେ ଶାନ୍ତି
କିଏ ବା ଜାଣି ପାରିବ
କାହା ଗଳାହାର ଅବା ପାଦେ
ଲାଗି ମୁକ୍ତି ପାଇବ ?

ଫୁଲ ପରି ମନ ହେଉ ସଂସାର
ସୌନ୍ଦର୍ଯ୍ୟ ଫୁଟି ଉଠିବ
ପୁଷ୍ପ ମଧୁପ ସଂପର୍କ ଡୋରି ରେ
ତିତିଲ ଖେଳି ବୁଲିବ।

+ଏରଡା, ଭଦ୍ରକ

କବିତା କୋଣାର୍କ

## ଆବର୍ଜନା

### ଭାରତୀ ସରିତା ମହାନ୍ତି



ଆବର୍ଜନା ଥିଲେ ଲକ୍ଷ୍ମୀ ଆସନ୍ତୁଷ୍ଟ
ଅଲକ୍ଷ୍ମୀ ବିରାଜ ଗୃହ ମନ୍ଦିରେ
ମନ ଆବର୍ଜନା ଶରୀର ଆହତ
ଅବୁଝା ମଣିଷ ବୁଝି ନ ପାରେ ।

ସୁସ୍ଥ ପରି ବେଶ ସୁସ୍ଥ ଏ ମଣିଷ
ସ୍ଲୋଗାନରେ ଶୋଭା ପାଏ ଜଗତ
ସଚେତନ ବାର୍ତ୍ତା ଯିଏ ଦେଉଥାଏ
ରକ୍ଷକ ସାଜୁଛି ଭକ୍ଷକ ସେତ ।

ଜରି ପ୍ଲାଷ୍ଟିକର ବ୍ୟବହାର ମନା
କାଗଜ କଲମେ ହୋଇଲା ସ୍ଥିର
ଆବର୍ଜନା ପାଇଁ ପ୍ରତ୍ୟେକ ମଣିଷ
ପରୋକ୍ଷେ ପ୍ରତକ୍ଷେ ଆଜି ତତ୍ପର ।

ଆଖିକୁ ସୁନ୍ଦର ଆବର୍ଜନା କୁଣ୍ଡ
ଜୋକର ହେଉବା ହେଉ କଣ୍ଢେଇ
ଚାଆ ପାନ ଖାଇ ରାସ୍ତାରେ ଫିଙ୍ଗିବେ
କୁଣ୍ଡରେ ଛେପକୁ ଦେବେ ପକେଇ ।

ବଣ ଭୋଜି ଖାଇ ମାଂସ ମଦ ପିଇ
ନିଶାରେ ଫିଙ୍ଗିଲେ ଆବର୍ଜନାକୁ
ଖଜୁରୀ ଗଛର କି ଗୁଣ ଗାଇବା
ଦୋଷ ଦେବ ଏଠି କିଏ କାହାକୁ ।

ଅଚିହ୍ନା ରୋଗରେ ଶିକାର ହୋଇଲେ
ପରର ଆଖିକୁ ଗେଞ୍ଜେ ଆଙ୍ଗୁଳି
ବାୟୁ ପ୍ରଦୂଷଣ ମୃତ୍ୟୁର କାରଣ
ରୋଗ ନାମ ଆଜି ଭଳିକି ଭଳି ।

ଧକେଇ କାନ୍ଦୁଛି ଧରିତିରୀ ମାତା
କର୍ତ୍ତବ୍ୟ ଭୁଲିଛି ସନ୍ତାନ ତାର
ଯେତେ ମୁଣ୍ଡ ସେତେ ହେଲେ
ସଚେତନ
ଆବର୍ଜନା ନିଶ୍ଚେ ହେବ ସତ୍କାର ।

ମନ ଆବର୍ଜନା ପ୍ରଥମେ କରିଲେ
ସୁସ୍ଥ ମସ୍ତିକରେ ହେବ ବିଚାର
ଗୃହ ପରିଷ୍କାର ଗାଁଆ ପରିଷ୍କାର
ଆବର୍ଜନା ନାହିଁ ଗଳି କନ୍ଦର ।

ହୋଇ ସଚେତନ କରି ଦେଖେଇବା
ଆବୃଦ୍ଧ ବନିତା ନେବା ସଂକଳ୍ପ
ଆବଶ୍ୟକ ଯାହା ସାଇତିବା ତାହା
ଆବର୍ଜନା କୁଣ୍ଡ ତାର ବିକଳ୍ପ ।

ସଭିଙ୍କ ଦାୟିତ୍ୱ ସ୍ୱଚ୍ଛତା ଉପରେ
ମାନସିକ ଥିଲେ ହେବ ସମ୍ଭବ
ଶ୍ରେଷ୍ଠତାର ସର୍ବେ ଦେବା ପରିଚୟ
ସୁସ୍ଥ ସମାଜ ହିଁ ଆମ ବିଭବ ।

ବାଲିଆପାଳ, ବାଲେଶ୍ୱର

## ଇନ୍ଦ୍ରଧନୁ

### ସୁହଂସ ଭୋଇ



ବରଷା ଘଡିଏ ଛାଡିଛି ବୋଲି ତ
ଉଇଁ ଆସେ ଦେଖ ଭାନୁ
ଧରାତଳେ ଚାଲେ ଖରାଛାଇ ଖେଳ
ଆକାଶରେ ଇନ୍ଦ୍ରଧନୁ ।

ଦେହରେ ଲାଗିଛି ସାତରଙ୍ଗ ଛିଟା
ରୂପ ଦିଶେ ମନୋରମ
ସତେକି ଯେମିତି ଆଙ୍କିଛି ସ୍ଥପତି
ଚାରୁଚିତ୍ର ଅନୁପମ
ଦୂରୁ ଦେଖୁଥିଲେ ମନ ଯାଏ ଲାଖି
ଆଖି ପାଲଟଇ ସ୍ଥାଣୁ ।

ନିରବରେ ଚାହିଁଦେଲେ ଏକଲୟେ
ଭାବନାରେ ଲାଗେ ନିଆଁ
ମାନସ ପଟରେ ମାନସୀର ଛବି
ପ୍ରେମରେ ଉଠଇ ଧୂଆଁ
ଏଥିପାଇଁ ମତେ ଭଲ ଲାଗେ ସିଏ
ଦୁହେଁ ଏକାପରି ଯେଣୁ ।

ଆୟୁଷଟି ତାର ନୁହେଁ ବର୍ଷମାସ
ନିମିଷକେ ହୁଏ ଶେଷ
ତଥାପି ଜୀବନେ ବୁଣିଦିଏ ରଙ୍ଗ
ସୁନ୍ଦରତା ପରିଭାଷ
ଯେତେ ଦେଖୁ ଥିଲେ ନୂଆଁ ଦିଶୁଥାଇ
ଚମକେ ରଙ୍ଗର ରେଣୁ ।

+ପହଣ୍ଡି,ବିଜେପୁର ବରଗଡ଼
ମୋ: ୯୪୩୭୫୨୨୪୫୫

## ଆଇ ମାସ୍କ ପିନ୍ଧି ଶୋଇବା ଦ୍ୱାରା ବଢିଥାଏ ସ୍ମରଣ ଶକ୍ତି



ଆଖିରେ ମାସ୍କ ଲଗେଇ ଶୋଇବା ହୁଏତ ଆଜିକାଲି ଏକ ଟ୍ରେଣ୍ଡ୍ ହୋଇଛି। ଏଭଳି ପରିସ୍ଥିତିରେ କିଛି ଲୋକ ଭଲ ନିଦ ପାଇବା ପାଇଁ ଆଖିରେ ମାସ୍କ ଲଗାନ୍ତି। ଅନେକ ଲୋକ ଫ୍ୟାଶନ ଟ୍ରେଣ୍ଡ୍ ?କୁ ଅନୁସରଣ କରିବା ପାଇଁ ଆଖିରେ ମାସ୍କ ଦେଇ ଶୋଇବାକୁ ଭଲ ପାଆନ୍ତି। କିନ୍ତୁ ଅଧିକାଂଶ ଲୋକ ଆଖିରେ ମାସ୍କ ପିନ୍ଧିବାର ଲାଭ ବିଷୟରେ ଜାଣି ନାହାଁନ୍ତି।

ତେବେ ଶୋଇବା ସମୟରେ ଆଖିରେ ମାସ୍କ ଲଗାଇଲେ କେବଳ ଭଲ ନିଦ୍ରା ହୁଏ ନାହିଁ ବରଂ ଏହା ଚର୍ମ ପାଇଁ ମଧ ଲାଭଦାୟକ। ଏହାକୁ ବ୍ୟବହାର କରି ପିମ୍ପଲ୍, ସୂକ୍ଷ୍ମ ରେଖା ଏବଂ ବ୍ରଣ ପରି ସମସ୍ୟାରୁ ସହଜରେ ମୁକ୍ତି ମିଳିପାରେ। ଖାଲି ଏତିକି ନୁହେଁ ଏହା ମଧ ସ୍ମରଣ ଶକ୍ତି ବଢାଇବାରେ ସାହାଯ୍ୟ କରେ।

ବିଶେଷଜ୍ଞମାନଙ୍କ କହିବା କଥା ସ୍କ୍ରିନ୍ ଉପରେ ଦୀର୍ଘ ସମୟ ଧରି ରହିବା ଦ୍ୱାରା ଏହା ଶୋଇବା ଚକ୍ର ଉପରେ ପ୍ରଭାବ ପକାଇପାରେ। ଏହାଫଳରେ ଖରାପ ସ୍ମୃତି, ଉଦାସୀନତା, ବିରକ୍ତିଭାବ ଏବଂ ଚିନ୍ତାର କାରଣ ହୋଇପାରେ। ତେଣୁ ଆଖିକୁ ଉପଯୁକ୍ତ ବିଶ୍ରାମ ଦେବା ଜରୁରୀ ଅଟେ।

ଏଥିପାଇଁ ସ୍କ୍ରିନ୍ ଟାଇମ୍ ହ୍ରାସ କରିବା, ଫୋନ୍ ବ୍ୟବହାରକୁ କମ୍ କରିବା ଜରୁରୀ। ଏହା ସହିତ ଆଇ ମାସ୍କ ବ୍ୟବହାର କରିବା ମଧ ଆରାମ ପ୍ରଦାନ କରିଥାଏ ଏବଂ ଆପଣଙ୍କୁ ଭଲ ନିଦ ଦେବାରେ ସାହାଯ୍ୟ କରିଥାଏ। ତେବେ ଶୋଇବା ବେଳେ ଆଇ ମାସ୍କ ବ୍ୟବହାର କରିବା ଦ୍ୱାରା କେଉଁ ଉପକାର ମିଳେ ଆସନ୍ତୁ ଜାଣିବା।

**ଜରଗ ନିଦ ବୃଦ୍ଧି:**

ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ଯେ ଶୋଇବା ସମସ୍ୟା ଭୋଗୁଥିବା ଲୋକମାନେ ମାସ୍କ ପିନ୍ଧିବା ଉଚିତ କାରଣ ଏହା ରାପିଡ୍ ଆଇ ମୁମେଣ୍ଟ (ଜରଗ) ନିଦ ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ। ୨୦୧୦ ରେ କରାଯାଇଥିବା ଅନୁସନ୍ଧାନରୁ ଜଣାପଡିଛି ଯେ ଆଇସିୟୁରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ପାଇଁ ସ୍ଲିପ୍ ମାସ୍କ ଅଧିକ ସମୟ ଜରଗ ସମୟ ସୁନିଶ୍ଚିତ କରିଥିଲା ? ଯେଉଁମାନେ ଆଲୋକ ଏବଂ ଶବ୍ଦ ଦ୍ୱାରା ବିଭ୍ରାନ୍ତ ଅନୁଭବ କରୁଥିଲେ।

ଏହା ସହିତ ଜରଗ ବିଳମ୍ବତା କମିଯାଏ ଏବଂ ମେଲାଟୋନିନ୍ ସ୍ତର ବଢିଥାଏ। ଏହିପରି, ସ୍ଲିପ୍ ମାସ୍କଗୁଡ଼ିକ ସୁସ୍ଥ ଶୋଇବା ଶୈଳୀକୁ ପ୍ରୋତ୍ସାହିତ କରେ ଏବଂ ହରମୋନାଲ ସନ୍ତୁଳନ ନିଶ୍ଚିତ କରେ।

**ଆରାମ ଏବଂ ଶାନ୍ତି ଅନୁଭବ:**

ଆଇ ମାସ୍କ ଲଗାଇବା ଦ୍ୱାରା ବହୁତ ଭଲ ନିଦ ହୁଏ। ଆଇ ମାସ୍କ ଲଗାଇବା ଦ୍ୱାରା ଆଖି ଉପରେ ସାମାନ୍ୟ ଚାପ ଅନୁଭବ ହୁଏ। ଏଥିପାଇଁ ବହୁତ ଆରାମ ଏବଂ ଶାନ୍ତି ଅନୁଭବ ହୁଏ। ଅଧ୍ୟୟନ ଅନୁଯାୟୀ, ଆଇ ମାସ୍କ ପିନ୍ଧିବା ଦ୍ୱାରା ଆଲୋକ ଏବଂ ଶବ୍ଦ ଭଳି ସମସ୍ୟା ଶୋଇବାରେ ବାଧା ସୃଷ୍ଟି କରେ ନାହିଁ।

**ବ୍ରଣ ଦୂର:**

ଆଇ ମାସ୍କ ଦେଇ ଶୋଇବା ଦ୍ୱାରା ମୁହଁରେ ମଇଳା ଜମା ହୁଏ ନାହିଁ ଏବଂ ମୁହଁରେ ପିମ୍ପଲ୍ ଏବଂ ବ୍ରଣ କମିବା ଆରମ୍ଭ ହୁଏ। କିନ୍ତୁ ଟାଇଟ୍ ମାସ୍କ ପିନ୍ଧିବା ଦ୍ୱାରା ଚର୍ମରେ ଅମ୍ଳଜାନ ଯୋଗାଣ କମିଯାଏ। ଏପରି ହେଲେ ମୁହଁରେ ବ୍ରଣ ସମସ୍ୟା ଦେଖାଯାଏ। ତେଣୁ, ଶୋଇବା ସମୟରେ ଏକ ଢିଲା ଆଇ ମାସ୍କ ବ୍ୟବହାର କରନ୍ତୁ।

**ଡାର୍କ ସର୍କଲରୁ ମୁକ୍ତି:**

ଆଇ ମାସ୍କ ଲଗାଇବା ଦ୍ୱାରା କେବଳ ନିଦ ଭଲ ହୁଏ ନାହିଁ ବରଂ ଶରୀରର ଚାପ ସ୍ତର ମଧ କମିଯାଏ। ଯେଉଁଥିପାଇଁ ଆଖି ତଳେ ପଡୁଥିବା କଳା ଦାଗଗୁଡ଼ିକ ଧୀରେ ଧୀରେ ଲିଭିଯାଏ ଏବଂ ଚେହେରା ସୁନ୍ଦର ଲାଗେ। ଏହା ସହ ଚର୍ମ ମଧ ଚମକିବା ଆରମ୍ଭ କରେ।

**ସ୍ମରଣ ଶକ୍ତି ବୃଦ୍ଧି:**

୧୮ ରୁ ୩୫ ବର୍ଷର କିଛି ଲୋକଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା। ସେମାନେ ଗୋଟିଏ ସପ୍ତାହ ଶୋଇବା ସମୟରେ ଆଖିରେ ମାସ୍କ ପିନ୍ଧିଥିଲେ। ଏହା ପରେ ସେମାନଙ୍କୁ ଅନେକ ଲାବୋରେଟୋରୀ ପରୀକ୍ଷା କରାଯାଇଥିଲା। ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଥିଲେ ଏମାନଙ୍କ ସ୍ମରଣ ଶକ୍ତି ବଢିଯାଇଛି। ସେମାନେ ଅଧିକ ଶବ୍ଦକୁ ମନେରଖି ପାରୁଛନ୍ତି। ଏଥିରୁ ଜଣାପଡିଥିଲା ସ୍ଲିପ୍ ମାସ୍କ ଉନ୍ନତ ଏପିସୋଡିକ୍ ମେମୋରୀ ଏନ୍‌କୋଡିଂ ଏବଂ ସତର୍କତା ସହିତ ଜଡିତ ଥିଲା।

## ଏଠାରେ ପେଟ୍ରୋଲ୍‌ଠାରୁ ମହଙ୍ଗା ପାଣି, ଗୋଟିଏ ବୋତଲ ପାଣିର ଦାମ୍‌ରେ ଫୁଲ ହୋଇଯିବ ପୁରା ଟାଙ୍କି

ଭାରତରେ ପାଣି ଅତି ସହଜରେ ମିଳିଯାଏ । କିନ୍ତୁ ଜାଣନ୍ତି କି ଏପରି କିଛି ଦେଶ ଅଛି ଯେଉଁଠାରେ ଲୋକଙ୍କୁ ପାଣି ପାଇଁ ଏତେ ଟଙ୍କା ଦେବାକୁ ପଡିଥାଏ ଯାହା ଆମ ଦେଶରେ ପେଟ୍ରୋଲ ସହିତ ସମାନ । ଦୁନିଆରେ ସବୁଠାରୁ ମହଙ୍ଗା ପାଣି କୋଷ୍ଟାରିକାରେ ମିଳିଥାଏ । ଯେଉଁଠାରେ ଗୋଟିଏ ବୋତଲ ପାଣିର ମୂଲ୍ୟ ୧୭୫ ଟଙ୍କା । ନରୱେରେ ମଧ ପାଣିର ବହୁତ ମୂଲ୍ୟବାନ । ଏଠାରେ ଗୋଟିଏ ବୋତଲ ପାଣି ୧୭୩ ଟଙ୍କାରେ ମିଳିଥାଏ । ବିଶ୍ୱ ମହାଶକ୍ତି ଆମେରିକାରେ ମଧ ସହଜରେ ମିଳେନି ପାଣି । ଏଠାରେ ଗୋଟିଏ ବୋତଲ ପାଣିର ଦାମ୍ ୧୫୬ ଟଙ୍କା । ସେହିପରି ଅଷ୍ଟ୍ରେଲିଆରେ ୧୩୯ ଟଙ୍କାରେ ଗୋଟିଏ ବୋତଲ ପାଣି ମିଳିଥାଏ । କାନାଡାରେ ମଧ ପାଣି ସମସ୍ୟା ସମାନ । କାନାଡାରେ ଗୋଟିଏ ବୋତଲ ପାଣି କିଣିବାକୁ ହେଲେ ଦେବାକୁ ପଡିଥାଏ ୧୩୮ ଟଙ୍କା । ଫିନଲ୍ୟାଣ୍ଡ କଥା କହିବାକୁ ଗଲେ ସେଠାରେ ଗୋଟିଏ ବୋତଲ ପାଣି ୧୩୭ ଟଙ୍କା ଏବଂ ଆୟରଲ୍ୟାଣ୍ଡରେ ପାଣି ବୋତଲର ଦାମ୍ ହେଉଛି ୧୩୫ ଟଙ୍କା । ପୁଏର୍ତୋ ରିକୋ ବିଷୟରେ କହିବାକୁ ଗଲେ ଏଠାରେ ୧.୫ ଲିଟର ପାଣି ପାଇଁ ଦେବାକୁ ପଡିଥାଏ ୧୩୨ଟଙ୍କା । ଏହାବ୍ୟତୀତ ସିଙ୍ଗାପୁରରେ ମଧ ପାଣି ଶସ୍ତା ନୁହେଁ । ଏଠାରେ ଗୋଟିଏ ବୋତଲ ପାଣିର ଦାମ୍ ହେଉଛି ୧୩୦ ଟଙ୍କା । ସବୁଠାରୁ ମହଙ୍ଗା ପାଣି ମିଳୁଥିବା ଦେଶ ଲିଷ୍ଟର ୧୦ମ ସ୍ଥାନରେ ରହିଛି ହଂକଂ । ଏଠାରେ ଗୋଟିଏ ପାଣି ବୋତଲ ପାଇଁ ଦେବାକୁ ପଡିବ ୧୨୯ ଟଙ୍କା ।



## ଚିନି ଖାଇବା କମାଇବେ କିପରି ?



ଅଧିକ ଚିନି ଖାଇଲେ ଟାଇପ୍-୨ ମଧୁମେହ, ହୃଦ୍‌ରୋଗ, ମେଦବହୁଳତା ଓ ନିର୍ଦ୍ଦିଷ୍ଟ ପ୍ରକାରର କର୍କଟ ପରି ରୋଗ ହେବାର ଆଶଙ୍କା ବଢ଼ିଥାଏ। ମିଠା ଲାଗୁଥିବା ଖାଦ୍ୟଗୁଡ଼ିକରେ ମଧ ବିଭିନ୍ନ ପ୍ରକାର ଭିଟାମିନ୍, ଖଣିଜ ଓ ତନ୍ତୁର ଅଭାବ ଥାଏ। ଅଧିକ ଚିନିମିଶ୍ରିତ ଖାଦ୍ୟ ଖାଇବା ଦ୍ୱାରା ଆମ ଖାଦ୍ୟସାରରେ ସନ୍ତୁଳନ ନ ରହି ନାନା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ତେଣୁ ସେଭଳି ଖାଦ୍ୟର ପରିମାଣ କିପରି କମାଇହେବ, ସେ ସମ୍ପର୍କରେ ଆଲୋଚନା କରିବା।କୌଣସି କିଣା ଖାଦ୍ୟରେ କେତେ ପରିମାଣର ଚିନି ମିଶିଛି, ତାହା ଜାଣିବା ପାଇଁ ପ୍ୟାକେଟ୍ ଉପରେ ଦର୍ଶାଯାଇଥିବା ବିଭିନ୍ନ ଖାଦ୍ୟସାର ପରିମାଣ ବାବଦରେ ଜାଣନ୍ତୁ। ପ୍ୟାକେଟ୍ ଖାଦ୍ୟ ବା ପ୍ରକ୍ରିୟାକୃତ ଖାଦ୍ୟରେ ସାଧାରଣତଃ ଅଧିକ ପରିମାଣର ଚିନି ମିଶିଥାଏ। ତେଣୁ ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ଫଳମୂଳ, ପନିପରିବା ପରିପୂର୍ଣ୍ଣ ଖାଦ୍ୟ ଖାଇବା ଦରକାର।

ପରିଷ୍କୃତ ଧଳା ଚିନି ବଦଳରେ ମହୁ, ମ୍ୟାପଲ୍ ସିରପ୍ କି ଷ୍ଟିଭିଆ ପରି ପ୍ରାକୃତିକ ମଧୁକାରୀ ଗ୍ରହଣ କରିବା ଉଚିତ। ଭୋଜନରେ ଅଧିକ ପରିମାଣର ପୁଷ୍ଟିସାର ଓ ସ୍ୱାସ୍ଥ୍ୟପ୍ରଦ ସ୍ନେହସାର ସାମିଲ କଲେ ଚିନି ପ୍ରତି କ୍ଷୁଧା ଓ ଦୁର୍ବଳତା କମିଥାଏ।

ଶୋଷ ମେଣ୍ଟାଇବା ଲାଗି ସୋଡ଼ାପାଣି, ଶକ୍ତିବର୍ଦ୍ଧକ ପାନୀୟ ବା ଫଳରସ ପିଇବା ବଦଳରେ ପ୍ରଚୁର ପରିମାଣର ସାଦା ପାଣି ପିଇବା ଉଚିତ।

ସମୟ ଅଭାବରୁ ସୁବିଧାରେ ଉପଲବ୍ଧ ମିଠାଳିଆ ସ୍ନାକ୍ସ ଉପରେ ନିର୍ଭର ନକରି ଯଥେଷ୍ଟ ଆଗରୁ ଭୋଜନର ଯୋଜନା କରି ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତ କରିବା ଶ୍ରେୟସ୍କର।

ପାଟିକୁ ଅରୁଚି ଲାଗୁଥିଲେ କୌଣସି ମିଠା କି ଚକୋଲେଟ୍ ଗ୍ରହଣ ନକରି ତଟକା ଫଳ ଗ୍ରହଣ କରନ୍ତୁ। ବିଭିନ୍ନ ଫଳରେ ପ୍ରାକୃତିକ ଶର୍କରା ସହ ପ୍ରଚୁର ତନ୍ତୁ ଓ ଅନ୍ୟାନ୍ୟ ପୋଷକ ରହିଛି ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଉପକାରୀ।

ନିୟମିତ ବ୍ୟାୟାମ ମଧ ଚିନି ବା ଶର୍କରା ପ୍ରତି ଦୁର୍ବଳତା କମାଇଦେଇଥାଏ। ବ୍ୟାୟାମ ମଧ ଆମ ରକ୍ତଶର୍କରା ସ୍ତରକୁ ନିୟନ୍ତ୍ରଣ କରେ।

ଉପରୋକ୍ତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେଲେ ଆମେ ନିଜ ଖାଦ୍ୟରେ ଶର୍କରା ପରିମାଣକୁ ଯଥେଷ୍ଟ କମାଇପାରିବା ଏବଂ ବିଭିନ୍ନ ରୋଗର ଆଶଙ୍କାକୁ ମଧ ଦୂରେଇ ଦେଇପାରିବା।

## ବୟସ ବୃଦ୍ଧି ସହ ଏସବୁ ଦିଗ ପ୍ରତି ଧ୍ୟାନ ଦେଲେ ଆମେ ସୁସ୍ଥ ଜୀବନଯାପନ କରି ପାରିବା

ପୂର୍ବ ଅପେକ୍ଷା ଆଜିକାଲି ଲୋକେ ନିଜର ସ୍ୱ ?ାସ୍ଥ୍ୟପ୍ରତି ଯତ୍ନବାନ ହେଲେଣି। କିନ୍ତୁ ଏବେ ବି କିଛିଲୋକ ଅଛନ୍ତି ଯେଉଁମାନେ ନିଜର ସ୍ୱାସ୍ଥ୍ୟ ପ୍ରତି କଦାପି ଧ୍ୟାନ ଦିଅନ୍ତି ନାହିଁ। ଏମିତିକି ଯେତେବେଳେ ଯାହା ମିଳିଲା ଖାଇ ଦେଇଥାଆନ୍ତି ଶୋଇବାର ବି କିଛି ସମୟସୀମା ନଥାଏ। ଏମିତି ଅଭ୍ୟାସ ଥିବା ବ୍ୟକ୍ତିଙ୍କୁ ବୟସ ବଢ଼ିବା ସହିତ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ସହିତ ରୋଗମାଡ଼ି ବସିଥାଏ।



ତେବେ ଆସନ୍ତୁ ଜାଣିବା ବୟସ ବଢ଼ିବା ସହିତ ଆମକୁ କେଉଁ ସବୁ ଦିଗ ପ୍ରତି ଯତ୍ନବାନ ହେବାକୁ ପଡ଼ିବ।

ପ୍ରଥମତଃ ପ୍ରତି ଦୁଇମାସରେ ଆପଣ ମଧୁମେହ ପରୀକ୍ଷା କରାଇ ନିଅନ୍ତୁ। ସେହିପରି ଶରୀରରେ କୋଲେଷ୍ଟ୍ରଲସ୍ତର କେତେ ତାହା ବି ଜାଣି ରଖନ୍ତୁ। ଏତଦ ବ୍ୟତୀତ ମାସ ?ରେ ଥରେ ରକ୍ତଚାପ କେତେ ଅଛି। ଛଅମାସରେ ଥରେ କ୍ୟାନସର ସ୍କ୍ରିନିଂ ପରୀକ୍ଷା କରାଇ ନିଅନ୍ତୁ। କେବଳ ଏତିକି ନୁହେଁ କିଡନି ଓ ଲିଭର କେମିତି ଅଛି ତାହାବି ଡାକ୍ତରଙ୍କ ପରାମର୍ଶରେ ପରୀକ୍ଷା କରାନ୍ତୁ।

୩୦-୪୦ବର୍ଷ ଅତିକ୍ରମ କରିଗଲେ କେଉଁ ଖାଦ୍ୟ କେତେ ପରିମାଣରେ ଖାଇବାର ଅଛି ସେନେଇ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏହାପରେ ଏହାର ଏକ ତାଲିକା ପ୍ରସ୍ତୁତ କରି ଦିଅନ୍ତୁ। ଏହି ତାଲିକା ଅନୁଯାୟୀ ଆପଣ ଖାଦ୍ୟ ଖାଇ ସୁସ୍ଥ ଜୀବନଯାପନ କରି ପାରିବେ। କାରଣ ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ ଠିକ ଥିଲେ ମନ ଖୁସି ରହିବ। ମନ ଖୁସି ହେଲେ ପ୍ରତ୍ୟେକ କାମ କରିବାରେ ମନ ଲାଗିବ।

## କେଉଁ ଖାଦ୍ୟରୁ ମିଳିଥାଏ ଅଧିକ ପ୍ରୋଟିନ୍ : ଅଣ୍ଡା ନା ପନୀର



ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ତାଲିକାରେ ପ୍ରଥମେ ଆସିଥାଏ ଅଣ୍ଡା ଓ ପନୀର । କିନ୍ତୁ ପ୍ରାୟ ଲୋକ ପନୀର ଓ ଅଣ୍ଡାରେ ଥିବା ପ୍ରୋଟିନ୍ ପରିମାଣକୁ ନେଇ ଦ୍ୱନ୍ଦ୍ୱରେ ରହିଥାନ୍ତି । ପନୀର ନା ଅଣ୍ଡା କେଉଁଥିରୁ ଶରୀରକୁ ଅଧିକ ପ୍ରୋଟିନ୍ ମିଳିଥାଏ । ଆପଣଙ୍କ ଭିତରେ ଏମିତି ଦ୍ୱନ୍ଦ୍ୱ ରହିଛି କି ? ତେବେ ଚାଲନ୍ତୁ ଜାଣିବା କାହାରା କ୍ୟାଲୋରୀ କାଉଣ୍ଟ୍ କେତେ ? ସମସ୍ତଙ୍କ ଡାଏଟ୍‌ରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ୍ କରିବା ବହୁତ ଜରୁରି । କିନ୍ତୁ ଅନେକ ଲୋକ ଅଣ୍ଡା ଓ ପନୀରକୁ ନେଇ ଦ୍ୱନ୍ଦ୍ୱରେ ରହିଥାନ୍ତି । ଅଣ୍ଡା ତୁଳନାରେ ପନୀରରେ ଅଧିକ ଅପମିଶ୍ରଣର ଆଶଙ୍କା ରହିଥାଏ । ଶରୀରର ଉପଯୁକ୍ତ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ୍ ଆବଶ୍ୟକ।

ଅଣ୍ଡା- ଅଣ୍ଡା ପ୍ରୋଟିନ୍‌ରେ ଭରା । ଗୋଟିଏ ଅଣ୍ଡାରେ ୬ ଗ୍ରାମ୍ ପ୍ରୋଟିନ୍ ରହିଥାଏ । ଏହାବ୍ୟତୀତ ଶରୀରକୁ ଅନେକ ପ୍ରକାରର ଜରୁରି ଭିଟାମିନ୍ ମଧ ମିଳିଥାଏ । ଏଥିରେ ଫ୍ୟାଟ୍‌ର ମାତ୍ରା ଅଧିକ ରହିଥାଏ, ତେଣୁ ଶୀତ ଦିନେ ଅଧିକ ଅଣ୍ଡା ଖାଇବା ଲାଭଦାୟକ । ଏହାର ହଳଦିଆ ଅଂଶରେ ଅଧିକ ଭିଟାମିନ୍ସ ରହିଥାଏ । ଗୋଟିଏ ଅଣ୍ଡାରେ ୪ ଗ୍ରାମ୍‌ରୁ ଅଧିକ ଫ୍ୟାଟ୍, ଏକ ମି.ଲି.ଗ୍ରାମ୍ ଆଇରନ୍ ଓ ପ୍ରାୟ ୨୫ ମି.ଲି.ଗ୍ରାମ୍ କ୍ୟାଲସିୟମ୍ ରହିଥାଏ । ତେବେ ନିୟମିତ କେତୋଟି ଅଣ୍ଡା ଖାଇବା ଉଚିତ୍ ହେବ । ଏହା ବ୍ୟକ୍ତିର ବୟସ, ଓଜନ ଓ ଦୈନନ୍ଦିନ ରୁଟିନ୍ ଉପରେ ନିର୍ଭର କରିଥାଏ । ଏଥିପାଇଁ ନ୍ୟୁଟ୍ରିସିଆନ୍‌ଙ୍କ ମତ ନେବା ଉଚିତ୍ ।

ପନୀର- ୪୦ ଗ୍ରାମ୍ ପନୀରରେ ପ୍ରାୟ ୭ ଗ୍ରାମ୍ ପ୍ରୋଟିନ୍, ୧୯୦ ମି.ଲି. ଗ୍ରାମ୍ କ୍ୟାଲସିୟମ୍ ୫ ଗ୍ରାମ୍ କାର୍ବୋହାଇଡ୍ରେଟ୍ସ ଏବଂ ଫ୍ୟାଟ୍‌ର ମାତ୍ରା ରହିଥାଏ । ଏହାର ଭିନ୍ନ ଭିନ୍ନ ଆଇଟମ୍ କରି ଖାଇପାରିବେ । ବିଶେଷକରି ନିରାମିଷାଶୀମାନଙ୍କର ଏହା ପ୍ରଥମ ପସନ୍ଦ । ଅଣ୍ଡାର ପୋଷକ ତତ୍ତ୍ୱକୁ ପିସ୍ ହିସାବ କରାଯାଉଥିବା ବେଳେ ପନୀରର ଗ୍ରାମ୍‌ରେ କରାଯାଇଥାଏ । ଅଣ୍ଡା ତୁଳନାରେ ପନୀର ସାମାନ୍ୟ ଦାମୀ ।

ଅଣ୍ଡା ନା ପନୀର : ଉଭୟ ଅଣ୍ଡା ଓ ପନୀର ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ । ଯଦି କେହି ଅଣ୍ଡା ଖାଉ ନଥାନ୍ତି, ତେବେ ପନୀର ଖାଇବା ଦ୍ୱାରା ସେହି ପୋଷକ ତତ୍ତ୍ୱ ମିଳିପାରିବ । କିନ୍ତୁ ପନୀରରେ ଅପମିଶ୍ରଣର ଆଶଙ୍କା ଅଧିକ ରହିଥାଏ । ତେଣୁ ଯଦି ସମ୍ଭବ ନିଜେ ପନୀର ତିଆରି କରିବା ଉଚିତ୍ ହେବ ।

## ଏକମାସ ପର୍ଯ୍ୟନ୍ତ ଆଳୁ ନ ଖାଆନ୍ତି, ତେବେ କ'ଣ ହେବ ? ଆସନ୍ତୁ ଜାଣିବା...



**ପରିବାର ରାଜା ଆଳୁ । ଅଧିକାଂଶ ପନିପରିବା ସହିତ ମିଶାଇ ଆଳୁକୁ ରୋଷେଇ କରାଯାଏ । ସବୁ ଭାରତୀୟଙ୍କ ପ୍ରିୟ ଖାଦ୍ୟ ଆଳୁ । ପ୍ରତିଘରେ ଏହାକୁ ପ୍ରଚୁର ପରିମାଣରେ ଖିଆଯାଏ । କିନ୍ତୁ ଯଦି ଏକମାସ ପର୍ଯ୍ୟନ୍ତ ଆଳୁ ନ ଖାଆନ୍ତି, ତେବେ କ'ଣ ହେବ ? ଆସନ୍ତୁ ଜାଣିବା...**

ମାସକ ପାଇଁ ଯଦି ଆଳୁ ଖାଇବା ଛାଡି ଦିଅନ୍ତି ତେବେ ଓଜନ ନିୟନ୍ତ୍ରଣ ହୋଇପାରିବ । କାରଣ ଅଧିକାଂଶ ଆଳୁ ତେଲରେ ରନ୍ଧା ଯାଇଥାଏ ଏବଂ ଏହି କାରଣରୁ କ୍ୟାଲୋରୀ ବଢିଯାଇଥାଏ । କିଛି ଲୋକ ଆଳୁ ଖାଇବା ପରେ ପେଟରେ ଗ୍ୟାସ୍ ଏବଂ ଏସିଡିଟି ପରି ସମସ୍ୟା ଦେଖାଯାଇଥାଏ । ଯଦି ଏସିଡିଟି ସମସ୍ୟା ରହିଛି ତେବେ ଆଳୁ ଖାଆନ୍ତୁନି । ଆଳୁ ଖାଇବା ବନ୍ଦ କରିବା ଫଳରେ ହାଇ ବ୍ଲଡ୍ ସୁଗର କଣ୍ଟ୍ରୋଲ୍ କରିହେବ । ଏଥିପାଇଁ ମଧୁମେହ ରୋଗୀଙ୍କୁ ଆଳୁ ନ ଖାଇବାକୁ ପରାମର୍ଶ ଦିଆଯାଇଥାଏ । ଯଦି ସଂପୂର୍ଣ୍ଣ ଭାବେ ଆଳୁ ନଖାଆନ୍ତି, ତେବେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୋଇପାରେ । ତେବେ ଆଳୁ ବଦଳରେ ଆପଣ ଅନ୍ୟ ଖାଦ୍ୟ ଖାଇପାରିବେ । ଆଳୁ ମଧ ପୁଷ୍ଟିକର ଖାଦ୍ୟରେ ଭରପୂର । କିନ୍ତୁ ଏହାକୁ ସୀମିତ ପରିମାଣରେ ଏବଂ ଅଳ୍ପ ତେଲରେ ଖାଇବା ଉଚିତ୍ ।



## ନୂତନ ବସଷ୍ଟାଣ୍ଡ ନିର୍ମାଣ ଆଶା ଉଜ୍ଜୀବିତ: ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଅଚାନକ ବସଷ୍ଟାଣ୍ଡ ପରିଦର୍ଶନ

ସୁବର୍ଣ୍ଣପୁର, ୫/୦୮ (ନି.ପ୍ର): ଜିଲ୍ଲାପାଳଙ୍କୁ ଜିଲ୍ଲାର ଉନ୍ନୟନ ସଂପର୍କିତ କିଛି ପଦକ୍ଷେପ ଗ୍ରହଣ ପାଇଁ ସାମ୍ବାଦିକ ସଂଘର ଦୃଷ୍ଟି ଆକର୍ଷଣ ସହ ସ୍ଥାନୀୟ ବସଷ୍ଟାଣ୍ଡର ଦୁରାବସ୍ଥା ସଂପର୍କରେ କହି ଯାତ୍ରୀ ବିଶ୍ରାମାଗାର ନଥିବା ହେତୁ ଯାତ୍ରୀ ଭୋଗୁଥିବା ଅକଥନୀୟ ଦୁର୍ଦ୍ଦଶା ସଂପର୍କରେ ସୂଚନା ଦେବାପରେ ହଠାତ୍ ଆଜି ସକାଳୁ ହିଁ ଜିଲ୍ଲାପାଳ ଡ଼.ନୃପରାଜ ସାହୁ ସ୍ଥାନୀୟ ବସଷ୍ଟାଣ୍ଡକୁ ଅଚାନକ ପରିଦର୍ଶନରେ ଆସି ଉପସ୍ଥିତ ଯାତ୍ରୀ, ବୁଦ୍ଧିଜୀବୀ, ଓଟୋ, ବସ ମାଲିକ, ସାମ୍ବାଦିକ, ପୌର ପରିଷଦ ଅଧିକାରୀ, ଯନ୍ତ୍ରୀ ଓ ପ୍ରାକ୍ତନ ପୌର ଅଧକ୍ଷଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ବସଷ୍ଟାଣ୍ଡରେ ଖାଲ ଖମାକୁ ମରାମତି କରିବା ସହ ତୁରନ୍ତ ଏକ ଅସ୍ଥାୟୀ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବାକୁ ପୌର ପରିଷଦ ଅଧିକାରୀ ଓ ବିଭିନ୍ନ ଅଧିକାରୀଙ୍କୁ ସ୍ପଟ୍ ରୁ ନିର୍ଦ୍ଦେଶ କରିଥିଲେ । ନିକଟସ୍ଥ ସୌଚାଳୟକୁ ପରିଦର୍ଶନ କରି ଏହାର ସଫା ସୁତରା ଦେଖି ପରିଚାଳକଙ୍କୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ । ନୂଆ ବସଷ୍ଟାଣ୍ଡର ଟେଣ୍ଡର ପ୍ରକ୍ରିୟା ବିଷୟରେ ଏଠାରେ ଲୋକଙ୍କ ସମ୍ମୁଖରେ ଅଧିକାରୀଙ୍କ ଠାରୁ ବୁଝି ଥିଲେ ଜିଲ୍ଲାପାଳ ଓ ଏହାର ପ୍ରକ୍ରିୟା ସରି ଯାଇଥିବା ଓ ଶୀଘ୍ର କାମ ଆରମ୍ଭ ହେବାକୁ ଥିବା ବିଷୟ ଜିଲ୍ଲାପାଳଙ୍କୁ ସୂଚନା ଦେଇଥିଲେ ଅଧିକାରୀ । ପରେ ବିଜ୍ଜୁ ପଟ୍ଟନାୟକ ମହିଳା କଲେଜରେ ପହଂଚି ଛାତ୍ରୀ ଓ ଅଧାପକଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ ଓ ନିର୍ମାଣାଧିନ ନୂଆ କଲେଜ ର କାର୍ଯ୍ୟ କିଭଳି ଶୀଘ୍ର ସମ୍ପୂର୍ଣ୍ଣ ହେବ ଓ ସେଠାରେ ଥିବା କଲେଜକୁ ରାସ୍ତା ସମସ୍ୟା ଉପରେ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀ ମାନେ ଅବଗତ କରାଇଥିଲେ । ଜିଲ୍ଲାପାଳଙ୍କ ଆଜିର ଏ ଗସ୍ତ କୁ କଲେଜ୍ ଛାତ୍ରୀ ଓ ଅଧାପକ ସମେତ ବସଷ୍ଟାଣ୍ଡ ର ବସଯାତ୍ରୀ ଓ ବୁଦ୍ଧିଜୀବୀ ଖୁବ୍ ପ୍ରଶଂସା କରିଥିଲେ । ଦୀର୍ଘ ବର୍ଷର ନୂଆ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବାକୁ ଥିବା ବିଷୟ ଶୁଣି ସାଧରଣ ଲୋକଙ୍କ ମଧ୍ୟରେ ଆଶା ଉଜ୍ଜୀବିତ ହୋଇଥିବା ଜଣାଯାଇଛି ।

## ଘରେ ଲାଗିଲା ନିଆଁ

ଜୟପୁର, ୫/୦୮ (ନି.ପ୍ର): ଜୟପୁର ହାଇଦ୍ରାବାଦ ଲାଇନରେ ଥିବା ସୟଦ ମହମ୍ମଦ୍ଙ୍କ ଘରେ ଲାଗିଲା ନିଆଁ । ଘର ତାଲା ପଡିଥିବା ସମୟରେ ହଠାତ ଲାଗିଲା ନିଆଁ । ଆଜି ଦିନ ୯ଟା ୩୦ ମିନିଟ ସମୟରେ ଲାଗିଲା ନିଆଁ । ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକେ ଛାତ ଉପରେ ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରୁଥିବା ସମୟରେ ଜୟପୁର ଅଗ୍ନିଶମ ବିଭାଗ ପହଂଚି ନିଆଁକୁ ଆୟତ କରିଛି । ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ଅନୁମାନ କରୁଛି । ପୁରୁଣା ଜିନିଷ ,ପାଣି ମୋଟର, ଫ୍ୟାନ, ଆଦି ପୋଡି ପାଉଁଶ ହୋଇଯାଇଥିବା ସହକାରି ଅଗ୍ନିଶମ ଅଧିକାରୀ ସୁରେସ କୁମାର ବାରିକ ସୂଚନା ଦେଇଛନ୍ତି ।

## ଅବସରପ୍ରାପ୍ତ ଭିଏଲଡବ୍ଲ୍ୟୁଙ୍କ ଘରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ

ଧର୍ମଶାଳା, ୫/୦୮ (ନି.ପ୍ର): ପୁଲିସର ଅପାରଗତ ଯୋଗୁଁ ଧର୍ମଶାଳା ଥାନା ଅଂଚଳରେ ଦିନକୁ ଦିନ ଚୋରି ବଢିବାରେ ଲାଗିଛି । ଗତ ଦୁଇ ଦିନ ତଳେ ଏହି ଥାନା ନାକପୋଲ ଅଂଚଳରୁ ଜୈନକ ବ୍ୟକ୍ତିଙ୍କ ଘରୁ ଚୋର କଳାକନା ବୁଲାଇଥିବା ବେଳେ ଗତକାଲି ରାତିରେ ପୁଣି ଏହି ଥାନା କୁମାରୀ ଅଂଚଳର ଜଣକ ଘରେ ରାତିରେ ଚୋର ପଶି କଳାକନା ବୁଲାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଏହି ଥାନା କୁମାରୀ ଗ୍ରାମରେ ରହୁଥିବା ଅବସରପ୍ରାପ୍ତ ଭିଏଲଡବ୍ଲୁଙ୍କ ଘରେ ଗତକାଲି ରାତିରେ ଦୃବୃର୍ତ୍ତମାନେ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ସହିତ ୪୦ହଜାରରୁ ଉର୍ଦ୍ଧ ଟଙ୍କା ଲୁଟି ନେଇଛନ୍ତି । ଅଭିଯୋଗ ପାଇ ଧର୍ମଶାଳା ପୁଲିସ ଆଇନକୁ ଆଖିଠାର ମାରିବା ସଦୃଶ୍ୟ ନାମକୁ ମାତ୍ର ସାଇନିଟିଫିକ ଟିମ ଓ ସନ୍ଧାନୀ କୁକୁର ନେଇ ଘଟଣାସ୍ଥଳରେ ତଦନ୍ତ କରିଛି । ହେଲେ ସବୁଥର ଭଳି ଏଥର ମଧ୍ୟ ଫଳ ସୂନ ବୋଲି ଜଣାପଡିଛି । କୁମାରୀ ଗ୍ରାମର ଅବସରପ୍ରାପ୍ତ ଭିଏଲଡବ୍ଲୁ କୃଷ୍ଣଚନ୍ଦ୍ର ବେହେରା ଓ ତାଙ୍କ ପରିବାର ରବିବାର ରାତିରେ ଖାଇସାରି ଶୋଇବାକୁ ଯାଇଥିଲେ । ଯେଉଁ କୋଠରୀରେ ଆଲମିରା, ଟଙ୍କା ଓ ସୁନା ଅଳଙ୍କାର ରହିଥିଲା, ସେ ଘରେ କେହି ଶୋଇନଥିଲେ । ବିଳମ୍ବିତ ରାତିରେ ଦୃବୃର୍ତ୍ତମାନେ ଘରେ ପଛ ପଟେ ଥିବା ଝରକା ଗ୍ରିଲ ଭାଙ୍ଗି ଘରେ ପ୍ରବେଶ କରିଥିଲେ । ଏବଂ ଘରର ଭିତର ପଟରୁ କବାଟ ବନ୍ଦ କରି ଆଲମିରା ଖୋଲି ନଗଦ ୨୦ହଜାର ଟଙ୍କା ସହିତ ୨ଟି ସୁନାଚେନ, ୨ଟି ସୁନାହାର, ୫ଟି ସୁନାମୁଦୀ, ୨ଟି ଘଂଟା, ଏଟିଏମ କାର୍ଡ ଓ ତାଙ୍କ ଝିଅ ରଶ୍ମିରେଖା ବେହେରା ରଖି ଥିବା ୨୦ହଜାର ଟଙ୍କା, ୪ହଳ କାନଫୁଲ, ୫ହଳ ପାଉଁଜି, ୧ଟି ରିଙ୍ଗ କାନଫୁଲ ଲୁଟି ନେଇଛନ୍ତି । ଭୋରୁ ପରିବାର ଲୋକେ ଉଠି କବାଟ ଖୋଲିଲା ବେଳକୁ ବାହାର ପଟୁ ବନ୍ଦ ଥିଲା । ପଡୋଶୀମାନେ ଡାକ ଶୁଣି ଘରର କବାଟ ଖୋଲିବା ପରେ ଘରୁ ଚୋରି ହୋଇଥିବା ଶ୍ରୀ ବେହେରା ଜାଣି ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗକୁ ଆଧାର କରି ୪୬୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ତେବେ ଧର୍ମଶାଳା ଥାନା ଅଂଚଳରେ ଏଭଳି ବାରମ୍ବାର ଚୋରୀ ହେଉଥିବା ବେଳେ ପୁଲିସ ଅଦ୍ୟାବଧି କାହାରିକୁ ଧରିବାରେ ସଫଳ ନହେବା ଫଳରେ ଚୋରଙ୍କ ମନବଳ ବୃଦ୍ଧି ପାଇବା ସଙ୍ଗେ ସେମାନେ ଗୋଟିଏ ପରେ ଗୋଟି କାଣ୍ଡ ଘଟାଇ ଚାଲିଛନ୍ତି । ପୁଲିସର ନିର୍ସ୍କ୍ରିୟତାକୁ ସାଧାରଣରେ ନାପସନ୍ଦ କରାଯାଇଛି ।

## ବାତରୋଗ ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୫/୦୮ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବାତରୋଗ ନିରାକରଣ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଲେ ବାତ ଅଶୀ ପ୍ରକାରର ରହିଛି । ଗ୍ରୀଷ୍ମ ଋତୁରେ ଶରୀର ଦୁର୍ବଳ ଥାଏ, ବର୍ଷା ଋତୁରେ ଅଗ୍ନିମାନ୍ଦ୍ୟ ରହେ ଅଜୀର୍ଣ୍ଣ କାରକ ଆହାର ଦ୍ୱାରା ଆମ ସଂଚୟ ହୋଇ ଯୁବକଙ୍କ ଠାରୁ ବୃଦ୍ଧ ଯାଏଁ ଗଣ୍ଠିବାତ ରୋଗ ଦେଖାଯାଏ । ନିରାମିଷ ଆହାର, ପନିର, ଖଟା, ମଦ୍ୟପାନ,ଅଜୀର୍ଣ୍ଣ କାରକ ଖାଦ୍ୟ, ଅଧିକ ବେଗରେ ଗାଡି ଚଳାଇବା, ଶାରିରୀକ ପରିଶ୍ରମ ନକରିବା ବା ଅଧିକ ପରିଶ୍ରମ କରିବା, ଅଧିକ ରାତ୍ର ଯାଏଁ ଅନିଦ୍ରା ରହିବାଆଦି ଦ୍ୱାରା ଆମବାତ, ଗଣ୍ଠିବାତ, ବୃହତ୍ ସନ୍ଧିବାତ ହୁଏ । ଉପରୋକ୍ତ କାରଣ ସବୁ ଛାଡ଼ି ହଜମ ହେଉଥିବା ଖାଦ୍ୟ ଖାଇବେ, ଶାରିରୀକ ପରିଶ୍ରମ, ଯୋଗ, ଆସନ କରିବେ,ସଜନା ଶାଗ, ଅଦା ବା ଶୁଣ୍ଠି ଚୂର୍ଣ୍ଣ, ରସୁଣ,ଚଣା ଜାତୀୟ ଖାଦ୍ୟ ଖାଇବେ ଓ ତୈଳ ଅଭ୍ୟଙ୍ଗ କରି ଦୁଦୁରା ପତ୍ର ବା ବେଗୁନିଆ ପତ୍ର ସିଝା ସେକ ଦେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ ।

## ଝୁଲଣ କୁଞ୍ଜରେ ଝୁଲୁଛନ୍ତି କୁଞ୍ଜବିହାରୀ

ପୁରୀ, ୫/୦୮ (ନି.ପ୍ର): ଶ୍ରାବଣ ଶୁକ୍ଳ ଦଶମୀ ଅଗଷ୍ଟ ୪ ସୋମବାର ଠାରୁ ଭାଦ୍ରବ ଶୁକ୍ଳ ପ୍ରତିପଦା ଅଗଷ୍ଟ ୧୦ ରବିବାର ପର୍ଯ୍ୟନ୍ତ ସାତଦିନ ଧରି ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମଠ ବାଡ଼ିରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ଏହି ଯାତ୍ରା ସାତଦିନ ଧରି ଚାଲିବ । ଶ୍ରୀମନ୍ଦିରରେ ମଧାହ୍ନଧୂପ ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ପ୍ରାପ୍ତ ହୋଇ ପ୍ରଭୁ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ଝଲଣ କୁଞ୍ଜକୁ ବିଜେ କରିଛନ୍ତି । ଶ୍ରୀମନ୍ଦିର ମୁକ୍ତିମଣ୍ଡପରେ ଆକର୍ଷଣୀୟ ଭାବେ ନିର୍ମାଣ କରାଯାଇଥିବା ଝୁଲଣ କୁଞ୍ଜରେ ପ୍ରଭୁ ମଦନମୋହନ ରାସ କରୁଛନ୍ତି । ଏହାକୁ ଶରତ ରାସ ବୋଲି ମଧ କୁହାଯାଏ । କେବଳ ଶ୍ରୀମନ୍ଦିର ନୁହେଁ ଶ୍ରୀମନ୍ଦିର ସହ ଜଡିତ ଥିବା ମଠ ମନ୍ଦିର ତଥା ପୁରୀର ବିଭିନ୍ନ ଘରେ ମଧ ଏହି ଝୁଲଣ ଦେଖିବାକୁ ମିଳିଛି । ପ୍ରାୟତଃ ଏକ ମାସ ପୂର୍ବରୁ କାରିଗର ମାନେ ଶୁଦ୍ଧପୂତ ଭାବେ ଏହି ଝୁଲଣ ନିର୍ମାଣ କରିଥାନ୍ତି । କୁଞ୍ଜକୁ ଆକର୍ଷଣୀୟ କରିବା ପାଇଁ ଜରି, ଜମ୍ଭୁରା, ସୋଲ, ରଙ୍ଗ ଓ ନୂଆକନା ମଧ ବ୍ୟବହାର କରାଯାଇଛି । ଏହି କୁଞ୍ଜରେ ଦେବାଦେବୀଙ୍କ ସହ ସକ୍ଷୀ, ପଶୁପକ୍ଷୀ ତଥା ବିଭିନ୍ନ ଗଛଲତା ଏବଂ ସୁବାସିତ ଫୁଲ ଓ ଫଳମୂଳକୁ ମଧ ସ୍ଥାନ ଦିଆଯାଇଛି । ଶ୍ରୀକ୍ଷେତ୍ରରେ ଝୁଲଣ ଯାତ୍ରା ହେଉଥିବା ବିଭିନ୍ନ ମଠ, ମନ୍ଦିର ଓ ଘରୋଇ ସ୍ଥାନ ମଧରେ ଏମାର ମଠ, କାକୁଡି ଖାଇ ଛକ , ମାର୍କେଟ ଛକ ସ୍ଥିତ ଜଗନ୍ନାଥ ବଲ୍ଲଭ ମଠ, ଧାନକୁଟି ସାହି ସ୍ଥିତକୌଶଲ୍ୟା ଦାସ ମଠ, ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟ ରାଧାବଲ୍ଲଭ ମଠ, ଶ୍ରୀମନ୍ଦିର ସିଂହଦ୍ୱାର ନୃସିଂହ ଆଚାରୀ ମଠ, କାକୁଡି ଖାଇ ଛକ ଜୀୟରସ୍ୱାମୀ ମଠ, ବାଲି ସାହି ଝାଞ୍ଜପିଟା ମଠ, ପାତ୍ର ସାହି ପଞ୍ଜାବୀ ମଠ, ଧାନକୁଟି ସାହି ମଣିରାମ ମଠ, ମରିଚିକୋଟ ଗଳି, କୁଷ୍ଠେଇବେଂଟ ସାହି ପଣ୍ଡିତ ମଠ, ପଥୁରିଆ ସାହି, ଦକ୍ଷିଣପାର୍ଶ୍ୱ ମଠ, ଧାନକୁଟି ସାହି ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟ ନେବଳ ମଠ, କରତି ସାହି ସାନ ମଠ, ଦଇତାପଡ଼ା ସାହି ପାପୁଡିଆ ମଠ, ବଡ଼ଦାଣ୍ଡ ଚିକିଟି ମଠ, ବାରାହୀ ଲେନ୍ ସିଦ୍ଧ ବକୁଳ ମଠ, ବାଲିସାହି ବଡ଼ ଛତା ମଠ, ଶ୍ରୀମନ୍ଦିର ର ସିଂହଦ୍ୱାର ନିକଟ ରାଧାକାନ୍ତ ମଠ, ବାଲିସାହି ବଡ଼ ସନ୍ତୁ ମଠ, ମାର୍କଣ୍ଡେଶ୍ୱର ସାହି ନାଗା ମଠ, ହରଚଣ୍ଡୀ ସାହି ଖକୁରିଆ ମଠ, ବାସେଳି ସାହି ନୂଆ ମଠ, ମରିଚିକୋଟ ଗଳି ଉତରପାର୍ଶ୍ୱ ମଠ, ଲକ୍ଷ୍ମୀ ବଜାର ଦେଉଳ ଘର, ମଣିକର୍ଣ୍ଣିକା ସାହିରାଧାଶ୍ୟାମ ମଠ, ଶ୍ୟାମକୁଞ୍ଜ ଗଳି କୁଞ୍ଜ ମଠ, ବାଲି ସାହି ସାନ ତରଳା ମଠ, ବାଲି ସାହି ଶ୍ରୀନାଥଜୀ ମନ୍ଦିର, କାଳିକାଦେବୀ ସାହି ରାଧାକୃଷ୍ଣ ମନ୍ଦିର, ବାଲି ସାହି ତୋଟା ଗୋପୀନାଥ ମନ୍ଦିର, ଗୌଡବାଡ଼ ସାହିରାଧାମୋହନ ମନ୍ଦିର, ଜାଡୁଆଣି ଛକ ସ୍ଥିତ ରାଧାଗୋବିନ୍ଦ ଜୀଉ ମନ୍ଦିର, ବାରାହୀ ଲେନ୍ ରାଣୀ ଘର, ବାରାହୀ ଲେନ୍ ହରିଦାସ ଠାକୁର ସମାଧି ମଠ, ସ୍ୱର୍ଗଦ୍ୱାର ରୋଡ଼ ରାସବିହାରୀ ମଠ, ସ୍ୱର୍ଗଦ୍ୱାର କୃଷ୍ଣ ବଳରାମ ମଠ, ସାତାସନ ମାର୍ଗ, ସ୍ୱର୍ଗଦ୍ୱାରଶ୍ୟାମସୁନ୍ଦର ମଠ, ସାତାସନ ମାର୍ଗ, ସ୍ୱର୍ଗଦ୍ୱାର ସାରସ୍ୱତ ଗୌଡ଼ୀୟ ମଠ, ସାତାସନ ମାର୍ଗ, ସ୍ୱର୍ଗଦ୍ୱାର ଗିରିଧାରୀ ମଠ, ସାତାସନ ମାର୍ଗ, ସ୍ୱର୍ଗଦ୍ୱାର ଚୈତନ୍ୟ ଗୌଡ଼ୀୟ ମଠ, ବଡ଼ଦାଣ୍ଡ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଚୈତନ୍ୟ ଚନ୍ଦ୍ରାଶ୍ରମ ଆଶ୍ରମ ରାଧା ଦାମୋଦର ମଠ, ଚକ୍ରତୀର୍ଥ ମାର୍ଗ ଗୋପୀନାଥ ଗୌଡିୟ ମଠ, ଚକ୍ରତୀର୍ଥ ମାର୍ଗ ସରୋଜିନୀ ମଠ, ଗୌରବାଟ ସାହି ପୁରୁଷୋତମ ଗୌଡ଼ିୟ ମଠ, ଗୌଡବାଡ଼ ସାହି ଓମ୍କାରନାଥ ଠାକୁର୍ ଆଶ୍ରମ, ଗୌଡବାଡ଼ ସାହି ଇସ୍କନ ମନ୍ଦିର, ସ୍ୱର୍ଗଦ୍ୱାର ନିକଟବିଶାଖା ମଠ, ମାର୍କଣ୍ଡେଶ୍ୱର ସାହି ରାମଦାସ ମଠ, ଶ୍ୱେତଗଙ୍ଗା ଲେନ,ବାଲିସାହି ବିଭିନ୍ନ ସାହିରେ ଘରୋଇ ଝୁଲଣ ପଥୁରିଆ ସାହି ରେ - ୬ ଟି ହରଚଣ୍ଡି ସାହିରେ ୫ ଟି, ବିମାନବଡୁ ସାହି ୪ ଟି ,ମରିଚିକୋଟ ଗଳି ୪ ଟି, ବାଲି ସାହି ୩ ଟି ,ମଣିକର୍ଣ୍ଣିକା ସାହି, ଦୋଳମଣ୍ଡପ ସାହି, ଶୀତଳପିଣ୍ଡା ସାହି ଓ କୁଷ୍ଠେଇବେଂଟ ସାହିରେ ଗୋଟିଏ ଲେଖାଏଁ ଝୁଲଣ କୁଞ୍ଜରେ ଝୁଲୁଛନ୍ତି ବ୍ରଜ ମୋହନ । ରଙ୍ଗୀନ ଆଲୋକ ମାଳା ସହ ସାଜସଜ୍ଜାରେ ଝଲସୁଛି ଝୁଲଣ କୁଞ୍ଜ । ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି ମଠ ବାଡି ସମେତ ସାହି ଗଳିରେ । ଝୁଲଣ ଯାତ୍ରା ଦେଖିବାକୁ ସାହିର ଲୋକ ଓ ଶ୍ରଦ୍ଧାଳୁ ମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା ।

## ଚଟାଣରୁ ବାହାରିଥିବା ଶିବଲିଙ୍ଗର କଳେବର ବଢୁଛି

ବଲାଙ୍ଗିର, ୫/୦୮ (ନି.ପ୍ର): ବଲାଙ୍ଗିର ବରପାଲି ପଡ଼ା ପ୍ରଦୀପ ବେହେରାଙ୍କ ଘରେ ଦେବାଧି ଦେବ ମହାଦେବ ଆବିର୍ଭାବ ହୋଇଛନ୍ତି, ତାଙ୍କର ଘର ସିମେଂଟ ଚଟାଣ ଫଟେଇ ଗତ ମଇ ୨୮ ତାରିଖ ପବିତ୍ର ଶୀତଳ ଷଷ୍ଠି ଦିନ ଅର୍ଦ୍ଧ ରାତ୍ରରେ ଲିଙ୍ଗ ଆବିର୍ଭାବ ହୋଇଛି । ଏହି ଲିଙ୍ଗ ପ୍ରତ୍ୟହ ଦିନକୁ ଦିନ ବୃଦ୍ଧି ପାଇ ବଡ ଆକାର ଧାରଣ କରୁଛି । ଏହି ଦିନ ପ୍ରଦୀପଙ୍କ ଧର୍ମପତ୍ନୀଙ୍କ ଜନ୍ମଦିନ ଥିବାରୁ ତାଙ୍କର ଝିଅ ଘର ବାଡ଼ି ପଟେ ଏକ କେକ ଲୁଚାଇ ରଖିଥିଲେ । ଠିକ୍ ରାତି ୧୨ଟା ପରେ ଏହି କେକ ଆଣିବାକୁ ଗଲାବେଳେ କ୍ଷୀର ବାହାରୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ, ସମଗ୍ର ଅଂଚଳ କ୍ଷୀର ବାସ୍ନା ସହିତ ଦେବାଳୟ ଭଳି ସୁଗନ୍ଧିତ ହୋଇଉଠିଥିଲା । ପ୍ରଦୀପଙ୍କ ପୁଅ ସେହି କ୍ଷୀର ଧାରକୁ ସଫା କରିବା ବେଳେ ସେଠାରେ ଗୋଟିଏ କଳା ପଥର ଆକୃତି ଛୋଟ ଲିଙ୍ଗ ବାହାରିଥିଲା । ବିଜୁଳି ବେଗରେ କଥା ରାଷ୍ଟ୍ର ହୋଇଯିବା ସହିତ ସେଠାରେ ସ୍ୱୟଂ ମହାଦେବ ଆବିର୍ଭାବ ହୋଇଥିବାରୁ ପୂଜାର୍ଚ୍ଚନା ଆରଂଭ ହୋଇ ଯାଇଥିଲା । ପରଦିନ ସକାଳ ଠାରୁ ଶ୍ରଦ୍ଧାଳୁ ନରନାରୀ ମାନଙ୍କ ଭିଡ଼ ଲାଗି ରହୁଛି । ଶ୍ରାବଣ ମାସ ମହାଦେବଙ୍କ ମାସ ହୋଇଥିବା ଯୋଗୁଁ ପ୍ରତ୍ୟହ ଲୋକଙ୍କ ଭିଡ ଲାଗି ରହୁଛି । ଆଜି ଶେଷ ସୋମବାର ଥିବାରୁ ଲୋକଙ୍କ ଭିଡ଼ ଅଧିକ ଥିଲା । ସନାତନ ଧର୍ମରେ ଭଗବାନଙ୍କ ସତାକୁ ବିଶ୍ୱାସ କରାଯାଏ । ଏହି ସ୍ଥାନଟି ଦୁଇ ଘର ମଝିରେ ସଂକୀର୍ଣ୍ଣ ଗଳି ରାସ୍ତାରେ ଥିବାରୁ ଏବେ ରାସ୍ତାକୁ ବନ୍ଦ କରାଯାଇ ଲୋକ ଗଳିରେ ଯାଇ ଦର୍ଶନ ପରେ ଫେରୁଛନ୍ତି । ଘର ପଛପଟେ ଗୋଟାଏ ଫାଟ କରାଯାଇ ବାଟ ହୋଇଥିବାରୁ ଘର ଲୋକେ ସେହି ବାଟରେ ଯିବା ଆସିବା କରୁଛନ୍ତି । ବାସଗୃହ ଥିବା ଏହି ସ୍ଥାନ ମନ୍ଦିର କରିବା ସମ୍ଭବ ହେଉ ନଥିବାରୁ ଚିନ୍ତାରେ ଘର ମାଲିକ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ମାଲକାନଗିରି, ୫/୦୮ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୨୫ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ୨୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୧ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଏଥି ମଧ୍ୟରୁ ୧ ଗୋଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ଆବାସ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ହାତୀଦାନ୍ତ ଚୋରା ଚାଲାଣ ଅଭିଯୋଗରେ ୨ ଗିରଫ

କେନ୍ଦୁଝର, ୫/୦୮ (ନି.ପ୍ର): ବେଆଇନଭାବେ ହାତୀଦାନ୍ତ ରଖିବା ଏବଂ ବ୍ୟବସାୟରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ୨ ତାରିଖ ରାତିରେ ପାଟଣା ରେଞ୍ଜ ଅନ୍ତର୍ଗତ ମଲିପୋଷି ବିଟ୍ ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମ ଏବଂ ଏହାର ଆଖପାଖରେ କେନ୍ଦୁଝର ଏସପିଙ୍କ ନିର୍ଦ୍ଦେଶକ୍ରମେ ପାଟଣା ବନ ବିଭାଗ ଏବଂ ପୁଲିସ ମିଳିତ ଭାବେ ଚଢ଼ଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି । ରାତି ପ୍ରାୟ ୧୦ଟା ବେଳେ ଜଣେ ବ୍ୟକ୍ତି ଏକ ବ୍ୟାଗ ସହିତ ସନ୍ଦେହଜନକ ଭାବେ ବୁଲୁଥିବା ଚଢ଼ଉ ଦଳଙ୍କ ନଜରରେ ପଡ଼ିଥିଲା । ବ୍ୟାଗ ତନଖି ପରେ ସେଥିରୁ ଦୁଇଟି ହାତୀଦାନ୍ତ ଏବଂ ପରେ ଗୋଟିଏ ଦାନ୍ତ ଜବତ ହୋଇଥିଲା । ପଚରାଉଚୁରା ପରେ ସେ ମଦନ ମୋହନ ତାମୁଡ଼ିଆ, ବୟସ ୩୮, ପାଟଣା ପୁଲିସ ଷ୍ଟେସନ ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମର ବୋଲି ପରିଚୟ ଦେଇଥିଲା । ଗତ ରଜ ସମୟରେ କେନ୍ଦୁଝର ଜିଲାର ସୋସୋ ଥାନା ଅନ୍ତର୍ଗତ ହଦଗଡ଼ ଗ୍ରାମର ରଥ ସୋରେନ ଏହି ଦାନ୍ତ ଯୋଗାଇଥିଲା । ବନ୍ୟପ୍ରାଣୀ ସୁରକ୍ଷା ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମଦନ ଓ ରଥଙ୍କୁ ଗିରଫ କରାଯାଇଛି । କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସହକାରୀ ବନ ସଂରକ୍ଷକ ଅଶୋକ ଦାସ, ସୁଦୀପ୍ତ ପଣ୍ଡା ଓ ଡିଏସପି ସୌରଭ ପ୍ରଧାନ ଉପସ୍ଥିତ ଥିଲେ ।

## ଜାତୀୟ ଅସ୍ଥି ଓ ଗଣ୍ଠି ଦିବସ ପାଳିତ

ଗଞ୍ଜାମ, ୫/୦୮ (ନି.ପ୍ର): ସାରା ଦେଶରେ ଭାରତୀୟ ଅସ୍ଥି ଶଲ୍ୟ ସଂଘର ଆହ୍ୱାନ କ୍ରମେ ୨୦୧୨ ମସିହା ଠାରୁ ଅଗଷ୍ଟ ଚାରି ତାରିଖ ଦିନ ଜାତୀୟ ଅସ୍ଥି ଓ ଗଣ୍ଠି ଦିବସ ରୂପେ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ଅସ୍ଥିଶଲ୍ୟ ମଂଚ ତରଫରୁ ସମ୍ପାଦକ ଡାକ୍ତର ସଂକର୍ଷଣ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଲିକୋଟ ସ୍ୱୟଂ ଚାଳିତ ବିଶ୍ୱ ବିଦ୍ୟାଳୟ ଖେଳ ପଡିଆଠାରୁ ଉତ୍କଳ ଆଶ୍ରମ ସ୍ଥିତ ପାତ୍ର ହସ୍ପିଟାଲ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା । ଏହି ଅବସରରେ ସଭାପତି ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡା ଅବନୀକାନ୍ତ ମିଶ୍ର, ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡା ସୁଧୀର ମହାପାତ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଡାକ୍ତର କର୍ଣ୍ଣେଲ ପ୍ରଫୁଲ୍ଲ କୁମାର ନାୟକ, ପ୍ରଖ୍ୟାତ ବରିଷ୍ଠ ଅସ୍ଥି ଶଲ୍ୟ ବିଶେଷଜ୍ଞ ଡା କେ ସଂସ୍କାର ରାଓ ପ୍ରମୁଖ ଯୋଗ ଦେଇ ଅସ୍ଥି ଓ ଗଣ୍ଠି ସ୍ୱାସ୍ଥ୍ୟରକ୍ଷା ଓ ଅସ୍ଥି ଓ ଗଣ୍ଠି ରୋଗର ନିରାକରଣ ତଥା ଆଧୁନିକ ଚିକିତ୍ସା ପଦ୍ଧତି ବିଷୟରେ ସଚେତନ କରାଇଥିଲେ । ଏହି ପଦଯାତ୍ରାରେ ଅର୍ଜୁନ ହସ କ୍ଲବର ସଭାପତି ସିମାଂଚଳ ବିଷୋୟୀଙ୍କ ସମେତ ସମସ୍ତ ସଦସ୍ୟ ଓ ଅନେକ ବରିଷ୍ଠ ନାଗରିକ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଇପକା ଫାର୍ମାସ୍ୟୁଟିକାଲର ଅସିତ ବାବୁ ଓ ତାଙ୍କ ସହଯୋଗୀ ଏବଂ ପାତ୍ର ହସ୍ପିଟାଲର କର୍ମକର୍ତମାନେ ସହଯୋଗ କରିଥିଲେ ।

## ଆନ୍ଧ୍ରରୁ ଟ୧୫,୬୨୦୦୦ ଲୁଟ ଘଟଣାରେ ଟଙ୍କା ସହ ଓଡ଼ିଶାର ତିନି ଜଣଙ୍କୁ ଗିରଫ କଲା ଆନ୍ଧ୍ର ପୁଲିସ

ଜୟପୁର, ୫/୦୮ (ନି.ପ୍ର): ଆନ୍ଧ୍ର ପେଦାବାଇଲି ଷ୍ଟେଟ ବ୍ୟାଙ୍କରୁ ଟ ପନ୍ଦର ଲକ୍ଷ ୬୨ ହଜାର ଟଙ୍କା ଉଠାଇ ନିଜ ଘରକୁ ଯାଉଥିବା ବେଳେ ବଣ୍ଡାପାଲି ପଂଚାୟତ ପିଇଓ କାଟରି ମାଛବାବୁ ଗତ ୩୧/୭/୨୦୨୫ ରିଖ ସନ୍ଧ୍ୟାରେ ଲୁଟର ଶିକାର ହୋଇଥିଲେ । କିଛି ଅଜଣା ଯୁବକ ବଙ୍ଗାରୁମେଟା ଗ୍ରାମ ନିକଟରେ ତାଙ୍କୁ ଅଟକାଇ ଥିଲେ । ମାରଣାସ୍ତ୍ର ଦେଖାଇ ଭୟଭୀତ କରି ତାଙ୍କଠାରୁ ସମସ୍ତ ଟଙ୍କା ଲୁଟ କରି ଚମ୍ପଟ ମାରିଥିଲେ । ପିଇଓ ଜଣକ ମୂଚିଙ୍ଗପୁଟ ଥାନାର ଦ୍ୱାରସ୍ଥ ହେବା ପରେ ଆନ୍ଧ୍ର ସୀମାକୁ ଲାଗି ରହିଥିବା ନନ୍ଦପୁର ପୁଲିସ ଉପଖଣ୍ଡ ଅଧିନ ପାଡୁଆ ଓ ମାଛକୁଣ୍ଡ ପୁଲିସର ସହାୟତା ଲୋଡିଥିଲା ଆନ୍ଧ୍ର ପୋଲିସ । ଉକ୍ତ ଘଟଣାର ପର୍ଦ୍ଦାଫାଶ ରବିବାର ଆନ୍ଧ୍ର ପୋଲିସ କରିଛି । ଲୁଟ ହୋଇଥିବା ସମସ୍ତ ଟଙ୍କା ଉଦ୍ଧାର କରିବା ସହ ଲୁଟରେ ସାମିଲ (ଓଡ଼ିଶା) ନନ୍ଦପୁର ବ୍ଲକ ଗୋଲୁର ପଂଚାୟତ ବାଇଲିଗୁଡା ଅଂଚଳର ସନ୍ତୋଷ ମହାପାତ୍ର (୨୮) ଜୟପୁର ଅଂଚଳର ବିକାଶ କୋରା (୨୫) ଓ ସ୍ୱପ୍ନିଲ ଦୁରାଇ (୧୯)ଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଲୁଟରେ ବ୍ୟବହୃତ ଓଡ଼ି୧୦ ଜେଡ ୧୭୯୮ ନମ୍ବର୍ ବିଶିଷ୍ଟ ସ୍କୁଟି, ତିନି ଗୋଟି ମୋବାଇଲ ଫୋନ୍ ଓ ଦୁଇଟି ଛୁରୀ ଜବତ କରିଛି । ଆନ୍ଧ୍ର ମୁଚିଙ୍ଗପୁଟ ପୁଲିସ ଥାନା କେସ ନ ୪୩/୨୦୨୫ ପ୍ରକାରେ ମାମଲା ରୁଜୁ କରି ଅଦାଲତ ଚାଲାଣ କରାଯାଇଥିବା ଆନ୍ଧ୍ର ଆଲୁରି ସିଥାରମନ ଜିଲା ପୋଲିସ ଆରକ୍ଷୀ ଅଧିକ୍ଷକ ଅମିତ୍ ବରଦାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଘଟଣା ଘଟିବାର ଅଢେଇ ଦିନ ମଧ୍ୟରେ ଲୁଟ ଟଙ୍କା ସହ ଅପରାଧୀଙ୍କୁ ଧରିବାରେ ସଫଳ ହୋଇଥିବା ତଦନ୍ତ ଦଳର ମଦୁଗୁଲା ସର୍କଲ ସିଆଇ ଶ୍ରୀନିବାସ ରାଓ, ମୂଚିଙ୍ଗପୁଟ ଥାନା ଏସଆଇ ରାମ କୃଷ୍ଣା, ଆରକୁ ଥାନା ଏସଆଇ ଗୋପାଳ ରାଓ ରାଜୁ, ପେଦାବାଇଲି ଥାନା ଏସ୍ଆଇ କେ ରାମାନାଙ୍କ ସମେତ ୧୨ ଜଣଙ୍କୁ ପୁଲିସ ସମ୍ମାନରେ ସମ୍ମାନିତ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ତଦନ୍ତ ଦଳର ନେତୃତ୍ୱ ନେଇଥିବା ଡିଏସପି ଶେଖ୍ ସାହାବାଜ ଓ ଅନ୍ୟ ପୋଲିସ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ ।

## ପରିବା ଦର ବୃଦ୍ଧିକୁ ନେଇ ଗ୍ରାହକ ଅସନ୍ତୋଷ

ମୁଖୀଗୁଡା, ୫/୦୮ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣାରେ ପରିବା ଦର ଆକାଶ ଛୁଆଁ ହୋଇଯାଇଛି । ଆଜି ଟମାଟୋ କିଲୋ ୮୦ ଟଙ୍କାରେ ବିକ୍ରି ହୋଇଥିବା ବେଳେ ଦେଶୀ କାଙ୍କଡ଼ କିଲୋ ୨୦୦ ଟଙ୍କା, ସଜନା ୧୨୦ ଟଙ୍କା, ବାଇଗଣ ୬୦ ଟଙ୍କା,ପୋଟଳ ୮୦ ଟଙ୍କା,ଭେଣ୍ଡି ୬୦ ଟଙ୍କା, କୁନ୍ଦୁରି ୬୦ ଟଙ୍କା,ବିନ୍ସ ୮୦ ଟଙ୍କା, ପତ୍ର କୋବି ୬୦ ଟଙ୍କା ଦର ରହିଛି । ଏସବୁ ପରିବା ଦର ଶୁଣି ଗରିବ ଲୋକ କିଣିବାକୁ ସାହସ ଜୁଟାଇ ପାରୁନାହାନ୍ତି । ଜୟପାଟଣା ଅଂଚଳରେ ପରିବା ଚାଷ ପର୍ଯ୍ୟାପ୍ତ ପରିମାଣରେ ହେଉନଥିବା ବେଳେ ପ୍ରତିଦିନ କେତେକ ବେପାରୀ ଉମରକୋଟ ଅଂଚଳରୁ ପରିବା ଆଣି ଚଢ଼ା ଦରରେ ହୋଲସେଲରେ ବିକ୍ରି କରୁଛନ୍ତି । ଚଢ଼ା ଦରରେ କିଣା ହେଉଥିବାରୁ ଅଧିକ ମୂଲ୍ୟରେ ବିକ୍ରି କରିବାକୁ ପଡୁଛି ବୋଲି ଖୁଚୁରା ବେପାରୀ କହୁଛନ୍ତି ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ଜୟପୁର, ୫/୦୮ (ନି.ପ୍ର): କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଉପସ୍ଥିତ ରହି ୫୦ଟି ଅଭିଯୋଗ ଶୁଣାଣୀ କରିଛନ୍ତି ଓ ଉପ ଜିଲ୍ଲାପାଳ ଏ ଶଶ୍ୟା ରେଡ୍ଡୀ, ଏସ୍ ପି ରୋହିତ ବର୍ମା, ସି ଡି ଓ ବେଣୁଧର ଶବର, ବ୍ଲକ ଅଧକ୍ଷା ରାଜେଶ୍ୱରୀ ପରଜା ପ୍ରମୁଖ ମଂଚାସୀନ ଥିଲେ । ବି ଡି ଓ ପି. ମନସ୍ମିତା, ତହସିଲଦାର ବିନୋଦ କୁମାର ନାଏକ, ଜିଲ୍ଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଠିଆଙ୍କ ସମେତ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ସମସ୍ତ ସରପଂଚ, ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ଆଜିର ଅଭିଯୋଗ ଶୁଣାଣୀରେ ଗୋଷ୍ଠୀଗତରେ ମସିଗାଁ ପଂଚାୟତରେ ନେଟୱାର୍କ ସମସ୍ୟା, କୁନ୍ଦୁରା ଜଗନ୍ନାଥ ମନ୍ଦିର ରାସ୍ତାର ଉନ୍ନତିକରଣ, ବାଣୁଆଗୁଡ଼ାରେ ପଂଚାୟତ କାର୍ଯ୍ୟାଳୟ ନିର୍ମାଣ, ବରଗୁଡ଼ାରେ ହୋମିଓପାଥି ଚିକିତ୍ସାଳୟ ଗୃହ ନିର୍ମାଣ, ବ୍ଲକ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ, ରାଣୀ ଗୁଡ଼ା ଏକଲବ୍ୟ ବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ, ମେଟ୍ରୋନ ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ସହ ବିଦ୍ୟୁତ୍ ସଂଯୋଗ, ବାଲିବେଢ଼ା ଛକ ଠାରୁ ଆମ୍ବଗୁଡ଼ା ଛକ ପର୍ଯ୍ୟନ୍ତ ରାସ୍ତାର ମରାମତି, ଗୁଣ୍ଡାଳ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀ ହଷ୍ଟେଲ ଖୋଲିବା, ବେହେରା ଗୁଡ଼ା ଛକ ଠାରୁ କଟ୍ରିଗୁଡ଼ା ରାସ୍ତା ଉନ୍ନତିକରଣ, ଲିମା କୁରୁଲୁ ନଦୀରେ ଚେକ୍ ଡ୍ୟାମ ନିର୍ମାଣ, ବାଗଦେରୀ ମଣ୍ଡିରେ ରାସ୍ତା ଓ ଖୋଳା ନିର୍ମାଣ, ଚାଷୀ ବିଭିନ୍ନ ସମସ୍ୟାକୁ ନେଇ କୃଷକ କଲ୍ୟାଣ ମଂଚ ପକ୍ଷରୁ ଦାବୀପତ୍ର ପ୍ରଦାନ, ନୂତନ ପୋଲ ନିର୍ମାଣ, ନଳକୂପ ମରାମତି, ସୋଲାର ଲାଇଟ୍ ମରାମତି, ଜବାପଦର ଠାରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଓ ପି ଡି ଏସ୍ ଗୋଦାମ୍ ଗୃହ ନିର୍ମାଣ, ଡ୍ରେନ୍ ଓ ସି ସି ରାସ୍ତା ନିର୍ମାଣ, କେରମେଟି ମାଉଲି ମନ୍ଦିର ନିର୍ମାଣ, ପାଇପ୍ ଜଳ ଯୋଗାଣ ଆଦି ରହିଥିଲା । ବ୍ୟକ୍ତିଗତରେ ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା, ରାସନ କାର୍ଡ, ଅନ୍ତୋଦୟ କାର୍ଡ, ଘରବାରି ଜମି ଚିହ୍ନଟି କରଣ, ବୋରୱେଲ୍ ଖନନ ଆଦି ରହିଥିଲା । ଗୋଷ୍ଠୀଗତ ୨୯ ଓ ବ୍ୟକ୍ତିଗତ ୨୧ ସମୁଦାୟ ୫୦ ଟି ଅଭିଯୋଗ ରହିଥିଲା । ସମସ୍ତ ଅଭିଯୋଗ ଶୁଣିବା ପରେ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ସବୁ ସମସ୍ୟାର ସମାଧାନ ହୋଇ ପାରିବ ଯେଉଁ ସବୁ ହୋଇ ନ ପାରିବ ସେ ସବୁର ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଜଣାଇବାକୁ ଜଣାଇବାକୁ ନିର୍ଦ୍ଦେଶ ଦେଇଥିବା ଜିଲ୍ଲାପାଳ କହିଛନ୍ତି । ଅଭିଯୋଗ ଶୁଣାଣି ପରେ ମିଶନ ଶକ୍ତି ପକ୍ଷରୁ ବ୍ଲକର ୩୨ ଟି ଏସ୍ ଏଚ୍ ଜି କୁ ସମୁଦାୟ ୧ କୋଟି ୪୮ ଲକ୍ଷ ୫୦ ହଜାର ଟଙ୍କାର ମିଶନ ଶକ୍ତି ଋଣର ଚେକ୍ ପ୍ରଦାନ କରିଛନ୍ତି ଜିଲ୍ଲାପାଳ ଓ ସମସ୍ତ ମଂଚାସୀନ ଅଧିକାରୀ ।

## ମାଲକାନଗିରି ଆଦର୍ଶ ବିଦ୍ୟାଳୟର ୬ ଜଣ ଛାତ୍ରୀ ଅସୁସ୍ଥ

ମାଲକାନଗିରି, ୫/୦୮ (ନି.ପ୍ର): ମାଲକାନଗିରି ଆଦର୍ଶ ବିଦ୍ୟାଳୟର ୬ ଜଣ ଛାତ୍ରୀ ଅସୁସ୍ଥ । ଗତକାଲି ସନ୍ଧ୍ୟାରେ ବ୍ରେଡ କ୍ଷୀର ଖାଇ ଅସୁସ୍ଥ ହେବାପରେ ସମସ୍ତ ଅସୁସ୍ଥ ଛାତ୍ରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିବା ଜଣାପଡିଛି ।

ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ସଦର ବ୍ଲକରେ ଥିବା ଆଦର୍ଶ ଆବାସିକ ବିଦ୍ୟାଳୟରେ ସନ୍ଧ୍ୟା ରେ ନିତିଦିନ ପରି ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା । ତେବେ ଏହି ଖାଦ୍ୟ ଖାଇ ହଠାତ ୬ ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡିଥିଲେ । ତୁରନ୍ତ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଭର୍ତି କରିଥିବା ବେଳେ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି । କିଛି ଛାତ୍ରୀ ଚିକିତ୍ସା ପରେ ସୁସ୍ଥ ହୋଇ ବିଦ୍ୟାଳୟକୁ ଫେରିଥିବା ଜଣାପଡିଛି ।

# ସେକସରାଇ (କ) ବାଲି ସୈରାତର ଜନଶୁଣାଣୀ କାହା ସ୍ୱାର୍ଥରେ ବନ୍ଦ ରହିଲା ବୋଲି ଜନସାଧାରଣଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ଜଳେଶ୍ୱର, ୦୫/୮ (ନି.ପ୍ର): ଜଳେଶ୍ୱର ବ୍ଲକ ମହମ୍ମଦ ନଗର ପାଟଣା ପଞ୍ଚାୟତର ପରିସରରେ ସରପଞ୍ଚ ଅରୁଣ କୁମାର ସେନାପତିଙ୍କ ସଭାପତିତ୍ୱରେ ସେକସରାଇ (କ) ବାଲି ସୈରାତର ଜନଶୁଣାଣୀ କାହା ସ୍ୱାର୍ଥରେ ବନ୍ଦ ରହିଲା ବୋଲି ଜନସାଧାରଣଙ୍କ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଦିବା ୧୦ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି ।ସୂଚନାରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ତହସିଲ ଅଧିନରେ ଥିବା ମହମ୍ମଦନଗର ପାଟଣା ପଞ୍ଚାୟତ ପାଖ ଦେଇ ଯାଇଥିବା ସୁବର୍ଣ୍ଣରେଖା ନଦୀର ସେକସରାଇ (କ) ବାଲି ସୈରାତ ପାଇଁ ଜଳେଶ୍ୱର ତହସିଲ ଅଫିସ ପକ୍ଷରୁ ୨୦୧୫ ମସିହା ଡିସେମ୍ବର ମାସ ୨୦ ତାରିଖରେ ନୋଟିସ ନମ୍ବର ୬୬୮୬ ମୁଳେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଟେଣ୍ଡର ପ୍ରକ୍ରିୟାରେ ସଫଳ ବିଡର ଭାବେ ସୌମ୍ୟଦୀପ ଚକ୍ରବର୍ତ୍ତୀ ବିବେଚିତ ହୋଇଥିଲେ । ଏହାପରେ ୨୦୧୬ ମସିହା ଜାନୁଆରୀ ୩୦ ତାରିଖରେ ନାଜିର ରସିଦ ନମ୍ବର ୫୬୪୬୪୮ ମୁଳେ ଶ୍ରୀ ଚକ୍ରବର୍ତ୍ତୀ ସୈରାତ୍ ପରିଚାଳନା ପାଇଁ ୭ ଲକ୍ଷ ୬୫ ହଜାର ଟଙ୍କା ଜମା କରିଥିଲେ ଓ ସେହି ୨୦୧୬ ମସିହା ଫେବ୍ରୁଆରୀ ୧୧ ତାରିଖରେ ତାଙ୍କୁ ବିଧିବଦ୍ଧ ଭାବେ ସେକସରାଇ (କ) ସୈରାତ୍ କୁ ଲିଜ ପ୍ରଦାନ କରାଯାଇଥିଲା । ୨୦୧୫-୧୬ ଆର୍ଥିକ ବର୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷ ମୋଟ ପାଞ୍ଚ ବର୍ଷ ପାଇଁ ଏହି ସୈରାତ୍ ର ଲିଜ ଅବଧି ରହିଥିଲା ।କହିବାକୁ ଗଲେ ଏହି ସୈରାତ୍ ର ଲିଜ ଅବଧି ୨୦୧୯-୨୦ ଆର୍ଥିକ ବର୍ଷରୁ ଶେଷ ହୋଇଯାଇଛି ।ତହିଁ ପରଠାରୁ ସୈରାତ୍ ର ନୂତନ ନିଲାମ ହୋଇନାହିଁ କି ଲିଜ ମଧ ବୃଦ୍ଧି ପାଇନାହିଁ ।ଏହି ସୈରାତର ପରିବେଶ ମଞ୍ଜୁରୀ ପାଇଁ ଆଜି ବା (୫) ତାରିଖରେ ଜନଶୁଣାଣିର ଆବଶ୍ୟକତା ରହିଛି ବୋଲି କେତେକ ଗଣମାଧମରେ ବିଜ୍ଞପ୍ତି ପ୍ରକାଶ ମଧ ପାଇଥିଲା ।ଏବଂ ଦିନ ୧୦ ଘଟିକା ଠାରୁ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଚାର ପ୍ରସାର ମଧ କରାଯାଇ ଥିଲା । କିନ୍ତୁ ଅପରାହ୍ନ ଚାରିଟା ସମୟରେ ହଠାତ ଚିଠି ଆସିଲା ଯେ ଜଳେଶ୍ୱର ତହସିଲ ଅଧୀନରେ ସେଖସରାଇ (କ) ବାଲି ଉତ୍ସର ଜନଶୁଣାଣି ପାଇଁ ଏକ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା । କିନ୍ତୁ ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ଆସିଛି ଯେ ନିଲାମ ୨୦୧୫-୧୬ ବର୍ଷ ମଧରେ କରାଯାଇଥିଲା । କିନ୍ତୁ ୧୦ ବର୍ଷ ପରେ ଯଥା ୨୦୨୫-୨୬ ରେ ସାଧାରଣ ଶୁଣାଣି ଅନୁଷ୍ଠିତ ହେବ। ଏପରି କାର୍ଯ୍ୟକଳାପ ଓଏମଏମସି ନିୟମ ଉଲ୍ଲଂଘନ କରିପାରେ। ତେଣୁ ଇସ୍ପାତ ଏବଂ ଖଣି ବିଭାଗ ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟୀକରଣ ନମିଳିବା ପର୍ଯ୍ୟନ୍ତ ସାଧାରଣ ଶୁଣାଣି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଗଲା । ତେଣୁ ରବିନ୍ଦ୍ର ପ୍ରଧାନ, ଅକ୍ଷୟ ସେନାପତି, ଦୀନବନ୍ଧୁ ସାହୁ, ଶ୍ରୀକାନ୍ତ ଭୂୟାଁ, ପରେଶ ଚନ୍ଦ୍ର ଦାସ, ମଦନ ସାହୁ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ଯେ ସେକସରାଇ (କ) ବାଲି ସୈରାତର ଜନଶୁଣାଣୀ କାହା ସ୍ୱାର୍ଥରେ ବନ୍ଦ ରହିଲା ? ଯାହା ଫଳରେ ପଞ୍ଚାୟତ ରେ ଆବାସ ଗୃହ ନିର୍ମାଣରେ ବ୍ୟାଘାତ ସୃଷ୍ଟି ହେବ, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅବହେଳା ହେବ, ବେକାରୀ ସମସ୍ୟା ବୃଦ୍ଧି ହେବ,ତା ଛଡା ବାଲି ଚୋରି ବଢ଼ିବା ସଙ୍ଗେ ସଙ୍ଗେ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ଘଟିବ। ତେଣୁ ଯଥା ଶୀଘ୍ର ସେକସରାଇ (କ) ବାଲି ସୈରାତର ଜନଶୁଣାଣୀ କରାଯାଉ ବୋଲି ପ୍ରଶାନ୍ତ ପଲାଇ,ଅଶୋକ ପଲାଇ, ଲକ୍ଷ୍ମଣ ପାଲ,କେଶବ ପ୍ରଧାନ, ମଦନ ସାହୁ,ଜଗଦିଶ ସାହୁ, ରବିନ୍ଦ୍ର ନାୟକ,ମାନସ ନାଥ,ବିକାସ ଦାସ,ଶିବ ଶଙ୍କର ଦାସ,ଅର୍ଜୁନ ନାୟକ, ଶଙ୍କର ବାରିକ ପ୍ରମୁଖ ଶତାଧିକ ପଞ୍ଚାୟତ ବାସି ଦାବି କରିଛନ୍ତି।

## ନୀଳଗିରି ଜାତି ଜନଜାତି ଏବଂ ଦିବ୍ୟାଙ୍ଗ ଏକସ୍ କ୍ୟାଡ଼ର ଶିକ୍ଷକ ସଂଘ ପକ୍ଷରୁ ସ୍ୱର୍ଗତ ଶିକ୍ଷକଙ୍କ ଏକାଦଶାହରେ ସହାୟତା ପ୍ରଦାନ



ନୀଳଗିରି , ୦୫/୮ (ନି.ପ୍ର): ବରହମପୁର ଦୀନବନ୍ଧୁ ନୋଡାଲ ବିଦ୍ୟାଳୟରେ କାର୍ଯ୍ୟରତ ଗଣଶିକ୍ଷକ ସ୍ୱର୍ଗତ କରନ ମାଝୀଙ୍କ ଅକାଳ ବିୟୋଗରେ ନୀଳଗିରି ଜାତି, ଜନଜାତି ଏବଂ ଦିବ୍ୟାଙ୍ଗ ଏକ୍ସ କ୍ୟାଡ଼ର ସଂଘ ତରଫରୁ ଗଭୀର ସମବେଦନା ଜଣାଇବା ସହିତ ସ୍ୱର୍ଗତ ମାଝୀଙ୍କ ଏକାଦଶାହ କ୍ରିୟାରେ ତାଙ୍କର ବିଧବାପତ୍ନୀଙ୍କୁ ସଂଘ ତରଫରୁ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିସହିତ ଗତ ରବିବାର ରାତ୍ରୀରେ ଉକ୍ତ ସଂଘର ସଭାପତି ତଥା ଶିକ୍ଷକନେତା ମନ୍ମଥ ମଲ୍ଲିକଙ୍କ ଅପ୍ରତ୍ୟାଶିତ ମୃତ୍ୟୁ ହୋଇଥିବାରୁ ଏଭଳି ଦୁଃଖଦ ସମୟରେ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ତାଙ୍କର ଅମରଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ନରହରି ସିଂ, ରମେଶ ଚନ୍ଦ୍ର ସିଂ, ରବୀନ୍ଦ୍ର ଜେନା, ଶତୃଘ୍ନ ସିଂ, ଡାକ୍ତର ସିଂ, ସନିଆ ସିଂ, ଅନନ୍ତ ମାଝୀ, ବାଇଧର ମାଝୀ, ବିକର୍ତ୍ତନ ଖଣ୍ଡେଇ, ଜିତେନ୍ଦ୍ରନାଥ ସୋରେନ, ବସନ୍ତ ହେମ୍ବ୍ରମ, ମନୋରଞ୍ଜନ କବାଟ, ସୂର୍ଯ୍ୟା ମାଝୀ, ଜ୍ୟୋତିରଂଜନ ସେଠୀ, ରଘୁନାଥ ମାଝୀ, ଭାସ୍କର ନାଏକ, ବିଜୟ ରାଉତ ପ୍ରମୁଖ ସଂଘର ବହୁ ଶିକ୍ଷକ ଉପସ୍ଥିତ ରହି ଉଭୟ ଶିକ୍ଷକଙ୍କ ବିୟୋଗରେ ସମବେଦନା ଜ୍ଞାପନ କରିଥିଲେ।

## ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲ୍ୟୁଓଡିଏଲର ଭୂତଳ କେବୁଲ୍ ବିଛା କାର୍ଯ୍ୟ ଶେଷ

ସମ୍ବଲପୁର, ୦୫/୮ (ନି.ପ୍ର): ଟିପିଡବ୍ଲୁଓଡିଏଲ (ଟାଟା ପାୱାର ପଶ୍ଚିମ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍) ବହୁ ବର୍ଷ ଧରି ସମ୍ବଲପୁରର ଚାଉଁରପୁର ସେତୁ ନିକଟରେ ଏକ ନୂତନ ୩୩ କେଭି ଭୂତଳ କେବୁଲ୍ ଲାଇନ ସ୍ଥାପନ କାର୍ଯ୍ୟ ସମାପ୍ତ କରିଛି। ଏହି ନୂତନ ଲାଇନଟି ସମ୍ବଲପୁର ସହରରେ ବିଦ୍ୟୁତ୍ ଯୋଗାଣର ନିର୍ଭର ଯୋଗ୍ୟତା ଏବଂ ଗୁଣବତା ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ପ୍ରକଳ୍ପଟି ବିଦ୍ୟୁତ୍ ଭିତିଭୂମିକୁ ସୁଦୃଢ଼ କରିବା ଏବଂ ଅଂଚଳର ଗ୍ରାହକମାନଙ୍କ ପାଇଁ ଅଧିକ ଦୃଢ଼ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିଡବ୍ଲୁଓଡିଏଲ ର ପ୍ରୟାସର ଏକ ଅଂଶ। ନୂତନ ଭୂତଳ କେବୁଲ୍ ଲାଇନ ଏକ ବିକଳ୍ପ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପ୍ରଦାନ କରି ଗ୍ରାହକମାନଙ୍କୁ ଲାଭ ଦେବାର ଆଶା କରାଯାଇଛି। ଟିପିଡବ୍ଲୁଓଡିଏଲ ର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପଟି ଉଦଘାଟନ କରାଯାଇଥିଲା। ଏହି ପଦକ୍ଷେପ ସମ୍ବଲପୁରରେ ବିଦ୍ୟୁତ୍ ବଣ୍ଟନ ନେଟୱାର୍କକୁ ଆଧୁନିକୀକରଣ କରିବା ଏବଂ ବାସିନ୍ଦାଙ୍କ ପାଇଁ ସାମଗ୍ରିକ ବିଦ୍ୟୁତ୍ ସେବାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।କିନ୍ତୁ ଦୁର୍ଭାଗ୍ୟର ବିଷୟ ଟିପିଡବ୍ଲୁଓଡିଏଲ କେବୁଲ୍ ବହନ କରିବା ପାଇଁ ବ୍ୟବହୃତ ଚାରି ଗୋଟି ବିରାଟକାୟ ଚକକୁ ଆଜି ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ପକାଇ ରଖିଛି।


**GOVERNMENT OF ODISHA OFFICE OF THE EXECUTIVE ENGINEER**
**PODAGADA DAM DIVISION, AT/PO-KHATIGUDA, DIST-NABARANGPUR, PIN-764085.**

Email I.D- eepodagadadam@gmail.com

**e-Procurement Notice**

**Bid Identification No.- EEPDD-01(02)/2025-26, Dated: - 31.07.2025**

Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in

| | |
|---|---|
| 1. Name of the Work | Civil Works |
| 2. No. of Works | **Two Numbers** |
| 3. Estimated cost | Rs. 5.87 Lakhs to Rs.7.90 Lakhs. |
| 4. Eligibility of the bidders | Ranging from 'D' class to 'C' class contractors (Odisha P.W.D or equivalent class of other licensing authority) as per Detail Tender Call Notice. |
| 5. Period of completion | Three Calendar Months (TCN Sl No.01) & Four Calendar Months (TCN Sl No.02) |
| 6. Date of Clarification | 18.08.2025 to 20.08.2025 Only During Office Hour |
| 7. Time for receipt of bid in the portal | From 16.08.2025 11.00 AM to 29.08.2025 (up to 5:00 P.M) |
| 8. Date & place of opening of the bids on-line | 30.08.2025(11:30 A.M) In O/o The E.E.,Podagada Dam Division, UIDC Khatiguda. |
| 9. Name and address of the Tender Inviting Authority(TIA) | Executive Engineer Podagada Dam Division, At/Po: Khatiguda, District: Nabarangpur |

Further details can be seen from the e-procurement portal http://tendersodisha.gov.in

OIPR: 32095/11/0016/2526

**Executive Engineer**
**Podagada Dam Division**
**Khatiguda**


## ୧୦୭୮ଟି କଇଁଛ ଜବତ : ୩ଗିରଫ

ମାଲକାନଗିରି, ୦୫/୮ (ନି.ପ୍ର): ନିଷିଦ୍ଧ ଭାବେ କଇଁଛ ବ୍ୟବସାୟ ସମ୍ପର୍କରେ ଭରସାଯୋଗ୍ୟ ତଥ୍ୟ ମିଳିବା ପରେ ମାଲକାନଗିରି ଜିଲ୍ଲା ବନଖଣ୍ଡଅ ଧିକାରୀ ସାଇ କିରଣ ଡିଏନଙ୍କ ନେତୃତ୍ୱରେ ଏକ ବିଶେଷ ଟିମ ଗଠନ କରାଯାଇଥିଲା । ଏହି ଟିମର ନେତୃତ୍ୱ ନେଇଥିଲେ ମାଲକାନଗିରି ଜିଲ୍ଲାର ସହାୟକ ବନଖଣ୍ଡ ଅଧିକାରୀ ମନସୁନ ଖେମୁଣ୍ଡୁ ମୋଟୁ ଫରେଷ୍ଟର ମୁରଲୀଧର ଅନୁଗୁଳିଆ ଓ ମୋଟୁ ସେକ୍ସନ ର ସମସ୍ତ ବନ କର୍ମଚାରୀମାନେ ଗତ କାଲି ରାତି ଠାରୁ ମାଲକାନଗିରି ଜିଲ୍ଲାର ସୀମାନ୍ତ ମୋଟୁ ଅଂଚଳରେ କୌଶଳ ପୂର୍ଣ ଭାବେ ଜଗିଥିଲେ।
ଅପରାହ୍ନ ପ୍ରାୟ ୪ଟା ସମୟରେ ମୋଟୁ - କୋଂଟା ବ୍ରିଜ ନିକଟରେ କଇଁଛ ଅବୈଧ ଚୋରା ଚାଲାଣ ସହିତ ଜଡିତ ଥିବା ତିନି ଜଣ ବ୍ୟକ୍ତି ଧରାପଡ଼ିଛନ୍ତି । ସେମାନଙ୍କ ଠାରୁ ମୋଟ ୧୦୭୮ ଟି କଇଁଛ ଜବତ କରାଯାଇଛି ଯାହାମଧ ରୁ ୯୧୦ ଟି କଇଁଛ ଜୀବନ୍ତ ଓ ୧୬୮ ଟି କଇଁଛ ମୃତ ଜଣାଯାଇଛି। ଏହି ଅବୈଧ ଚାଲାଣ ରେ ବ୍ୟବହୃତ ହୋଇଥିବା ଗୋଟିଏ ବୋଲେରୋ ଗାଡି ଏବଂ ତିନି ଗୋଟି ମୋବାଇଲ ଫୋନ୍ ମଧ ଜବତ କରାଯାଇଛି । ଏହି କଇଁଛ ଆନ୍ଧ୍ର ପ୍ରଦେଶରୁ ଟିଗଲ ପଞ୍ଚାୟତ ଏମପିଭି ୬୫ ଗ୍ରାମକୁ ବିକ୍ରୟ ଏବଂ ଖାଇବା ଉଦ୍ଦେଶ୍ୟରେ ଚୋରା ଚାଲାଣ କରାଯାଉଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବାଜିନି ବିଗୁଲ...

ଅନ୍ୟପଟେ ସମୟ ନିକଟ ହେଉଥିବା ଜାଣି କ୍ୟାଂପସରେ ସକ୍ରିୟ ଆଶାୟୀ ପ୍ରାର୍ଥୀ ଓ ଛାତ୍ର ସଂଗଠନ। ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସ ଏଥର ଏଫ୍ଏମ୍ ଘଟଣା ସହ ଛାତ୍ରୀ ସୁରକ୍ଷାକୁ ମୁଖ୍ୟ ମୁଦ୍ଦା କରୁଥିବାବେଳେ ଏବିଭିପି ମଧ ଟାଣୁଆ ମୁଦ୍ଦାକୁ ଧରି ମଇଦାନକୁ ଓହ୍ଲାଇବାକୁ ଯୋଜନା ରଖିଛି। ଛାତ୍ରଛାତ୍ରୀ ବି ଦୀର୍ଘ ବର୍ଷ ପରେ କଲେଜ ନିର୍ବାଚନରେ ସେମାନଙ୍କ ଭାଗିଦାରିକୁ ନେଇ ଉତ୍କଣ୍ଠାରେ। ଗୋଟିଏ ପଟେ ଏଥର ଛାତ୍ର ସଂସଦ ନିର୍ବାଚନ ସମ୍ଭାବନାକୁ ଦେଖି ଷ୍ଟୁଡେଣ୍ଟ ପଲିଟିକ୍ସ ଗରମ ହେଉଥିବାବେଳେ କିଛି କିଛି ସ୍ଥାନରେ ଅଶାନ୍ତିର ବାତାବରଣ ବି ଦେଖା ଦେଲାଣି। ସଦ୍ୟତମ ଘଟଣାକ୍ରମେ ଜଗତସିଂହପୁର ଏସ୍ ଭିଏମ୍ କଲେଜରେ ଗତକାଲି ଦୁଇ ଛାତ୍ର ଗୋଷ୍ଠୀ ମଧରେ ସଂଘର୍ଷ ଘଟି ରକ୍ତରଞ୍ଜିତ ହୋଇଛି ସେଠିକାର କ୍ୟାମ୍ପସ। ଗଣ୍ଡଗୋଳରେ ଏକାଧିକ ଛାତ୍ର ଆହତ ହୋଇଛନ୍ତି। କଲେଜରେ ଧାରଣା ସାଙ୍ଗକୁ ଉତ୍ତେଜନା ଲାଗି ରହିଛି। ତେଣୁ ଏଭଳିସ୍ଥଳେ ଯଦି ଛାତ୍ର ସଂସଦ ନିର୍ବାଚନ ହୁଏ, ତେବେ ତାକୁ ଶୃଙ୍ଖଳିତ ପରିଚାଳନା କରିବା ସ୍ଥାନୀୟ ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷଙ୍କ ପାଇଁ ବଡ଼ ଚାଲେଞ୍ଜ ହେବ।

## ଜମ୍ମୁ-କାଶ୍ମୀରର...

ବି ରୋକଠୋକ୍ ମତ ପ୍ରକାଶ ନେଇ ଚର୍ଚ୍ଚାରେ ଥିଲେ ସତ୍ୟପାଲ । ଶେଷ ଜୀବନରେ କୃଷକଙ୍କ ସ୍ୱାର୍ଥରକ୍ଷା ପାଇଁ ଆଗକୁ ଆସିଥିଲେ ଓ କେନ୍ଦ୍ର ସରକାରଙ୍କୁ ବିରୋଧ କରିଥିଲେ । ଜମ୍ମୁ- କାଶ୍ମୀର ସମେତ ବିହାର, ଗୋଆ ଓ ମେଘାଳୟ ରାଜ୍ୟପାଳ ଥିଲେ। ୨୦୧୮ ମାର୍ଚ୍ଚ ୨୧ରୁ ମେ’ ୨୮ ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇ ଥିଲେ ।

## ସରକାରୀ କଳରୁ ବିଦା...

ଅବସର ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ? କେଉଁ ବିଭାଗରେ କେତେ ପଦବୀ ଖାଲି ଅଛି ? ଅଧିକାରୀଙ୍କ ଦକ୍ଷତା ବିକାଶ ପାଇଁ କଣ ପଦକ୍ଷେପ ନିଆଯାଇଛି ଓ କେତେ ଅଧିକାରୀ ଏଆଇ ଫ୍ରି କ୍ଲାସ ଦ୍ୱାରା ଟ୍ରେନିଂ ନେଇଛନ୍ତି ? ଏ ନେଇ ମଧ ବିସ୍ତୃତ ତଥ୍ୟ ମାଗିଛନ୍ତି ଚିଫ୍ ସେକ୍ରେଟାରୀ। ଅପାରଗ କର୍ମଚାରୀଙ୍କୁ ବିଦା କରିବାକୁ ଗତ ଜୁଲାଇ ୧୫ରେ ସଚିବ ସ୍ତରୀୟ ବୈଠକ ବେଳେ ହୋଇଥିଲା ଗୁରୁତ୍ୱପୂର୍ଣ୍ଣ ଆଲୋଚନା। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏନେଇ କଠୋର ଆଭିମୁଖ୍ୟ ପୋଷଣ କରିଥିଲେ। ସାଧାରଣ ପ୍ରଶାସନ ବିଭାଗର ୨୦୧୯ ସେପ୍ଟେମ୍ବର ୨୪ର ସର୍କୁଲାର ଅନୁଯାୟୀ, ଅପାରଗ ଅଧିକାରୀମାନଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେବାକୁ ସ୍ପଷ୍ଟ ଭାବେ ଶୁଣାଇଥିଲେ ମୁଖ୍ୟ ଶାସନ ସଚିବ। ଏମିତି କି ଯେଉଁ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ରହିଛି ତାର ତଥ୍ୟ ଐଜଗଝ ୱେବସାଇଟରେ ଦାଖଲ କରିବା ସହ ଏହାର ନିୟମିତ ସମୀକ୍ଷା କରି ଫୈସଲା କରିବାକୁ ବି କହିଥିଲେ।

## ଶ୍ରୀମନ୍ଦିର ସୁରକ୍ଷାକୁ ...

ଆଉ ଆଜି ଅଗଷ୍ଟ ୫ରେ ପୁଣି ସମାନ ଘଟଣାର ପୁନରାବୃତ୍ତି ହୋଇଛି। ପଶ୍ଚିମବଙ୍ଗର ପୀତିଶ ପାଲ ହିଡେନ୍ ଚଷମା ପିନ୍ଧି ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ ବେଳେ ତାଙ୍କୁ ଧରିଥିଲେ ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ। ପ୍ରଶ୍ନ ଉଠୁଛି, କାହିଁକି ଶ୍ରୀମନ୍ଦିର ଭିତରକୁ ସ୍ପାଏ କ୍ୟାମେରା ଧରି ପ୍ରବେଶ କରୁଛନ୍ତି ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟକ୍ତି ? କୁହାଯାଉଛି, ଶ୍ରୀମନ୍ଦିରକୁ ମୋବାଇଲ ଓ କ୍ୟାମେରା ପ୍ରବେଶ ଅନୁମତି ନଥିବାରୁ କଟକଣାଯୁକ୍ତ ଶ୍ରୀମନ୍ଦିରର ଫଟୋ ଓ ଭିଡିଓ ନେବାକୁ ଉଦ୍ୟମ କରୁଥାଇ ପାରନ୍ତି କିଛି ୟୁଟୁବର। ଆଉ ଏଥିପାଇଁ ହିଁ ସେମାନେ ଏଭଳି ସ୍ପାଇ କ୍ୟାମେରା ଓ ହାଇଟେକ୍ ଗେଜେଟର ବ୍ୟବହାର କରୁଛନ୍ତି। ସେପଟେ ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗକୁ ନେଇ ଚିନ୍ତାରେ ବରିଷ୍ଠ ସେବାୟତ। ଏଭଳି ତ୍ରୁଟିକୁ ରୋକିବାକୁ ହେଲେ କଡ଼ା ଆଇନ୍ ସାଙ୍ଗକୁ କଠୋର ଦଣ୍ଡବିଧାନର ବ୍ୟବସ୍ଥା ଲାଗି ସେମାନେ ଦାବି କରିଛନ୍ତି।

## ଓଟିଇଟି ପ୍ରଶ୍ନପତ୍ର କେଳେଙ୍କାରୀ ...

ଯାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ପୂର୍ବତନ ବୋର୍ଡ ସଭାପତି ଧରଣୀଧର ନାଥଙ୍କ କହିବା କଥା, ଓଡ଼ିଶା ସେକେଣ୍ଡାରୀ ଏଜୁକେସନ୍ ଆଇନ-୧୯୫୩ ଅନୁଯାୟୀ ବୋର୍ଡର ସର୍ବେସର୍ବା ହେଉଛନ୍ତି ସଭାପତି। ପରୀକ୍ଷା ପରିଚାଳନା ଦାୟିତ୍ୱ ସମ୍ପାଦକ ଓ ପରୀକ୍ଷା ନିୟନ୍ତ୍ରକଙ୍କ ଉପରେ ରହିବା କଥା। ହେଲେ ଆଇନକୁ ଜଳାଞ୍ଜଳି ଦେଇ କାହିଁକି ଉପସଭାପତି ନିହାର ମହାନ୍ତିଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେଉଥିଲେ ସଭାପତି ଶ୍ରୀକାନ୍ତ ତରାଇ ? ପରିଣାମ ସ୍ୱରୂପ ଓଟିଇଟି ପ୍ରଶ୍ନପତ୍ର ତ ଲିକ୍ ହେଲା, ଅଥଚ କାହିଁକି ପୋଲିସକୁ ସଭାପତି ଶ୍ରୀକାନ୍ତ ତରାଇ ନିଜ ଆଡୁ ଜଣାଇଲେନି ?

## ବାଦଲ ଫଟା ବର୍ଷା ପରେ...

ଲାଗି ପଡ଼ିଛନ୍ତି। ପ୍ରଭାବିତ ଅଞ୍ଚଳଟି ମୁଖବା ଓ ଗଙ୍ଗୋତ୍ରୀ ଧାମର ଅତ୍ୟନ୍ତ ନିକଟବର୍ତ୍ତୀ। ପାହାଡ଼ର ଧ୍ୱଂସାବଶେଷ ସହ ପାଣି କେମିତି ଭୟଙ୍କର ଢଙ୍ଗରେ ତଳିଆ ଅଞ୍ଚଳକୁ ଆସୁଛି ଓ ଶତାଧିକ ଘର, ହୋଟେଲ, ହୋମ ଷ୍ଟେ ଓ ରେଷ୍ଟୁରାଣ୍ଟକୁ ଭସାଇ ନେଉଛି, ତା’ର ଭିଡିଓ ସାମ୍ନାକୁ ଆସିଛି। ଉକ୍ତ ଅଞ୍ଚଳରେ ଥିବା ଏକାଧିକ ହୋଟେଲ ଠାରୁ ଆରମ୍ଭ କରି ସବୁ କିଛି ଧ୍ୱଂସ ହୋଇଯାଇଛି। ପୂର୍ବରୁ ମୁଁ ଏମିତି ଭୟଙ୍କର ବିପର୍ଯ୍ୟୟ କେବେ ଦେଖି ନଥିଲି ବୋଲି ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ହର୍ସିଲର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ନିକଟରେ ଧରାଲି ରହିଛି। ଘଟଣା ବେଳେ ଏଠାରେ ଶତାଧିକ ପର୍ଯ୍ୟଟକ ରହିଥିଲେ। ଅଚାନକ ବନ୍ୟା ଯୋଗୁ ସେମାନେ ମଧ ପ୍ରଭାବିତ ହୋଇଛନ୍ତି। ହୋଟେଲ ଓ ଘରଦ୍ୱାର ଭୁଶୁଡ଼ି ପଡ଼ିବାରୁ ଏହା ତଳେ ଲୋକମାନେ ଫସି ରହିଥିବା ଆଶଙ୍କା କରାଯାଉଛି। ସେହିପରି କିଛି ଲୋକ ମଧ ବନ୍ୟାର ସ୍ରୋତରେ ଭାସି ଯାଇଛନ୍ତି। ପ୍ରକୃତିର ତାଣ୍ଡବରୁ ହୋଟେଲ ଠାରୁ ଆରମ୍ଭ କରି ହୋମ ଷ୍ଟେ ଭଳି ବଡ଼ବଡ଼ କୋଠା ମଧ ବର୍ତ୍ତି ନାହାନ୍ତି। ୨୦ରୁ ୨୫ଟି ହୋଟେଲ ଏବଂ ହୋମ ଷ୍ଟେ ପାଣିର ସ୍ରୋତରେ ଭାସି ଯାଇଛି। କ୍ଷୀର ଗଙ୍ଗା ନଦୀର ଜଳସ୍ତର ବୃଦ୍ଧି ପାଇବାରୁ ଧରାଲି ମାର୍କେଟ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ହର୍ସିଲ ଅଞ୍ଚଳରେ ସୀମା ଲଙ୍ଘିଥିବା କ୍ଷୀର ଗଙ୍ଗା ବିପର୍ଯ୍ୟୟକୁ ଆହୁରି ସାଂଘାତିକ କରିଛି। ଏଥିଯୋଗୁ ଉତ୍ତରକାଶୀ ପୁଲିସ୍, ଏସଡିଆରଏଫ, ଆର୍ମି ଓ ଏନଡିଆରଏଫ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି।

## ଗୋଟିଏ ଦିନରେ...

ଏବେ ସୋଭନା ମହାନ୍ତିଙ୍କୁ ମହିଳା କମିସନ ଅଧକ୍ଷା ଓ କମିସନର ୪ ଜଣ ନୂଆ ସଦସ୍ୟଙ୍କୁ ମୋହନ ସରକାର ଗୁରୁ ଦାୟିତ୍ୱ ଦେଇଛନ୍ତି । ନିଯୁକ୍ତି ଘୋଷଣା ପରେ ସୋଭନା ମହାନ୍ତି କହିଛନ୍ତି, ମହିଳାଙ୍କୁ ନ୍ୟାୟ ଦେବାକୁ କାମ କରିବେ । ନ୍ୟାୟ ଦେବାରେ ପ୍ରୀୟାପ୍ରୀତି ତୋଷଣ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ସେହିପରି ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷ ହେଲେ ବବିତା ପାତ୍ର । ରାଜ୍ୟ ମହିଳା କମିସନ ଭଳି ଶିଶୁ ସୁରକ୍ଷା ଆୟୋଗ ପଦବୀ ମଧ ଖାଲି ପଡ଼ିଥିଲା । ପୂର୍ବତନ ଆୟୋଗ ମନ୍ଦାକିନୀ କରଙ୍କୁ ବରଖାସ୍ତର ୫ ମାସ ପରେ ଅଧକ୍ଷାଙ୍କ ସମେତ ୬ ଜଣ ସଦସ୍ୟାଙ୍କୁ ନିଯୁକ୍ତି ମିଳିଛି । ନିଯୁକ୍ତି ଘୋଷଣା ପରେ ପ୍ରତିକ୍ରିୟା ଦେଇ ବବିତା ପାତ୍ର କହିଛନ୍ତି ରାଜ୍ୟରେ ଶିଶୁ ନିର୍ଯାତନା କମାଇବାକୁ ରୋଡ୍ ମ୍ୟାପ୍ ପ୍ରସ୍ତୁତି କରିବେ । ନାବାଳିକା ଦୁଷ୍କର୍ମ ଓ ଶିଶୁ ନିର୍ଯାତନା ରୋକିବାରେ କଠୋର ବ୍ୟବସ୍ଥା କରାଯିବ । ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ୨୦୨୪-୨୫ରେ ୨୮୬୯ରୁ ଅଧିକ ମହିଳା ନିର୍ଯାତନା ମାମଲା ବିଚାରାଧୀନ ରହିଛି । ସେହିପରି ଶିଶୁ ନିର୍ଯାତନା ମଧ ବଢୁଛି । ଏବେ ମହିଳା କମିସନ ଅଧକ୍ଷା ଓ ଶିଶୁ ସୁରକ୍ଷା ଅଧିକାର ଆୟୋଗ ନିଯୁକ୍ତି ପରେ ମାମଲାର ଶୁଣାଣି ହେବ ଓ ନ୍ୟାୟ ମିଳିବ ବୋଲି ଆଶା କରାଯାଉଛି ।

## ଲାଞ୍ଚ ନେଉଥିବା ...

ପରେ ପୁଲିସ ବାବୁ ଜଣକ ଜଣେ ବ୍ୟକ୍ତିଙ୍କ ପାଖରୁ ଟଙ୍କା ନେଇ କିପରି ନିଜ ପକେଟ ଗରମ କରୁଛନ୍ତି ତାହା ତାର ଦୃଶ୍ୟ ଦେଖି ଏବେ ସମସ୍ତେ ଅବାକ୍ ହୋଇପଡ଼ିଛନ୍ତି । ତେବେ ଭାଇରାଲ ଭିଡିଓ ସମ୍ବନ୍ଧରେ ରରୁଆଁ ଥାନା ଅଧିକାରୀ ଅନାଦି ପଟ୍ଟାୟତଙ୍କ ସହିତ ଯୋଗାଯୋଗ କରିବାରୁ ସେ ଘଟଣା ଆଜି ଜାଣିଲେ ବୋଲି କହିଛନ୍ତି । ତାଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ । ତେବେ ଏନେଇ ସେ ଏସପିଙ୍କୁ ଜଣାଇବେ ବୋଲି ନିଜ ମତ ରଖିଛନ୍ତି। ଏନେଇ ଲାଞ୍ଚ ନେଉଥିବା ଏଏସ୍ଆଇ ମୀନକେତନ ପ୍ରଧାନଙ୍କ ସହିତ ଯୋଗାଯୋଗ କରିଥିଲେ ମଧ ସେ ଫୋନ୍ ରିସିଭ କରି ନଥିଲେ । ତେବେ ସରକାର ବଦଳିବା ପରେ ଲୋକଙ୍କ ସରକାରରେ ଏଭଳି ଲାଞ୍ଚୁଆ ପୁଲିସ ବାବୁଙ୍କ ଉପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ବଳଙ୍ଗା ନାବାଳିକା...

ଗତ ୨ ତାରିଖ ଶନିବାର ସନ୍ଧ୍ୟାରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ପରେ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ପିସିସି ପକ୍ଷରୁ ଶ୍ରୀ ଦାସ ସରକାରଙ୍କୁ ସାତ ଦିନର ମହଲତ ଦେଇଥିଲେ। ଆସନ୍ତା ୧୦ ଅଗଷ୍ଟ (ରବିବାର) ପୂର୍ବାହ୍ନ ଆଠଟା ତିରିଶରେ ଦିବଂଗତ ବଳଙ୍ଗା ନାବାଳିକାଙ୍କ ପାଇଁ ’ନାରୀ ନ୍ୟାୟ ପଦଯାତ୍ରା’ ବାୟାବରରୁ ବାହାରି ନିମାପଡ଼ାରେ ପହଞ୍ଚିବ। ଏଥିରେ ଯୋଗଦେଇ ବଳଙ୍ଗା ପୀଡ଼ିତାଙ୍କ ପାଇଁ ନ୍ୟାୟ ନିମନ୍ତେ ଲଢେଇରେ ସାମିଲ ହେବାକୁ ଶ୍ରୀ ଦାସ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି।

## କ୍ଷମତାରୁ ହଟିବେ ୟୁନୁସ: ...

ଦୀର୍ଘ ସମୟ ଧରି ଦେଶର ବିଭିନ୍ନ ସଂଗଠନ ଏବଂ ରାଜନୈତିକ ଦଳଗୁଡ଼ିକ ମଧବର୍ତ୍ତୀକାଳୀନ ସରକାର ଉପରେ ଶୀଘ୍ର ନିର୍ବାଚନ କରିବା ପାଇଁ ଚାପ ପକାଇ ଆସୁଥିଲେ। ଯେତେବେଳେ ୟୁନୁସ୍ ଦେଶର ଦାୟିତ୍ୱ ଗ୍ରହଣ କଲେ, ସେତେବେଳେ ୬ମାସ ମଧରେ ନିର୍ବାଚନ କରିବା ବିଷୟରେ ଆଲୋଚନା କରିଥିଲେ। ଏହା ସହିତ, ତାଙ୍କ ଭାଷଣରେ,ୟୁନୁସ୍ ଜୁଲାଇ ବିଦ୍ରୋହକୁ ଦେଶ ପାଇଁ ଐତିହାସିକ ବୋଲି ବର୍ଣ୍ଣନା କରିଛନ୍ତି। ୟୁନୁସ କହିଛନ୍ତି, ଆମେ ଏକ ନିର୍ବାଚିତ ସରକାରଙ୍କୁ ଦାୟିତ୍ୱ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିବୁ।

# ରାଜ୍ୟସଭାରେ ଲଗାତାର ଅଚଳାବସ୍ଥାକୁ ଚିନ୍ତାଜନକ ବୋଲି କହିଲେ ଉପାଧ୍ୟକ୍ଷ

ନୂଆଦିଲ୍ଲୀ,୫/୮ : ସଂସଦର ମୌସୁମୀ ଅଧିବେଶନର ୧୨ତମ ଦିନରେ ମଙ୍ଗଳବାର ଦିନ ରାଜ୍ୟସଭାର କାର୍ଯ୍ୟ ବାଧାପ୍ରାପ୍ତ ରହିଥିଲା। ଉପସଭାପତି ହରିବଂଶ ବିଭ୍ରାଟ ସମ୍ପର୍କରେ ବିରୋଧୀଙ୍କ ମନୋଭାବକୁ ନିନ୍ଦା କରିଥିଲେ। ଏହା ଉପରେ ବିରୋଧୀ ଦଳ ନେତା ଏବଂ ଗୃହ ନେତାଙ୍କ ମଧ୍ୟରେ ବିତର୍କ ହୋଇଥିଲା। ଏହା ପରେ ପ୍ରବଳ ହଟ୍ଟଗୋଳ ହୋଇଥିଲା ଯାହା ଫଳରେ ଗୃହର କାର୍ଯ୍ୟ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ଉପସଭାପତି ଗୃହରେ ଲଗାତାର ଅଚଳାବସ୍ଥାକୁ ଚିନ୍ତାଜନକ ବୋଲି କହିବା ସହ କହିଥିଲେ ଯେ ଜୁଲାଇ ୨୮ ରେ ଯେତେବେଳେ ୱାଇଏସଆର କଂଗ୍ରେସର ଜଣେ ସଦସ୍ୟ କହୁଥିଲେ, କିଛି ସଦସ୍ୟ ନିଜ ଆସନରୁ ଉଠି ମାଇକ୍ ପାଖକୁ ଯାଇ ବିଭ୍ରାଟ ସୃଷ୍ଟି କରିଥିଲେ। ଏହା କ'ଣ ସଦସ୍ୟଙ୍କ ବିଶେଷାଧିକାର ଉଲ୍ଲଂଘନ ନଥିଲା ? ଜୁଲାଇ ୩୧ ତାରିଖରେ ଯେତେବେଳେ ଜଣେ ମନ୍ତ୍ରୀ ନିଜେ ବିବୃତି ଦେଉଥିଲେ, ତାଙ୍କ ବିବୃତି ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଯେତେବେଳେ ଅନ୍ୟ ଅନେକ ସଦସ୍ୟ କହୁଥିଲେ, ମାଇକ୍ ପାଖକୁ ଯାଇ ସ୍ଲୋଗାନ ଦିଆଯାଇଥିଲା। ବେଲ୍ ନିକଟକୁ ଯାଇ ସ୍ଲୋଗାନ ଦେବା ଅନୁଚିତ୍। ଏହା ଗୃହର ମର୍ଯ୍ୟାଦାକୁ ହ୍ରାସ କରିବାକୁ ଯାଉଛି। ଏହି ଗୃହରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୁଡ଼ିକର କପି ଛଡ଼ାଇ ନିଆଯାଇ ଚିରି ଦିଆଯାଇଥିଲା, ସେଗୁଡ଼ିକୁ ଫିଙ୍ଗି ଦିଆଯାଇଥିଲା। ଏହି ଗୃହରେ ସୁରକ୍ଷା କର୍ମୀଙ୍କ ଉପସ୍ଥିତି କୌଣସି ନୂଆ କଥା ନୁହେଁ। ଏହି ସୁରକ୍ଷା କର୍ମୀମାନେ ଗୃହର ମର୍ଯ୍ୟାଦାକୁ ଧ୍ୟାନରେ ରଖି କାମ କରନ୍ତି।

# ବୃକ୍ଷରୋପଣ କାର୍ଯ୍ୟକ୍ରମ




ବାଲିଆପାଳ , ୦୫/୮ (ନି.ପ୍ର): ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନ.ଏସ.ଏସ. କୋ-ୟୁନିଟ ଓ ଦେଭୋଗ ଗ୍ରାମପଞ୍ଚାୟତ ମିଳିତ ଉଦ୍ୟମରେ ଏକ ଗ୍ରୀନ ଇନିସିଏଟିଭ୍ ଭାବରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ କଲେଜ ମୁଖ୍ୟ ରାସ୍ତା ସମୀପରେ ଥିବା ଅମୃତଶର ପୋଖରୀ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଗୌରାଙ୍ଗ ରାଉତ ଏହାକୁ ଉଦଘାଟନ କରିଥିଲେ। ଏଥିରେ ଦେଭୋଗ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ମୃତୁଞ୍ଜୟ ନାୟକ, ସଦସ୍ୟଙ୍କ ପ୍ରତିନିଧି ଧନଞ୍ଜୟ ଗିରି, ୱାର୍ଡ ମେମ୍ବର ତିଳୋତ୍ତମା ଦଳାଇ ଓ ଅନ୍ୟ ଗ୍ରାମପ୍ରତିନିଧିମାନେ ଯୋଗ ଦେଇ ଥିଲେ। ଏନ.ଏସ.ଏସ. ପ୍ରୋଗ୍ରାମ ଅଫିସର ପ୍ରେମାନନ୍ଦ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ସାହୁ,ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ,ବରିଷ୍ଠ ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ (ରାଜନୀତି ବିଜ୍ଞାନ),ମନୋଜ କୁମାର ମହାପାତ୍ର (ପଦାର୍ଥ ବିଜ୍ଞାନ),ଡି.ଇ.ଓ. ତଥା କନିଷ୍ଠ କିରାଣୀ ବିଜୟ କୁମାର ନାୟକ,ଅବସରପ୍ରାପ୍ତ ଅଧକ୍ଷ ଶ୍ରୀନିବାସ ପାଠୀ,ଅବସରପ୍ରାପ୍ତ ଇଂଜିନିୟର ଗଦାଧର ଗିରିମହେଶ ଚନ୍ଦ୍ର ପଣ୍ଡା, ପବନ କୁମାର ନାୟକ, ଗୋପାଳ ଚନ୍ଦ୍ର ଗିରି, ଲମ୍ବୋଦର ଗିରି, ସୁମି ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ କ୍ଷକଲେଜର ଏନ.ଏସ.ଏସ. ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ କ୍ଷକାର୍ଯ୍ୟକ୍ରମରେ ସମସ୍ତ ସହଯୋଗୀ, ଅତିଥିମାନଙ୍କୁ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇ, ଏହି ଗ୍ରୀନ ଉଦ୍ୟମକୁ ଆଗକୁ ବଢ଼ାଇବା ଅଧକ୍ଷ ଶ୍ରୀ ଗୌରାଙ୍ଗ ରାଉତ ଆହ୍ୱାନ ଜଣାଇଥିଲେ।

# ଜନଶୁଣାଣୀ ଶିବିର ଅନୁଷ୍ଠିତ



ଭଦ୍ରକ , ୦୫/୮ (ନି.ପ୍ର): ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭା ଗୃହ ଠାରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ (ରାଜସ୍ୱ) ସହିତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ ,ମୁଖ୍ୟ ଚିକିତ୍ସା ଅଧିକାରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର କୁମାର ସାମଲ, ଉପ ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ଶ୍ରୀ କାର୍ତ୍ତିକ ନାଥ ମଣ୍ଡଳ,ଶ୍ରୀ ଜ୍ଞାନ ରଂଜନ ସାହୁ , ଗୋଷ୍ଠି ଉନ୍ନୟନ ଅଧିକାରୀ ରଶ୍ମି ରଂଜନ ମଲ୍ଲିକ, ସଂଗ୍ରାମ ଖୁଣ୍ଟିଆ ତହସିଲଦାର, ଭଦ୍ରକ ଓ ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୧୬୭ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୪୦ ଟି ବ୍ୟକ୍ତିଗତ ଥିଲାବେଳେ , ୨୭ଟି ସାମୁହିକ ଥିଲା। ୪୫ ଟି ସମାଧାନ ସଙ୍ଗେ ସଙ୍ଗେ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୧ ଜଣଙ୍କୁ ୫୦୦୦ ଟଙ୍କା ଓ ରେଡକ୍ରସ ରୁ ୪ ଜଣଙ୍କୁ ୧୪୦୦୦ ଟଙ୍କା ମୋଟ ୧୯୦୦୦ଟଙ୍କା ପ୍ରଦାନ କରାଯାଇଥିଲା।

# ପୁରାତନ ଛାତ୍ରଛାତ୍ରୀଙ୍କ ତରଫରୁ ବୃଦ୍ଧାଶ୍ରମରେ ସହାୟତା ପ୍ରଦାନ

ବାଲିଆପାଳ , ୦୫/୮ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ହାସିମପୁର ଉଦୟନାରାୟଣ ଉଚ୍ଚ-ଉଚ୍ଚବିଦ୍ୟାଳୟର ୨୦୦୨ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନେ ବନ୍ଧୁମିଳନ ଅବସରରେ ବଣଭୋଜି ନ କରି ସେହି ଖର୍ଚ୍ଚକୁ ଅସହାୟ ବ୍ୟକ୍ତି ବିଶେଷଙ୍କୁ ସହାୟତା କରିବାର ସିଦ୍ଧାନ୍ତ ନେଇଛନ୍ତି । ରବିବାର ପୂର୍ବାହ୍ନରେ ଛାତ୍ରଛାତ୍ରୀମାନେ ବାଲିକୁଟି ପଞ୍ଚାୟତ ଛଡା ଗ୍ରାମରେ ଥିବା ଶ୍ରଦ୍ଧା ବୃଦ୍ଧାଶ୍ରମକୁ ଯାଇ ସେଠାରେ ଥିବା ଅନ୍ତେବାସୀଙ୍କୁ ଗୋଟିଏ ମାସର ରାସନ ସାମଗ୍ରୀ, ଆର୍ଥିକ ରାଶି, ପାଲ, ବସ୍ତ୍ର ପ୍ରଦାନ କରିବା ସହିତ ଭୋଜନର ବ୍ୟବସ୍ଥା କରିଥିଲେ । ଏହି ବ୍ୟାଚର ଚନ୍ଦ୍ରମୋହନ ସାହୁ, ପବିତ୍ର ମୋହନ ପାତ୍ର, ଆଲୋକ କୁମାର ଦାସ, ଆଶିଷ ଚକ୍ରବର୍ତ୍ତୀ, ସୁଶାନ୍ତ ସାହୁ, ଦିଲ୍ଲୀପ ସାମଲ, ସଞ୍ଜୀବ ଦତ୍ତ, ରାମକୃଷ୍ଣ କାମିଲା, ନଳୀନି ଦତ୍ତ, ରାଜସ୍ମିତା ନାୟକ, ସୀତାଂଶୁ ନାଥ ଓ ଜନ୍ମଜୟ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପୁରାତନ ଛାତ୍ରଛାତ୍ରୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଅଗଷ୍ଟ ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ

ଭୁବନେଶ୍ୱର, ୦୫/୮ (ନି.ପ୍ର): ଆସନ୍ତା ସୋମବାର ଅଗଷ୍ଟ ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସେଦିନ ପୂର୍ବାହ୍ନ ୧୧ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଆସନ୍ତା କାଲି ଅର୍ଥାତ୍ ଅଗଷ୍ଟ ୬ ତାରିଖ ପୂର୍ବାହ୍ନ ୧୧ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (ଏଚଟିଟିପିଏସ୍:// ଜନଶୁଣାଣି.ଓଡ଼ିଶା.ଜିଓଭି.ଇନ୍/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

# ପଞ୍ଚଲିଙ୍ଗେଶ୍ୱର ପୀଠରେ ପାର୍କିଂଷ୍ଟାଣ୍ଡ କର୍ତ୍ତୃପକ୍ଷଙ୍କ ଆତଙ୍କରାଜ




ନୀଳଗିରି, ୦୫/୮ (ନି.ପ୍ର): ଶ୍ରାବଣମାସର ଚତୁର୍ଥ ସୋମବାର ପାଇଁ ଉତ୍ତର ଓଡିଶାର ପ୍ରସିଦ୍ଧ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଶୈବପୀଠରେ ହଜାର ହଜାର କାଉଡିଆ ଭକ୍ତମାନଙ୍କର ସମାଗମ ହୋଇଥିଲା।ଉକ୍ତ କାଉଡିଆ ଭକ୍ତମାନଙ୍କୁ ସେବା ଯୋଗାଇବା ପାଇଁ ବିଭିନ୍ନ ସେବାସଙ୍ଗଠନ ପକ୍ଷରୁ ଖାଦ୍ୟ,ପାନୀୟ ଓ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଥିଲା।ରେମୁଣା ଅଞ୍ଚଳର 'ମହାବୀର ଜିମ୍ ସେବାସଙ୍ଗଠନ' ପକ୍ଷରୁ ଭକ୍ତମାନଙ୍କୁ ଖାଦ୍ୟପ୍ରଦାନ କରାଯାଉଥିଲା। ସେମାନେ ଖାଦ୍ୟପ୍ରଦାନ ସାରିବାପରେ ନିଜର ଗାଡିକୁ ଜଣେ ବନ୍ଧୁଙ୍କ ଦୋକାନ ସାମ୍ନାରେ ରଖିଥିଲେ।ହେଲେ ପାର୍କିଂ ଷ୍ଟାଣ୍ଡର ସଦସ୍ୟ କାହିଁକି ଏଠାରେ ଗାଡିରଖିଲ ତମ ଟିକଟ କାହିଁ, କହିବା ସହ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ମହାବୀର ଜିମ୍ ସେବାସଙ୍ଗଠନର ସଦସ୍ୟଙ୍କୁ ମାଡ ମାରିବା ସହ ଛେପପକାଇ ନାକଘସିବା ପାଇଁ ବାଧ କରିଥିଲେ। ଉକ୍ତ ସଙ୍ଗଠନ ପକ୍ଷରୁ ନୀଳଗିରି ଥାନାର ଦ୍ୱାରସ୍ଥ ହେବା ସହ ଅଭିଯୋଗ ହୋଇଛି।ପାର୍କିଂ ଷ୍ଟାଣ୍ଡରେ ଏଭଳି ଅମାନବୀୟ କାଣ୍ଡ ବାରମ୍ବାର ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସ୍ଥାନୀୟ ଲୋକ ଦୃଢକାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଛନ୍ତି। ଅପରପକ୍ଷରେ ପୋଲିସ ପକ୍ଷରୁ ତଦନ୍ତ ଜାରିରହିଛି।

# ବାରୁଣେଶ୍ୱର ଦୁର୍ଗାପୂଜା - ୨୦୨୫ର ପ୍ରସ୍ତୁତି ବୈଠକ




ବାରିପଦା, ୦୫/୮ (ନି.ପ୍ର): ବାରୁଣେଶ୍ୱର ଦୁର୍ଗା ମଣ୍ଡପ ସଭା ଗୃହରେ ଦୁର୍ଗାପୂଜା କମିଟିର ସଭାପତି ଡ.କୁଞ୍ଜବନପୃଷ୍ଟିଙ୍କ ପୌରହିତ୍ୟ ରେ ଏବଂ କମିଟିର ସାଧାରଣ ସମ୍ପାଦକ ଶ୍ରୀ ବିକ୍ରମ କେଶରୀ ଜେନାଙ୍କ ସୁପରିଚାଳନାରେ ଏକ ସାଧାରଣ ସଭାଅନୁଷ୍ଠିତ ହୋଇଥିଲା। ଦୁର୍ଗା ପୂଜା କମିଟି ସାଧାରଣ ପରିଷଦର ଶତାଧିକ ସଦସ୍ୟ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଚ଼ଳିତ ବର୍ଷ ଦୁର୍ଗାପୂଜା ଆୟୋଜନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । କୋଷାଧ୍ୟକ୍ଷ ଶ୍ରୀ ଅଶ୍ୱନୀ କୁମାର ପାତ୍ର ଗତବର୍ଷ ପୂଜାର ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଅଷ୍ଟମୀ ଓ ନବମୀ ଦୁଇଦିନ ଭଜନ ସନ୍ଧ୍ୟା ଆୟୋଜନର ନିଷ୍ପତ୍ତି ନିଆଯାଇଥିଲା । ପୂଜାକୁ ଶୃଙ୍ଖଳୀତ ଭାବରେ ପାଳନ କରିବା ପାଇଁ ପୂଜା ଅନୁଷ୍ଠାନର ବିଭିନ୍ନ କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ଦାୟିତ୍ୱ ବଣ୍ଟନ କରା ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କମିଟିର କାର୍ଯ୍ୟକାରୀ ସଭାପତି ରଘୁନାଥ ପଣ୍ଡା, ଉପ ସଭାପତି ନନୀଗୋପାଲ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ, ବିଜୟ କୁମାର ଲେଙ୍କା , ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନା ତଥା ଅର୍ଥ ପରାମର୍ଶ ଦାତା ରବୀନ୍ଦ୍ର ନାୟକ ପ୍ରମୁଖ କର୍ମକର୍ତ୍ତା ମାନେ ପୂଜାନୁଷ୍ଠାନ ସମ୍ପର୍କରେ ନିଜ ନିଜର ସୁଚିନ୍ତିତ ମତାମତ ଓ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ପରିଶେଷରେ ସମସ୍ତଙ୍କର ସାହାଯ୍ୟ ସହଯୋଗ ଓ ଅକୁଣ୍ଠ ସମର୍ଥନ ଯୋଗୁ ସଭାକାର୍ଯ୍ୟ ସଫଳ ହୋଇଥିବାରୁ ବରିଷ୍ଠ ନାଗରିକ କମିଟି ବାରିପଦା, ମୟୂରଭଞ୍ଜର ସଭାପତି ଡ଼.ଯୋଗେନ୍ଦ୍ର ନାଥ ପଣ୍ଡା ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୩ ସ୍ୱତନ୍ତ୍ର ଟ୍ରେନର ସମୟସୀମା ବୃଦ୍ଧି

ଭୁବନେଶ୍ୱର, ୦୫/୮ (ନି.ପ୍ର): ଯାତ୍ରୀମାନଙ୍କୁ ନିରନ୍ତର ଯାତ୍ରା ସୁବିଧା ଯୋଗାଇବା ଏବଂ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ, ପୂର୍ବ ତଟ ରେଳପଥ ୩ ଯୋଡା ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟସୀମା ବୃଦ୍ଧି କରିବାକୁ ନିଷ୍ପତି ନେଇଛି। ବିଶାଖାପାଟଣା-ତିରୁପତି-ବିଶାଖାପାଟଣା (୦୮୫୪୭/୦୮୫୪୮) ସ୍ୱତନ୍ତ୍ର ଟ୍ରେନ ବିଶାଖାପାଟଣା ରୁ ୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ଏବଂ ତିରୁପତିରୁ ୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି । ସେହିପରି ବିଶାଖାପାଟଣା - ଚରଲାପାଲି-ବିଶାଖାପାଟଣା (୦୮୫୭୯/୦୮୫୮୦) ସ୍ୱତନ୍ତ୍ର ଟ୍ରେନ ୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ବିଶାଖାପାଟଣାରୁ ଏବଂ ଚରଲାପାଲିରୁ ଏହା ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି। ଉଧନା-ଖୋର୍ଦ୍ଧା ରୋଡ୍-ଉଧନା (୦୯୦୫୯/୦୯୦୬୦) ସ୍ୱତନ୍ତ୍ର ଟ୍ରେନ ୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ଉଧନାରୁ ଏବଂ ଖୋର୍ଦ୍ଧା ରୋଡ୍ ରୁ ୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି। ଅନ୍ୟପକ୍ଷରେ ୱାଲଟିୟର ରେଳମଣ୍ଡଳ ଅନ୍ତର୍ଗତ କୋଟ୍ଟାଭାଲସା- ପେନ୍ଦୁର୍ତି ସେକ୍ସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ୦୬ ଅଗଷ୍ଟରୁ ୦୯ ଅଗଷ୍ଟ ପର୍ଯ୍ୟନ୍ତ ୨ ଟି ଟ୍ରେନ ବାତିଲ୍ କରାଯିବ। ବିଶାଖାପାଟଣାରୁ ଛାଡିବାକୁ ଥିବା ଟ୍ରେନ ନମ୍ବର ୧୮୫୨୬ ବିଶାଖାପାଟଣା-ବ୍ରହ୍ମପୁର ଏକ୍ସପ୍ରେସ ୦୬ ଅଗଷ୍ଟରୁ ୦୮ ଅଗଷ୍ଟ ପର୍ଯ୍ୟନ୍ତ ବାତିଲ କରାଯିବ।

# ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘର ୟୁ.ଏ.ଏସ୍. ପ୍ରଚଳନକୁ ବିରୋଧ



ଉଦଳା , ୦୫/୮ (ନି.ପ୍ର): ସରକାରଙ୍କ ତରଫରୁ ନୂଆକରି ପ୍ରଚଳନ କରାଯାଇଥିବା ୟୁ.ଏ.ଏସ୍.କୁ ଉଦଳାସ୍ଥିତ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ବିରୋଧ କରିଛି । ବିଦ୍ୟାଳୟ ଗୁଡ଼ିକରେ ଆବଶ୍ୟକ ଭିତିଭୂମି ନଥିବା ବେଳେ ଅଧିକାଂଶ ସ୍ଥାନରେ ନେଟୱାର୍କ ନାହିଁ, ଏତିକିବେଳେ ୟୁ.ଏ.ଏସ୍. ଲାଗୁ କରିବା ସରକାରଙ୍କ ପକ୍ଷେ ଆଦୌ ଉଚିତ ହୋଇନାହିଁ ବୋଲି ସଂଘ ତରଫରୁ କୁହାଯାଇଛି । ଏ ବାବଦରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀଙ୍କୁ ପୃଥକ ପୃଥକ ଭାବେ ଦୁଇଟି ଦାବି ପତ୍ର ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ରଙ୍କ ଜରିଆରେ ପଠାଯାଇଥିବାର ଖବର ଆମର ହସ୍ତଗତ ହୋଇଛି । ତେବେ ଉକ୍ତ ଦାବି ପତ୍ର ପ୍ରଦାନର ନେତୃତ୍ୱ ସଂଘର ସଭାପତି ବିରେନ୍ଦ୍ର ନାଥ ମଢ଼େଇ ନେଇଥିବା ବେଳେ ମୀନାକ୍ଷି ମିଶ୍ର, ଆଦ୍ୟାଶା ଦାସ, ବୈଶାଖି ସାହୁ, ରଜତ କୁମାର ମହାପାତ୍ର, ନବୀନ କୁମାର ବେହେରା, ସୁଧାଂଶୁ ବେହେରା, ରବିନ୍ଦ୍ର ସୋରେନ, ଭାଦୁ ଚନ୍ଦ୍ର ହେମ୍ବ୍ରମ, ପ୍ରଶାନ୍ତ ଜେନା, ରମେଶ ଚନ୍ଦ୍ର ସାହୁ, ଶାନ୍ତନୁ କୁମାର ନାୟକ, ଅଜୟ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ତେବେ ସରକାର ଯଦି ଓ.ପି.ଏସ୍. ଲାଗୁ କରନ୍ତି ତେବେ ସଂଘ ତରଫରୁ ଏହାକୁ ସ୍ୱାଗତ କରାଯିବ ବୋଲି ସଭାପତି ଶ୍ରୀଯୁକ୍ତ ମଢ଼େଇ ଜଣାଇଛନ୍ତି ।

# ୫ ବସ୍ତିର ୧୭୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଘର

ଭୁବନେଶ୍ୱର, ୦୫/୮ (ନି.ପ୍ର): ଭୁବନେଶ୍ୱରର ୫ ଟି ବସ୍ତିର ୧୭୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ମିଳିବ। ଭେଙ୍କଟଶ୍ୱର୍ ବସ୍ତି, ମହାବୀର ବସ୍ତି,ତାରିଣୀ ବସ୍ତିରୁ ମୋଟ ୨୮ ଜଣ , ଟିଟିଏସ୍ ବସ୍ତିରୁ ୨୯ ଜଣ,ପାନବରଜ ଲକ୍ଷ୍ମୀ ସାଗର ବସ୍ତିରୁ ୩୦ ଜଣ ,ପାନବରଜ ଲକ୍ଷ୍ମୀ ସାଗର ବସ୍ତି ଅର୍ଥାତ୍ ୪୪ ନମ୍ବର ୱାର୍ଡ ରୁ ୩୧ ଜଣ ,ନିକୋପାର୍କ ବସ୍ତିରୁ ୩୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ପ୍ରମାଣପତ୍ର ବଂଟନ କରାଯିବ। ଏହି କାର୍ଯ୍ୟକ୍ରମରେ ବିଏମସି କମିଶନର ଚଂଚଳ ରଣା ଓ ମେୟର ସୁଲୋଚନା ଦାସ ଉପସ୍ଥିତ ଅଛନ୍ତି।

# ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ସଚେତନତା ଶିବିର




ବାରିପଦା , ୦୫/୮ (ନି.ପ୍ର): ଜିଲ୍ଲାରେ ଫାଇଲେରିଆ ରୋଗର ନିରାକରଣ ପାଇଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ଏକ ସଚେତନତା ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ ଅଧିକାରୀ ଡ଼କ୍ଟର କିଶୋର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଅନୁଷ୍ଠିତ ହଇଯାଇଛି । ପ୍ରାରମ୍ଭରେ ଡ଼ ଆଚାର୍ଯ୍ୟ ଉପସ୍ଥିତ ଥିବା ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାରେ ଚଳିତ ବର୍ଷ ଆଗାମୀ ଅଗଷ୍ଟ ମାସ ୧୦ ତାରିଖରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଭାବେ ବର୍ଣ୍ଣନା କରିବା ସହିତ ସମସ୍ତ ଜନସାଧାରଣଙ୍କୁ ଏହି ଔଷଧ ଖାଦ୍ୟ ଖାଇସାରି ଖାଇବା ପାଇଁ ଅନୁରୋଧ କରିଥିଲେ ଓ ଏହି ସାମୁହିକ ଔଷଧରେ ଡି.ଇ .ସି , ଆଲବେଣ୍ଡଓଜଲ ଏବଂ ଆଇଭରମେକ୍ଟିନ ବଟିକା ସମ୍ପୂର୍ଣ୍ଣ ନିରାପଦ ଓ ସୁରକ୍ଷିତ। ଏହି ଔଷଧ ଶରୀରରେ ଲୁଚିରହିଥିବା ଫାଇଲେରିଆ ପରଜୀବୀ କୀଟାଣୁକୁ ମାରି ବାତଜ୍ୱର, ଗୋଡ ଫୁଲିବା, ହାତ ଫୁଲିବା ଅଣ୍ଡକୋଷ ଫୁଲିବା ଓ ଗୋଦର ଗୋଡ ହେବାକୁ ଦେଇ ନଥାଏ ଓ ତାପରେ ଜିଲ୍ଲା ଭେକ୍ଟରର ବାହିତ ରୋଗ ଅଧିକାରୀ ଡ଼କ୍ଟର ବିଜୟ କୁମାର ଦାଶ କହିଥିଲେ ଯେ ଆମର ଆଶାକର୍ମୀ,ଅଙ୍ଗନବାଡି କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ଘରକୁ ଘର ବୁଲି ଏହି ଔଷଧ ଖୁଆଇବେ ଓ ସେ କହିଥିଲେ ୨ ରୁ ୫ ବର୍ଷ ର ପିଲା ଡି .ଇ.ସି. ୧ଟା ୧୦୦ ମିଲିଗ୍ରାମ ଓ ଗୋଟିଏ ଆଲବେଣ୍ଡଓଜଲ ବଟିକା ୪୦୦ ମିଲିଗ୍ରାମ ଖାଇବେ ଓ ୬ ରୁ ୧୪ ବର୍ଷ ଡି .ଇ.ସି. ୨ ଟା ୧୦୦ ମିଲିଗ୍ରାମ ର ଓ ଆଲବେଣ୍ଡଓଜଲ ବଟିକା ୪୦୦ ମିଲିଗ୍ରାମ ଗୋଟିଏ ଖାଇବେ ଓ ୧୫ ବର୍ଷ ବା ତା ଠାରୁ ଅଧିକ ଡି .ଇ.ସି. ୧୦୦ ମିଲିଗ୍ରାମର ୩ଟି ଓ ଆଲବେଣ୍ଡଓଜଲ ବଟିକା ୪୦୦ ମିଲିଗ୍ରାମର ଗୋଟିଏ ଖାଦ୍ୟ ଖାଇସାରିବା ପରେ ଖାଇବେ ଏବଂ ଆଲବେଣ୍ଡଓଜଲ ବଟିକା ୬ବର୍ଷ ରୁ ଅଧିକ ବୟସର ପିଲା ଉଚତା ଅନୁସାରେ ଖାଇବେ ଓ ଏହା ବ୍ୟତୀତ ଗର୍ଭବତୀ ମହିଳା ,୨ ବର୍ଷରୁ କମ ବୟସର ଶିଶୁ , ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତି ଏବଂ ଶିଶୁ ପ୍ରସବ କରିଥିବା ମା ଙ୍କୁ ଏକ ସପ୍ତାହ ମଧ୍ୟରେ ଏହି ଔଷଧ ଦିଆଯିବ ନାହିଁ ଓ ତାପରେ ଜିଲ୍ଲା ଭେକ୍ଟରର ବାହିତ ରୋଗ ପରାମର୍ଶ ଦାତା ଶ୍ରୀ ତପନ କୁମାର ସାହୁ ଜିଲ୍ଲାରେ ଫାଇଲେରିଆ ରୋଗର ନିରାକରଣ ପାଇଁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ଓ ସେ ସମସ୍ତ ଜନସାଧାରଣ, ସ୍କୁଲ , କଲେଜର ଛାତ୍ର ଛାତ୍ରୀ , ଅଫିସର କର୍ମଚାରୀଙ୍କୁ ଖାଦ୍ୟ ଖାଇସାରି ଏହି ବଟିକା ଖାଇବା ପାଇଁ ଅନୁରୋଧ କରିଥିଲେ । ସେ କହିଥିଲେ ଫାଇଲେରିଆ ପ୍ରବଣ ଗାଁ ଓ ସହରାଂଚଳ ର ୱାର୍ଡ ମାନଙ୍କରେ କିପରି ସଚେତନତା କାର୍ଯ୍ୟ କ୍ରମ କରି ସମସ୍ତ ଲୋକ ଔଷଧ ଖାଇ ପାରିବେ ତା ଉପରେ ଗୁରୁତ୍ୱ ରୋପ କରିଥିଲେ। ଏହି ସାମୂହିକ ଔଷଧ ସେବନ ଅଭିଯାନର ବ୍ୟାପକ ସଚେତନତା ସୃଷ୍ଟିରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହୁଥିବାରୁ ଏଥିପାଇଁ ଗଣ ମାଧ୍ୟମର ସହଯୋଗ କାମନା କରିଥିଲେ । ଅନୁଷ୍ଠିତ ଏହି ବୈଠକ ରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ , ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡ଼କ୍ଟର ନିଶିତ ରଞ୍ଜନ ଦାସ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଓଡିଶା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି , ରଟଓରି କ୍ଲବର ସଦସ୍ୟ ସଦସ୍ୟା , ବିଭିନ୍ନ ବେସରକାରୀ ସଂସ୍ଥାର ଓ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ପ୍ରଧାନ ଶିକ୍ଷକଙ୍କ ମାଡନେଇ ହେଉଥିବା ଚର୍ଚ୍ଚାରେ ଶିକ୍ଷକଙ୍କ ଦୋଷ ନ ଥିବା କଥା କହିଲେ ଅଭିଭାବିକା

ବାସୁଦେବପୁର , ୦୫/୮ (ନି.ପ୍ର): ବାସୁଦେବପୁର ପୌରପାଳିକାରେ ଥିବା ଶୁକଦେବପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଶୁକ୍ରବାର ଦିନ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର କାଠ ଶେଷ କ୍ଲାସ ନେଉଥିବା ସମୟରେ ବଡ ଭଉଣୀ ର ବ୍ୟାଗ ସାନ ଭଉଣୀ ଦେହରେ ବାଜିଯିବା କାରଣରୁ ତ ?ତୀୟ ଶ୍ରେଣୀର ଛାତ୍ରୀ ବଡ ଭଉଣୀ ନିଜର ସାନ ଭଉଣୀକୁ ତାଗିଦ କରୁଥିଲା। ଏହାଦେଖି ଉତକ୍ଷିପ୍ତ ହୋଇଥିଲେ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର କାଠ । ଛାତ୍ରୀ କୁ ଟେକି ଆଣିବାକୁ ପିଲାଙ୍କୁ ନିର୍ଦ୍ଦେଶ ଦେଇଥିଲେ ! ଅନ୍ୟପିଲା ମାନେ ଛାତ୍ରୀ ଙ୍କୁ ଟାଣି ଟାଣି ସାରଙ୍କ ପାଖକୁ ଆଣିବା ପରେ ଛାତ୍ରୀଙ୍କ ଗାଲକୁ ଦୁଇ ଚାପୁଡ଼ା ସହ ହାତକୁ ମାରିଥିବା ଛାତ୍ରୀ ଏବଂ ଛାତ୍ରୀଙ୍କ ମାଆ ଗଣ ମାଧ୍ୟମ ରେ ଅଭିଯୋଗ କରି ଥିଲେ ! ଏ ବାବଦ ରେ କୌଣସି ଲିଖିତ ଆକାର ଅଭିଯୋଗ ହୋଇ ନ ଥିବାର ସୁଚନା ମିଳେ। ପରେ କୌଣସି ସୂତ୍ର ରୁ ଖବର ପାଇ ବାସୁଦେବପୁର ଏବିଓ ସଂପୃକ୍ତ ଶିକ୍ଷକଙ୍କୁ ବିଇଓ ଅଫିସକୁ ଡକାଇ ପଚରା ଉଚରା କରିଥିଲେ। ଘଟଣା ଘଟିବାର ଗୋଟେ ଦିନ ପରେ ଛାତ୍ରୀ ର ମା ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଘଟଣା ଦିନ ସେ ଛାତ୍ରୀ ଠୁ ଶୁଣି ସାର୍ ଙ୍କ ଉପରେ ରାଗି ଯାଇ ଥିଲେ କିନ୍ତୁ ପରେ ସତ୍ୟାସତ୍ୟ ଜାଣି ଥିଲେ ଯେ ପିଲା ଦୁଇ ଜଣ ଝଗଡ଼ା ଲାଗିଥିଲେ, ପ୍ରଧାନ ଶିକ୍ଷକ ଙ୍କ ର କିଛି ଭୁଲ୍ ନାହିଁ ବୋଲି ସେ କହିବା ସହ କିଛି କାର୍ଯ୍ୟାନୁଷ୍ଠାନ ନ ନେବାକୁ ଏକ ଲିଖିତ ଆକାର ରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି। ଏ ବାବଦ ରେ ବି ଇ ଓ ଙ୍କ ପ୍ରତିକ୍ରିୟା ହସ୍ତ ଗତ ହୋଇ ନାହିଁ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida